


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୯ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 29 July 2024

Vol.No. 35 ■ No.203 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପ୍ୟାରିସ ଅଲିମ୍ପିକ୍ସରେ ଭାରତକୁ ପ୍ରଥମ ପଦକ ଦେଲେ ମନୁ ଭାକର





## ■ ମହିଳା ୧୦ ମିଟର ଏୟାର ପିସ୍ତଲରେ ଜିତିଲେ ବ୍ରୋଞ୍ଜ

ନୂଆଦିଲ୍ଲୀ, ୨୮/୭ : କ୍ରୀଡ଼ା ମହାକୁମ୍ଭରେ ପଦକର ଖାତା ଖୋଲିଛି ଭାରତ। ଟୋକିଓ ପରେ ପ୍ୟାରିସ ଅଲିମ୍ପିକ୍ସରେ ମଧ ମହିଳା ଦେଇଛନ୍ତି ପ୍ରଥମ ପଦକ। ମହିଳାଙ୍କ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଛନ୍ତି ମନୁ ଭାକର। ଏଥିସହ ମନୁ ପ୍ରଥମ ଭାରତୀୟ ମହିଳା ସୁଟର ଭାବେ ସଫଳତା ପାଇଛନ୍ତି । ଫାଇନାଲରେ ମନୁ ୨୨୧ ଦଶମିକ ୭ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ଜିତିଛନ୍ତି। ସେହିପରି ଇଭେଣ୍ଟରେ କୋରିଆର ୟେ ଜିନ୍ ୨୪୩ ଦଶମିକ ୨ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ଏବଂ କିମ୍ ୟେଜି ୨୪୧ ଦଶମିକ ୩ ପଏଣ୍ଟ ସହ ରୌପ୍ୟ ପଦକ ଜିତିଛନ୍ତି । ମନୁ କ୍ୱାଲିଫାଇଙ୍ଗ ରାଉଣ୍ଡରେ ମୋଟ ୫୮୦ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛନ୍ତି । ଭାକର ପ୍ରଥମ ସିରିଜରେ ୯୭, ଦ୍ୱିତୀୟରେ ୯୭, ତୃତୀୟରେ ୯୮, ଚତୁର୍ଥ ୯୬, ପଞ୍ଚମରେ ୯୬ ଏବଂ ଷଷ୍ଠରେ ୯୬ ପଏଣ୍ଟ ହାସଲ କରିଥିଲେ । ମନୁଙ୍କ ସଫଳତା ପରେ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି । ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଜଣାଇଛନ୍ତି ଶୁଭେଚ୍ଛା । ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ ସୋସିଆଲ ମିଡିଆ 'ଏକ୍ସ'ରେ ଅଭିନନ୍ଦନ ଜଣାଇଛନ୍ତି ।

# କେବେ ଖସିବ ଆଳୁ ଦର ?: ଚିନ୍ତାରେ ଖାଉଟି



ଭୁବନେଶ୍ୱର, ୨୮/୭ (ନି.ପ୍ର): ଯୋଗାଣ ମନ୍ତ୍ରୀଙ୍କ ତାଗିଦ ସତ୍ତ୍ୱେ ମଧ ଖସୁନି ଆଳୁ ଦର। ଖାଉଟିମାନେ କେଉଁଟି ୫୦ ତ ଆ କେଉଁଠି ୭୦ ଟଙ୍କା ଦେଇ ଆଳୁ କିଣୁଛନ୍ତି। ଦର ବୃଦ୍ଧିକୁ ନେଇ ଖାଉଟି ଏବେ ଚିନ୍ତାରେ ରହିଛନ୍ତି। ପଶ୍ଚିମବଙ୍ଗରୁ ଆଳୁ ବୋଝେଇ ଟ୍ରକ ଆସିଥିଲେ ବି କେଉଁଠି ଗଳାବାଟ ଦେଇ ତ ଆଉ କେଉଁଠି ହାତଗୁଞ୍ଜା ଦେଇ ଆଳୁ ଆଣୁଛନ୍ତି ବ୍ୟବସାୟୀ। ଏଭଳି ସ୍ଥିତିରେ ଆଳୁ କେଜି ପିଛା ୩୨ ଟଙ୍କାରେ ବିକ୍ରି ପାଇଁ ମନ୍ତ୍ରୀଙ୍କ ତାଗିଦ୍ କରିଥିଲେ ହେଁ ଏହାକୁ ମାନିବାକୁ ନାରାଜ୍ ଖୁଚୁରା ବ୍ୟବସାୟୀ। ବର୍ତ୍ତମାନ ରାଜବ୍ୟାପି ଆଳୁ ହଲଚଲ୍। ଦର ଶୁଣି ହଲକ ଶୁଖିଯାଉଛି। କୃତ୍ରିମ ଅଭାବ ଯୋଗୁ ଖାଉଟି କଲବଲ ହେଉଛନ୍ତି। ପ୍ରାୟ ୪ ଦିନ ହୋଇଗଲାଣି ସ୍ୱାଭାବିକ ସ୍ଥିତିକୁ ଫେରିପାରୁନି ଆଳୁର ଦାମ୍। କେଉଁଠି ବିକ୍ରି ହେଉଛି ୪୦ ଉପରେ ତ ଆଉ କେଉଁଠି ୫୦। ଭୁବନେଶ୍ୱର, ବାଲେଶ୍ୱର ଓ ବ୍ରହ୍ମପୁରରେ ଆଳଚ କେଜି ପିଛା ୪୫ ଟଙ୍କା ରହିଛି।

▶▶ପୃଷ୍ଠା ୭

# ପାଣି ଉଠାଇବା ବେଳେ ବୁଡ଼ିଗଲେ ୨ କାଉଡ଼ିଆ

କଟକ, ୨୮/୭ (ନି.ପ୍ର): ଆସନ୍ତାକାଲି ଶ୍ରାବଣ ମାସର ଦ୍ୱିତୀୟ ସୋମବାର। ଏଥିପାଇଁ ବୋଲ ବମ ଯାତ୍ରାର ବ୍ରତଧାରୀ ବା କାଉଡ଼ିଆମାନେ ବିଭିନ୍ନ ସ୍ଥାନରୁ ପାଣି ଆଣି ଶୈବପୀଠ ଅଭିମୁଖେ ଯାଉଛନ୍ତି। ହେଲେ ଏସବୁ ଭିତରେ ଗୋଟିଏ ଦୁଃଖଦ ଖବର ସାମ୍ନାକୁ ଆସିଛି। ପାଣି ଉଠାଇବା ବେଳେ ମହାନଦୀର ଗଡ଼ଗଡ଼ିଆ ଘାଟରେ ବୁଡ଼ି ଯାଇଛନ୍ତି ଦୁଇ ଜଣ ଯୁବକ। ସର୍ବସମ୍ମୁଖରେ ଦୁଇ ଜଣ କାଉଡ଼ିଆ ବୁଡ଼ି ଯାଉଥିବା ବେଳେ ସାଥୀ ବୋଲ ବମ ବ୍ରତଧାରୀ ଓ ଅଗ୍ନିଶମ କର୍ମଚାରୀ ଜଣଙ୍କୁ ଉଦ୍ଧାର କରିଛନ୍ତି। ତେବେ ଆଉ ଜଣେ ଯୁବକ ଗଡ଼ଗଡ଼ିଆ ଘାଟର ଗଣ୍ଡରେ ପଡ଼ି ନିଖୋଜ ହୋଇଯାଇଛନ୍ତି। ତାଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଚାଲିଥିଲେ ହେଁ ଏଯାଏ କୌଣସି ସଫଳତା ମିଳି ନାହିଁ। ନିଖୋଜ ଯୁବକ ଜଣକ ଭୁବନେଶ୍ୱରର ବୋଲି ଜଣାପଡ଼ିଛି। ଟିକିନା ନାୟକ ନାମକ ଜଣେ ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି, "ଆମେ ଘାଟରେ ବସିଥିବା ବେଳେ ଆମ ଲୋକମାନେ ସମସ୍ତେ ପାଣି ଉଠାଇବାକୁ ଭିତରକୁ ଯାଇଥିଲେ। ତେବେ ନଦୀର ଗଣ୍ଡରେ ପାଣି ଉଠାଉଥିବା ବେଳେ ଦୁଇ ଜଣ ହଠାତ୍ ବୁଡ଼ି ଯାଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚିଥିଲେ। ଆମେ ତାଙ୍କ ସହ ମିଶି ଜଣଙ୍କୁ ବଞ୍ଚାଇ ପାରିଥିଲୁ। ଆଉ ଜଣଙ୍କୁ ବଞ୍ଚାଇ ହେଲାନି। ବେଶୀ ଖାଲ ଥିବାରୁ କେହି ସାହାସ କରି ଆଗକୁ ଯାଇ ନଥିଲେ।"

# ଲ୍ୟାଣ୍ଡମାଇନ ବିସ୍ଫୋରଣରେ ନାବାଳକ ମୃତ

ମାଲକାନଗିରି , ୨୮/୭ (ନି.ପ୍ର): ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ୧୦ ବର୍ଷର ବାଳକର ମୃତ। ଘଟଣାଟି ହେଉଛି ମାଲକାନଗିରି ସୀମାନ୍ତ ବିଜାପୁର ଜିଲ୍ଲାରେ ମାଓବାଦୀଙ୍କ ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ଜଣେ ଦଶ ବର୍ଷର ବାଳକଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ନାଁ ହେଉଛି ହିଡ଼ମା କବାସୀ। ମୁଡ଼ଭେଣ୍ଡି ଜଙ୍ଗଲରେ ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରି ନକ୍ସଲ ମାନେ ଲ୍ୟାଣ୍ଡ ମାଇନ ଖଞ୍ଜିଥିଲେ। ହିଡ଼ମା କବାସୀ ଆଜି ସେଇ ଜଙ୍ଗଲକୁ ଯାଇଥିଲେ। ଖଞ୍ଜାହୋଇଥିବା ଲ୍ୟାଣ୍ଡମାଇନ ଉପରେ ହିଡ଼ମା ଚଢିଯାଇଥିଲେ। ଫଳରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ହିଡ଼ମା ଗୁରୁତର ଆହାତ ହୋଇ ପଡ଼ିଯିବାରୁ। ତୁରନ୍ତ ବିଜାପୁର ଜିଲ୍ଲା ଡାକ୍ତରଖାନାକୁ ତାଙ୍କୁ ନିଆଯାଇଥିଲା। ଶିଶୁ ହିଡମା କାୱାସୀଙ୍କ ହାତ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଉତ୍ତମ ଚିକିତ୍ସା ପାଇଁ ଜିଲ୍ଲା ହସ୍ପିଟାଲ ବିଜାପୁରକୁ ନିଆ ଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ହିଡ଼ମା କବାସୀଙ୍କର ମୃତ୍ୟୁ ହୋଇଥିବା ବିଜାପୁର ଏସପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି।

# ୩୧ ସୁଦ୍ଧା ଆଉ ଏକ ଘୂର୍ଣ୍ଣିବଳୟ

ଭୁବନେଶ୍ୱର, ୨୮/୭ (ନି.ପ୍ର): ଆସନ୍ତା ଜୁଲାଇ ୩୧ ସୁଦ୍ଧା ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏନେଇ ଆଜି ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱିବେଦୀ ସୂଚନା ଦେଇଛନ୍ତି। ତାଙ୍କ କହିବା କଥା ଯେ ୩ ପର୍ଯ୍ୟନ୍ତ ଉତ୍ତର ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷାର ଆଶଙ୍କା ରହିଛି। ସେହିପରି ୩୧ରୁ ୨ ଯାଏ ଛତିଶଗଡ଼ରେ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି। ଏହାବାଦ ଆସନ୍ତା ୨୪ ଘଣ୍ଟା ଯାଏ ୬ ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ତେଣୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ୬ ଜିଲ୍ଲାରେ ୭୦ରୁ ୧୧୦ ମିମି ପର୍ଯ୍ୟନ୍ତ ବର୍ଷା ହେବାର ଆଶଙ୍କା ରହିଛି। ୩୧ ତାରିଖ ସକାଳ ୮.୩୦ ଯାଏ ୧୪ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ଆକଳନ କରାଯାଇଛି। ସେସବୁ ଜିଲ୍ଲାଗୁଡ଼ିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା, ଦେବଗଡ଼, ମାଲକାନାଗିରି, କୋରାପୁଟ ଓ ରାୟଗଡ଼ା। ଏହି ସବୁ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏଠାରେ ୭ରୁ ୧୧ ସେମି ଯାଏ ବର୍ଷା ହୋଇପାରେ। ଅନ୍ୟପକ୍ଷରେ ମତ୍ସ୍ୟଜୀବୀଙ୍କୁ ମଧ୍ୟ ସମୁଦ୍ର ମଧକୁ ଯିବାକୁ ବାରଣ କରାଯାଇଛି।

# ୨୦ଟି ଗେଟ୍ ଦେଇ ହୀରାକୁଦ ଡ୍ୟାମ୍‌ରୁ ହେଉଛି ବନ୍ୟାଜଳ ନିଷ୍କାସନ



ସମ୍ବଲପୁର, ୨୮/୭ (ନି.ପ୍ର): ଆଜି ହୀରାକୁଦ ଡ୍ୟାମ୍‌ର ଗେଟ୍ ଖୋଲା ଯାଇ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଉଛି। ଏବେ ମୋଟ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ତିନିଟି ପର୍ଯ୍ୟାୟରେ ଆଜି ହୀରାକୁଦ ଡ୍ୟାମର ୨୦ଟି ଗେଟ୍ ଖୋଲାଯାଇଛି। ଆଜି ସକାଳ ୯ଟା ବେଳେ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା ପରେ ପ୍ରଥମେ ଡ୍ୟାମ୍‌ର ବାମ ପାର୍ଶ୍ୱର ୭ ନମ୍ବର ...୮

# ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ମୋଦୀ ଦେଲେ ଗୁରୁମନ୍ତ୍ର





ନୂଆଦିଲ୍ଲୀ, ୨୮/୭ :ନୂଆଦିଲ୍ଲୀ ସ୍ଥିତ ମୁଖ୍ୟାଳୟରେ ୨ ଦିନିଆ ବିଜେପି ମୁଖ୍ୟମନ୍ତ୍ରୀ ପରିଷଦ ବୈଠକ। ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନଙ୍କୁ ମୋଦୀ ଦେଲେ ଗୁରୁମନ୍ତ୍ର। ଲୋକସଭା ନିର୍ବାଚନ ଫଳାଫଳର ସମୀକ୍ଷା କରାଯିବା ସହ ଆଗାମୀ ଦିନରେ ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତ ହୋଇଛି ରଣନୀତି। ୨ ଦିନ ଧରି ଚାଲିବାକୁ ଥିବା ଏହି ବୈଠକରେ ୧୬ ବିଜେପି ଶାସିତ ରାଜ୍ୟରୁ ୧୩ ଜଣ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିବା ବେଳେ ମହାରାଷ୍ଟ୍ର, ବିହାର ଓ ନାଗାଲାଣ୍ଡର ଉପ ମୁଖ୍ୟମନ୍ତ୍ରୀ ମାନେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଏହି ସଭାରେ ବିଜେପି ସଭାପତି ଜେପି ନଡ୍ଡା , ଗୃହମନ୍ତ୍ରୀ ଅମିତ ଦଳର ଅନ୍ୟ ବରିଷ୍ଠ ନେତାମାନେ ଯୋଗ ଦେଇଥିଲେ। ବୈଠକରେ ୨୦୨୪ ଲୋକସଭା ନିର୍ବାଚନର ବିଶ୍ଳେଷଣ କରାଯାଇଥିଲା। ଏଥି ସହିତ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ ଏବଂ ସମ୍ପୃକ୍ତ ରାଜ୍ୟ ମାନଙ୍କରେ କିଭଳି ତ୍ୱରାନ୍ୱିତ ଗତିରେ କେନ୍ଦ୍ରୀୟ ଏବଂ ରାଜ୍ୟ ଯୋଜନା କାର୍ଯ୍ୟକାରୀ ସେ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାକୁ

▶▶ପୃଷ୍ଠା ୭

# ୧୩ କ୍ୱିଣ୍ଟାଲ ଗଞ୍ଜେଇ ଜବତ: ୩ ଗିରଫ

ବଲାଙ୍ଗୀର, ୨୮/୭ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଲାଠୋର ପୁଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇ ର ଓଜନ ପ୍ରାୟ ୧୩ କ୍ୱିଣ୍ଟାଲ ୧୯ କେଜି ହେବ। ଯାହାର ଆନୁମାନିକ ମୂଲ୍ୟ ରହିଛି ପ୍ରାୟ ୪୦ ଲକ୍ଷ। ଏଥିରେ ସମ୍ପୃକ୍ତ ଥିବା ତିନି ବ୍ୟକ୍ତିଙ୍କୁ ଗିରଫ କରିଛି ପୁଲିସ। ଗିରଫ ବ୍ୟକ୍ତିଙ୍କ ପରିଚୟ ମିଳିନାହିଁ। ଆଜି ଏକ ପିକଅପ ଭ୍ୟାନ ଗଞ୍ଜେଇ ଭର୍ତ୍ତି କରି କନ୍ଧମାଳରୁ ନୂଆପଡ଼ା ଜିଲ୍ଲାକୁ ଚାଲାଣ ହେଉଥିବା ପୁଲିସ ଖବର ପାଇଥିଲା। ଖବର ପାଇ ଲାଠୋର ପୁଲିସ ଝଲିଆଲିଟି ଗାଁର ପତ୍ରଫଡ଼ି ନିକଟରେ ଚଢ଼ାଉ କରିଥିଲା। ଚଢାଉ ବେଳେ ଗଞ୍ଜେଇ ଭର୍ତ୍ତି ପିକଅପକୁ କାବୁ କରିଥିଲା ପୁଲିସ। ତେବେ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ତିନି ଗିରଫ ହୋଇଛନ୍ତି।

# ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଚଞ୍ଚକତା କରିଥିବା ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ: ଆଇନ ମନ୍ତ୍ରୀ



ଭୁବନେଶ୍ୱର, ୨୮/୭ (ନି.ପ୍ର): ଖୁବ୍ ଶୀଘ୍ର ରତ୍ନଭଣ୍ଡାର ମରାମତି କରାଯିବ। ଶ୍ରୀମନ୍ଦିର ରତ୍ନଭଣ୍ଡାର ଯାଞ୍ଚ ଓ ମରାମତି ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ଏହା କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ ଆହୁରି କହିଛନ୍ତି, ପ୍ରାଥମିକ ଯାଞ୍ଚ ସରିଛି, ଖୁବ ଶୀଘ୍ର ଏଏସଆଇ ମରାମତି ଆରମ୍ଭ କରିବ। ପ୍ରଥମେ ବାହାର ରତ୍ନଭଣ୍ଡାରର କାମ ଆରମ୍ଭ ହେବ। ପରେ ଭିତର ଭଣ୍ଡାର ମରାମତି କାମ ହେବ। ଲେଜର ସ୍କାନିଂ ହେବ କି ନାହିଁ ନିଷ୍ପତ୍ତି ନିଆଯିବ। ମହାପ୍ରଭୁଙ୍କ ରୀତିନୀତିରେ ଯେପରି କୌଣସି ଅସୁବିଧା ନହେବ ତାକୁ ପ୍ରଥମିକତା ଦିଆଯିବ। ସେ ସମ୍ପର୍କରେ ସେବାୟତଙ୍କ ସହ ଆଲୋଚନା ସରିଛି। ଏଣେ ଏସଓପିରେ କିଛି ସଂଶୋଧନ ଦରକାର ଥିଲା, ସେନେଇ ନିଷ୍ପତ୍ତି ହୋଇ ସାରିଛି। ତେଣେ

▶▶ପୃଷ୍ଠା ୭

# ୧୦ ରାଜ୍ୟରେ ନୂଆ ରାଜ୍ୟପାଳ ନିଯୁକ୍ତ



ନୂଆଦିଲ୍ଲୀ, ୨୮/୭ : ଦେଶର ୧୦ଟି ରାଜ୍ୟରେ ନୂଆ ରାଜ୍ୟପାଳ ନିଯୁକ୍ତ କରାଯାଇଛି। ତା'ସହିତ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀରେ ନୂଆ ଉପ-ରାଜ୍ୟପାଳ ନିଯୁକ୍ତ କରାଯାଇଛି। ଶନିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ନିଯୁକ୍ତି ଦେଇଛନ୍ତି। ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କୁ ଆସାମର ରାଜ୍ୟପାଳ ଭାବେ ନୂତନ ନିଯୁକ୍ତି ମିଳିଛି। ଏହା ସହିତ ସେ ମଣିପୁରର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେ ପୂର୍ବରୁ ସିକ୍କିମର ରାଜ୍ୟପାଳ ଥିଲେ। ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କ ସ୍ଥାନରେ ବରିଷ୍ଠ ବିଜେପି ନେତା ଓମ୍ ପ୍ରକାଶ ମାଥୁରଙ୍କୁ ସିକ୍କିମର ରାଜ୍ୟପାଳ କରାଯାଇଛି। ପଞ୍ଜାବର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତି ପାଇଛନ୍ତି ଗୁଲାବ ଚାନ୍ଦ କଟରିଆ। ପଞ୍ଜାବ ରାଜ୍ୟପାଳ ଭାବେ ବନୱାରୀଲାଲ୍ ପୁରୋହିତଙ୍କ ଇସ୍ତଫା ପରେ ଗୁଲାବ ଚାନ୍ଦ କଟରିଆଙ୍କୁ ଏହି ନିଯୁକ୍ତି ମିଳିଛି। ସିପି ରାଧାକୃଷ୍ଣନଙ୍କୁ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ ନୂତନ ନିଯୁକ୍ତି ମିଳିଛି। ପୂର୍ବରୁ ସେ ଝାଡ଼ଖଣ୍ଡର ରାଜ୍ୟପାଳ ଥିଲେ। ତା' ସହିତ ତେଲଙ୍ଗାନାର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ସନ୍ତୋଷ କୁମାର ଗଙ୍ଗୱାରଙ୍କୁ ଝାଡ଼ଖଣ୍ଡର ରାଜ୍ୟପାଳ ନିଯୁକ୍ତ କରାଯାଇଛି। ସେହିପରି ତ୍ରିପୁରାର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ଜିଷ୍ଣୁ ଦେବ ବର୍ମାଙ୍କୁ ତେଲଙ୍ଗାନାର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି। ମହାରାଷ୍ଟ୍ରର ବରିଷ୍ଠ ବିଜେପି ନେତା ହରିଭାଉ କିସନରାଓ ବାଗଡେଙ୍କୁ ରାଜସ୍ଥାନର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି। କଲରାଜ ମିଶ୍ରଙ୍କ ସ୍ଥାନରେ ତାଙ୍କୁ ଏହି ନିଯୁକ୍ତି ମିଳିଛି। ଆସାମର ପୂର୍ବତନ ଲୋକସଭା ସାଂସଦ ରାମେନ ଡେକାଙ୍କୁ ଛତିଶଗଡ଼ର ରାଜ୍ୟପାଳ କରାଯାଇଛି। ବିଶ୍ୱଭୂଷଣ ହରିଚନ୍ଦନଙ୍କ ସ୍ଥାନରେ ତାଙ୍କୁ ମିଳିଛି ଏହି ନିଯୁକ୍ତି। ସେହିପରି କର୍ଣ୍ଣାଟକାର ମହୀଶୂରର ପୂର୍ବତନ ଲୋକସଭା ସାଂସଦ ସି. ଏଚ୍ ବିଜୟଶଙ୍କରଙ୍କୁ ମେଘାଳୟର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି। ପୂର୍ବତନ ଆଇଏଏସ୍ ଅଫିସର କେ କୈଳାଶନାଥଙ୍କୁ ପୁଡୁଚେରିର ଉପ-ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି। ସେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ମୁଖ୍ୟ ପ୍ରଧାନ ସଚିବ ଭାବେ କାର୍ଯ୍ୟ କରୁଥିଲେ। ଚାକିରିରୁ ଅବସର ନେବା ପରେ ସେ ବହୁ ବର୍ଷ ଧରି ଏହି ପଦବୀରେ ଥିଲେ। ଗତ ଜୁନ୍ ୩୦ ତାରିଖରେ ସେ ଏହି ପଦରୁ ଇସ୍ତଫା ଦେଇଥିଲେ।

# ମୋ ବସ୍‌ରୁ ଲୁଟୁଥିବା ୩ ମହିଳା ଗିରଫ

ଭୁବନେଶ୍ୱର, ୨୮/୭ (ନି.ପ୍ର): ମୋ ବସ୍‌ରୁ ଯାତ୍ରୀଙ୍କୁ ଲୁଟୁଥିବା ୩ ଜଣ ମହିଳାଙ୍କୁ କାବୁ କରିଛି ନୟାପଲ୍ଲୀ ପୋଲିସ୍। ଗିରଫ ମହିଳାମାନେ ଛତିଶଗଡ ରାୟପୁର ଅଂଚଳର। ଏମାନେ ଯାତ୍ରୀ ବେଶରେ ଏକାଠି ବସରେ ଚଢ଼ନ୍ତି ଏବଂ ଭିଡ଼ର ସୁଯୋଗ ନେଇ ଟଙ୍କା, ମୋବାଇଲ ଲୁଟ୍ କରନ୍ତି। ମୋ ବସରୁ ଲୁଟ ନେଇ ଗତକାଲି ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ମୁତାବକ ଜଣେ ଯୁବକ ନୟାପଲ୍ଲୀ ଦୁର୍ଗାମଣ୍ଡପ ନିକଟ ନାବାର୍ଡ଼ସ୍ଥିତ ମୋ ବସଷ୍ଟାଣ୍ଡରେ ଓହ୍ଲାଇବା ପରେ ତାଙ୍କ ପକେଟରେ ଥିବା ୨୫ ହଜାର ଟଙ୍କା ନଥିବା ଜାଣିବାକୁ ପାଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ସାଦା ପୋଷାକରେ ବସରେ ବୁଲି ୩ ଜଣ ମହିଳାଙ୍କୁ କାବୁ କରିଛି ପୋଲିସ।

# ଓଡ଼ିଆ ଭାଷାରେ ନଥିପତ୍ର: ସବୁ ସଚିବଙ୍କୁ ରିପୋର୍ଟ ମାଗିଲା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ





ଭୁବନେଶ୍ୱର, ୨୮/୭ (ନି.ପ୍ର): ଓଡ଼ିଆ ଅସ୍ମିତାକୁ ପ୍ରସଙ୍ଗ କରି ନିର୍ବାଚନୀ ସଫଳତା ପାଇଥିବା ବିଜେପି ସରକାରଙ୍କ କଡ଼ା ଆଭିମୁଖ୍ୟ ଯୋଗୁ ଏବେ ବିଭାଗୀୟ ସଚିବଙ୍କ ଅଡୁଆ ବଢ଼ିବାରେ ଲାଗିଛି । ସମସ୍ତ ବିଭାଗର ନଥିପତ୍ର କାର୍ଯ୍ୟ ଓଡ଼ିଆ ଭାଷାରେ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଇଥିବା ନିର୍ଦ୍ଦେଶକୁ ପାଳନ ପାଇଁ କି ପଦକ୍ଷେପ ନିଆଯାଇଛି ତାହା ୨୯ତାରିଖ ସୁଦ୍ଧା ଜଣାଇବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସବୁ ବିଭାଗୀୟ ସଚିବମାନଙ୍କୁ ରିପୋର୍ଟ ମଗାଯାଇଛି । ଆଉ ମୁଖ୍ୟମନ୍ତ୍ରୀଙ୍କ ଏଭଳି କଡ଼ା ଆଭିମୁଖ୍ୟ ପରେ ବିଭିନ୍ନ ବିଭାଗ ପକ୍ଷରୁ ଓଡ଼ିଆ

▶▶ପୃଷ୍ଠା ୭

# ବିଭିନ୍ନ ବିଦ୍ୟାଳୟର କବାଟ ଓ ଝରକାରେ ଷ୍ଟିକର ଲଗାଇବା ନାମରେ ୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର ଅଭିଯୋଗ

କେନ୍ଦୁଝର, ୨୮/୦୭ (ନି.ପ୍ର): କେନ୍ଦୁଝରର କିଛି ଅସାଧୁ ପ୍ରଶାସନିକ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର କବାଟ ଓ ଝରକାରେ ଷ୍ଟିକର ଲଗାଇବା ନାମରେ ଏକ ବିରାଟ ଘୋଟାଲା ସାମ୍ନାକୁ ଆସିଛି। ଏଥିରେ ପ୍ରାୟ ୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି । ଜିଲ୍ଲାର ନାମକୁ ମାତ୍ର କିଛି ବିଦ୍ୟାଳୟ କବାଟ ଓ ଝରକାରେ ଲୋକଖୋଣିଆ ଭାବେ ଷ୍ଟିକର ଲଗାଇ ଏକ ମୋଟା ଅଙ୍କର ଅର୍ଥ ହଡପ ହୋଇଥିବା ଘଟଣା ଚର୍ଚ୍ଚାକୁ ଆସିଛି । ଯଦିଓ ଏକ ନୀରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ ଦ୍ୱାରା ସମସ୍ତ ସତ୍ୟ ଲୋକଲୋଚନକୁ ଆସି ପାରିବ ବୋଲି ମତ ପକାଶ ପାଉଛି । ସୂଚନା କର୍ମୀ ହିଂମାଶୁ ଶେଖର ନାଏକ ଓ ଯଜ୍ଞ ପ୍ରସାଦ ସାହୁଙ୍କ କହିବାନୁଶାରେ କେନ୍ଦୁଝର ଜିଲ୍ଲାର ୩୪୦ ରୁ ଉର୍ଦ୍ଧ ବିଦ୍ୟାଳୟର କବାଟ ଓ ଝରକାରେ ଷ୍ଟିକର ଲଗାଇବା ନାମରେ ପ୍ରାୟ ୮ କୋଟିରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି । ସମସ୍ତ ଅର୍ଥ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ଦିଆଯାଇଅଛି । ସବୁଠାରୁ ଗୁରୁତ୍ୱପୁର୍ଣ୍ଣ ଘଟଣା ହେଲା ଯେ, ଏତେ ଅଧିକ ଟଙ୍କାର କାର୍ଯ୍ୟାଦେଶ ବିନା ଟେଣ୍ଡରରେ ଏକ ନିର୍ଦ୍ଧିଷ୍ଟ ସଂସ୍ଥାକୁ ଦିଆଯାଇ ଏକ ବଡ ଅଙ୍କ ଅର୍ଥ ହଡପ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି ।

ହିଂମାଶୁଙ୍କ ତଥ୍ୟନୁଶାରେ, କେନ୍ଦୁଝର ଜିଲ୍ଲାରେ ରହିଛି ୪୫୨ଟି ଉଚ୍ଚ ବଦ୍ୟାଳୟ । ସେ ମଧ୍ୟରୁ ଏହି ଷ୍ଟିକର ଲଗାଇବା କାମରେ ତିନୋଟି ପର୍ଯ୍ୟାୟରେ ବିଦ୍ୟାଳୟ ପିଛା ପ୍ରାୟ ଅଢେଇ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ୩୪୨ ଟି ବଦ୍ୟାଳୟକୁ ସାମିଲ କରାଯାଇଛି । ଏବଂ ଏଥିପାଇଁ ୮କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଯେ, ଏହି କୋଟି କୋଟି ଟଙ୍କା ଖର୍ଚ୍ଚ ପାଇଁ କୌଣସି ଖୋଲା ଟେଣ୍ଡର ହୋଇନାହିଁ । ବରଂ ଚଂଚକତା କରାଯାଇ ସମସ୍ତ କାମକୁ ଭାଗ ଭାଗ କରାଯାଇ କୋଟେସନ ମଗାଯାଇ ତା ମାଧମରେ କାମ ଚଳାଇ ନିଆଯାଇଛି । ଏହି ସମସ୍ତ କାମ ଭୁବନେଶ୍ୱରର ପ୍ରୀତି ପଣ୍ଡା ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ନାମକ ସଂସ୍ଥାକୁ ଦିଆଯାଇଛି । ଡିଏମ ଏଫ ଫଣ୍ଡର ଅଧକ୍ଷ ତଥା ତତ୍କାଳୀନ ଜିଲ୍ଲାପାଳ ଆଶିଷ ଠାକ୍ରେ ଏହି ଷ୍ଟିକରିଂ କାମର ନିଷ୍ପତି ନେବା ସମୟରେ ହିଁ ଏଥିପାଇଁ ୮ କୋଟିରୁ ଉର୍ଦ୍ଧ ଟଙ୍କାଖର୍ଚ୍ଚ ହେବ ବୋଲି ଜାଣିଥିଲେ ମଧ କେଉଁ ଲୁକ୍କାୟିତ ସ୍ୱାର୍ଥ ଉଦ୍ଦେଶ୍ୟରେ ଟେଣ୍ଡର କରିବା ପରବର୍ତେ ବିଦ୍ୟାଳୟ ସ୍ତରରେ କୋଟେସନ ମାଧମରେ କାମ କରିବାକୁ ନିଷ୍ପତି ନେଲେ ତାହା ଏବେ ବି ରହସ୍ୟପର୍ଣ୍ଣ ହୋଇ ରହିଛି।

ସବୁଠାରୁ ଗୁରୁତ୍ୱପୁର୍ଣ୍ଣ କଥା ହେଲା ଯେ, ଟେଣ୍ଡର ପରିବର୍ତେ ହୋଇଥିବା ଏହି କୋଟେସନ ବ୍ୟବସ୍ଥାରେ କେବଳ ଭୁବନେଶ୍ୱର ଅଂଚଳର ୩ଟି ସଂସ୍ଥା ବ୍ୟତିତ ଅନ୍ୟ କେହି ଜାଣି ନ ପାରିବା, ଏପରିକି କେନ୍ଦୁଝରର କୌଣସି ବ୍ୟବସାୟ ପ୍ରତିଷ୍ଠାନ ମଧ କୌଣସି ସୁରାକ ନ ପାଇବା ଘଟଣା ବେଶ ତାତ୍ପର୍ଯ୍ୟପୁର୍ଣ୍ଣ, ଯେଉଁଥିରୁ ଗୋଟିଏ କୌଣସି ଏକ ଅନ୍ତର୍ନିହିତ ଉଦ୍ଦେଶ୍ୟରେ ଯେ ଏକ ନିର୍ଦ୍ଧିଷ୍ଟ ସଂସ୍ଥାକୁ ସମସ୍ତ ଷ୍ଟିକରିଂ କାମ ଦିଆଯାଇଛି ତାହା ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି ବୋଲି କୁହାଯାଇପାରେ ।

ଏ ସଂପର୍କରେ ତେଲକୋଇ ଓ ସର ବ୍ଲକ ଅଂଚଳରେ ଅନୁସନ୍ଧାନ ସମୟରେ ତେଲକୋଇ ବ୍ଲକର ମଧୁସୂଦନପୁର ଗାଁର ସରକାରୀ ଉଚ୍ଚ ବିଦ୍ୟାଳୟ, ଖୁଟାଂପଡାର ବ୍ରହ୍ମେଶ୍ୱର ଉଚ୍ଚ ବିଦ୍ୟାଳୟ ସହ ଅଧିକାଂଶ ବିଦ୍ୟାଳୟରେ ଷ୍ଟିକରଂ ହୋଇ ନଥିବା ଜଣାପଡିଥିଲା । କେନ୍ଦୁଝର ପୌରାଚଂଳର ସର ବାଳିକା ବିଦ୍ୟାଳୟରେ ଯଦିଓ ଷ୍ଟିକରିଂ ହୋଇଥିବା ନେଇ ଖୋଲାଯାଇଥିଲା କିନ୍ତୁ ଏହି କାମ କେଉଁ ସଂସ୍ଥା କେଉଁ ନିୟମ ଆଧାରରେ କରିଛି ତାହା ସଂପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ ପାଟି ଖୋଲିବାକୁ ନାରାଜ । ସୂଚନାକର୍ମୀ ଏହି ଟଙ୍କା ବ୍ଲକ ମାଧ୍ୟମରେ ଖର୍ଚ୍ଚ କରାଯାଇଥିବା କହିଥିଲେ ମଧ ବ୍ଲକ କର୍ତ୍ତୃପକ୍ଷ ମୁହଁ ଖୋଲିବାକୁ ନାରାଜ। ଅନ୍ୟ ଏକ ଗୁରୁତ୍ୱପୁର୍ଣ୍ଣ ଘଟଣା ହେଲା ଯେ, ବିଦ୍ୟାଳୟରେ ଷ୍ଟିକରିଂ କାର୍ଯ୍ୟକ୍ରମର କୌଣସି ବି ତଥ୍ୟ ଆରଟିଆଇରେ ମାଗିଲେ ବି ଡିଏମଏଫ ଅଧିକାରୀ ଦେଉନଥିବା ବେଳେ ତାଙ୍କର ୱେବ ସାଇଡ୍‌ରେ ମଧ ସଠିକ ତଥ୍ୟ ପରିବର୍ତେ କେବଳ ବିଭ୍ରାନ୍ତିକର ତଥ୍ୟ ଦିଆଯାଇଥିବା ଯୋଗୁଁ ସଠିକ ତଥ୍ୟ ମିଳିପାରୁନାହିଁ । ଯାହା ସ୍ୱାଭାବିକ ଭାବେ ସନ୍ଦେହକୁ ବଢାଉଥିବାରୁ ଏହି ଘୋଟାଲାର ବିଧିବଦ୍ଧ ତଦନ୍ତ ପାଇଁ ସବୁ ମହଲରୁ ତୀବ୍ର ଦାବୀ ଉଠିଛି ।

# ରାଷ୍ଟ୍ରବାଦୀ ସଂଗଠନ ଭାରତ ବିକାଶ ପରିଷଦର ତୁଳସୀକ୍ଷେତ୍ର ଶାଖା ଗଠନ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୨୮/୦୭ (ନି.ପ୍ର): ରାଷ୍ଟ୍ରବାଦି ସଂଗଠନ ଭାରତ ବିକାଶ ପରିଷଦର ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ା ଶାଖା ସ୍ଥାପନର ଏକ ପ୍ରସ୍ତୁତି ବୈଠକ ସଂଯୋଜକ ପ୍ରମୋଦ କୁମାର ଧଳଙ୍କ ସଂଯୋଜନା ଏବଂ ଓଡ଼ିଶା ପୂର୍ବ ପ୍ରାନ୍ତର ସଭାପତି ସତ୍ୟବାଦୀ ଦାସଙ୍କ ସଭାପତିତ୍ୱରେ ଗୋପଛକସ୍ଥିତ କମଳଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରାନ୍ତ ମହାସଚିବ ସୌମେନ୍ଦ୍ର ଦାସ ଯୋଗଦେଇ ସଂଗଠନର ସଂରଚନା, ବିସ୍ତାର, ଉଦ୍ଦେଶ୍ୟ ଏବଂ ଉପଲବ୍ଧି ସମ୍ପର୍କରେ ସୂଚନା ଦେବା ସହ ସମାଜର ସମୃଦ୍ଧ ଶ୍ରେଣୀର ବ୍ୟକ୍ତିମାନଙ୍କୁ ଏକତ୍ରିତ କରି ବଂଚିତ ବର୍ଗର ବ୍ୟକ୍ତିମାନଙ୍କ ସେବା କରିବା ପାଇଁ ଭାରତ ବିକାଶ ପରିଷଦ ତୁଳସୀକ୍ଷେତ୍ର ଶାଖା କେନ୍ଦ୍ରାପଡ଼ା ଗଠନର ଲକ୍ଷ ସମ୍ପର୍କରେ ଉପସ୍ଥିତ ବୁଦ୍ଧିଜୀବୀ ମାନଙ୍କୁ ଧାରଣ ପ୍ରଦାନ କରିଥିଲେ। ବୈଠକରେ ପଣ୍ଡିତ ହୃଷୀକେଶ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତୀୟ ସଂସ୍କୃତି, ପରମ୍ପରା ଓ ସଂସ୍କାର ସମ୍ବନ୍ଧରେ ସମବେତ କେନ୍ଦ୍ରାପଡ଼ାର ସମୃଦ୍ଧ ଓ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକର ସୁପରିଚାଳନାରେ ଭୁବନ ମୋହନ ଜେନା, ସରୋଜ କୁମାର ମହାନ୍ତି, ମାତୃଦତ ମହାନ୍ତି, ସଞ୍ଜୟ କୁମାର ପତ୍ରୀ, ଅପର୍ଣ୍ଣା ମହାନ୍ତି, ନବଜ୍ୟୋତି ରାୟ, ଅତୁଲ ବଳ, ତପନ କୁମାର ପତି, ବୈକୁଣ୍ଠ ନାଥ ପରିଡ଼ା, ଡ. ସର୍ବେଶ୍ୱର ସେଣ, କପିଳ ଶତପଥୀ, ରବି ନାରାୟଣ ପତି, ଜଗନ୍ନାଥ ଧଳ, ଚିତରଞ୍ଜନ ଦାସ, ଗୁରୁଚରଣ ସେଠୀ, ରଜନୀ କାନ୍ତ ଦାସ, ଭକ୍ତକବି ଦାସ, ଶୃତିକାନ୍ତ ପଣ୍ଡିତ୍ରା, ହରିଶଙ୍କର ସାହୁ, ସରୋଜ ସାହୁ, ପ୍ରମୋଦ ଦାସ, ପ୍ରସନ୍ନ ପରିଡା, ଗୋଲଖ ବେହେରା, ବିବେକାନନ୍ଦ ମହାରଣା, କରୁଣାକର ସାହୁ ପ୍ରମୁଖ ଉପସ୍ଥିତ ରହି ଶାଖାକୁ କିପରି ଆଗକୁ ବଢାଯିବ ସେ ସମ୍ପର୍କରେ ମତ ରଖିଥିଲେ।

# ହିଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ

ଧର୍ମଶାଳା, ୨୮/୦୭ (ନି.ପ୍ର): ପରିବେଶକୁ ସୁସ୍ଥ ଓ ସରସ ସୁନ୍ଦର କରିବା ନିମନ୍ତେ ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଉଛି । ଏହି କ୍ରମରେ ଯାଜପୁର ଜିଲା ରସୁଲପୁର ବ୍ଲକ ଟିକରପଡା ସ୍ଥିତ ହିଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସିଆରସିସି ପ୍ରଦୀପ କୁମାର ସାମଲ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ବୃକ୍ଷରୋପଣ ସମ୍ପର୍କରେ ଗଳ୍ପ ମାଧମରେ ବୁଝାଇ ଥିଲେ ।

# ଟିଣ ଢ଼ିବା ବିଦ୍ୟାଳୟରେ ଗଢ଼ା ଚାଲିଛି ପିଲାଙ୍କ ଭବିଷ୍ୟତ

ଜୟପୁର, ୨୮/୦୭ (ନି.ପ୍ର): ୨୫ବର୍ଷର ଶାସନ କାଳରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ପାଇଁ ଉଚିତ ଭିତ୍ତିଭୂମି ଯୋଗାଇ ପାରି ନାହାନ୍ତି ସରକାର। ଆଜିବି ଅନେକ ଅଞ୍ଚଳ ଅଛି ଯେଉଁଠି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ପାଇଁ ଆବଶ୍ୟକ ଭିତ୍ତିଭୂମି ହୋଇପାରିନି ।ଫଳରେ ବର୍ଷ ବର୍ଷ ଧରି ପ୍ରତିବନ୍ଧକ ପରିବେଶ ମଧ୍ୟରେ ଚାଲିଛି କୁନି କୁନି ପଲଙ୍କ ଭବିଷ୍ୟତ ଗଢ଼ା। ଯାହାର ଉଦାହରଣ ହେଉଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ଚାନ୍ଦ ବେଢ଼ା ବିଦ୍ୟାଳୟ। ଏଠି ପିଲାଙ୍କ ପାଠପଢା ପାଇଁ କୌଣସି ପକ୍କା ଗୃହର ବ୍ୟବସ୍ତା ନାହିଁ। ବିଦ୍ୟାଳୟ ଚାରିପଟେ ଖାଲି ଟିଣ ହିଁ ଟିଣ ରେ ଶ୍ରେଣୀ ଗୃହ ନିର୍ମାଣ ହୋଇଛି। ଆଉ ଏହି ଟିଣ ଗୃହ ଭିତରେ ପିଲାଙ୍କ ପାଠ ପଢାର ଦୃଶ୍ୟ କୁ ଦେଖିଲେ ଯେକୌଣସି ଲୋକ ବି ନିଶ୍ଚିତ ଚକିତ ହୋଇ ଯିବେ। ଉପାନ୍ତରେ ବିପର୍ଯ୍ୟାସ୍ତ ଶିକ୍ଷା ବ୍ୟବସ୍ତାର ବିକଳ ଚିତ୍ର । ୨୫ ବର୍ଷର ଶାସନ କାଳରେ ଏ ହେଉଛି ସରକା ଙ୍କ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର। ଏ ହେଉଛି ବୋରିଗୁମ୍ମା ବ୍ଲକ ଉପାନ୍ତ ଅଞ୍ଚଳ ଚାନ୍ଦବେଡାର। ବିଦ୍ୟାଳୟଟି ନିର୍ମାଣ ହୋଇଛି ଖାଲି ଟିଣରେ କାନ୍ଥ ଟିଣ,କବାଟ ଟିଣ,ଝରକା ଟିଣ ଏବଂ ଛାତ ବି ଟିଣ ।ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଛି। ମୋଟ ୯୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ୯୦ ଛାତ୍ରଛାତ୍ରୀଙ୍କ ପାଇଁ କେବଳ ଦୁଇ ଗୋଟି ଶ୍ରେଣୀ ଗୃହ ରହିଛି ।ପାଠ ପଢ଼ାଇବା ପାଇଁ କେବଳ ଦୁଇ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି ।ବର୍ଷା ଦିନରେ ପାଠ ପଢା ଠପ ହୋଇଯାଏ କାରଣ ଛାତରୁ ପାଣି ଗୋଳିଥାଏ ଝରକା କବାଟ ଦେଇ ଶ୍ରେଣୀ ଗୃହ ଭିତରକୁ ପାଣି ପଶିଯାଏ ଏବଂ ଟିଣ ଶବ୍ଦ ରେ ପିଲା ପାଠ ପଢିବା କଷ୍ଟ ହୋଇପଡ଼େ ।ପ୍ରତ୍ୟେକ ଦିନ ବିଦ୍ୟାଳୟ ତାଲା ଖୋଲୁ ଖୋଲୁ ପ୍ରଥମେ ଯାଞ୍ଚ କରିବାକୁ ପଡେ କାଳେ ବିଷଧର ସାପ କିମ୍ବା ବିଛା ପଶି ଯାଇଥାଏ ।ଖରା ଦିନେ ପ୍ରବଳ ଗରମ ହୋଇଥାଏ କାରଣ ଚାରିପଟେ ଟିଣ ସେଥିପାଇଁ ପିଲାଙ୍କୁ ବିଦ୍ୟାଳୟ ନିକଟରେ ଥିବା ଏକ ଗଛ ମୂଳେ ପାଠ ପଢ଼ାନ୍ତି ଶିକ୍ଷକ ।ଅଭିଭାବକ ମାନେ ନିଜ ନିଜ ପିଲାଙ୍କୁ ଏଭଳି ବିଦ୍ୟାଳୟରେ ପାଠ ପଢ଼ାଇବା ପାଇଁ ମଙ୍ଗୁ ନାହାନ୍ତି ।ପୂର୍ବର ବିଜେଡି ସରକାର ତ କିଛି କଲେନି ଏବେର ନୂଆ ବିଜେପି ସରକାର ଆମ ପିଲାଙ୍କ ପାଇଁ ବିଲ୍ଡିଂ କରିବେ ବୋଲି ଆଶା ପ୍ରକଟ କରିଛନ୍ତି ଗ୍ରାମବାସୀ। ଦୀର୍ଘ ୧୫ବର୍ଷ ଏଭଳି ଶିକ୍ଷା ଦାନ ପରେ ଗତ ବର୍ଷ ବିଦ୍ୟାଳୟ ରେ ଗୋଟିଏ ପକା ଘର ହୋଇଛି। ଯେଉଁଠି ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ପିଲା ପାଠ ପଢୁଛନ୍ତି। ବିଦ୍ୟାଳୟ ଚାରିପଟେ ପାଚେରୀ ନିର୍ମାଣ ହୋଇନି କି ବଗିଚା ବି ନାହିଁ । ଛାତ୍ରଛାତ୍ରୀଙ୍କ ନିମନ୍ତେ ଶୌଚାଳୟ ବି ନାହିଁ ଫଳରେ ଛାତ୍ରଛାତ୍ରୀ ଖୋଲା ଆକାଶ ତଳେ ଶୌଚ ହେବାକୁ ବାଧ ହେଉଛନ୍ତି। ମଧ୍ୟାହ୍ନ ଭୋଜନ ପାଇଁ ଡାଇନିଂ ଟିଏ ନାହିଁ । ଫଳରେ ଛାତ୍ରଛାତ୍ରୀ ଶ୍ରେଣୀ ଗୃହ କିମ୍ବା ଖୋଲା ଆକାଶ ତଳେ ବସି ଖାଇ ଥାଆନ୍ତି। ଗ୍ରାମବାସୀ ପକ୍କା ବିଦ୍ୟାଳୟ ନିର୍ମାଣ ପାଇଁ ନେତା ମନ୍ତ୍ରୀ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କୁ କହି କହି ଥକିଗଲେଣି ହେଲେ ଫଳ ଶୁନ ।ଏହି ଟିଣ ଶ୍ରେଣୀ ଗୃହରେ ବର୍ଷା ଦିନେ ପାଣି ପଡୁଛି ଏବଂ ଖରା ଦିନେ ପ୍ରବଳ ଗରମ ରେ ଝାଳ ବାରୁଥିବା କହିଛନ୍ତି ଛାତ୍ର ଛାତ୍ରୀ ।ବିଦ୍ୟାଳୟ ରେ ଅନେକ ସମସ୍ୟା କାରଣରୁ ଶିକ୍ଷା ଦାନରେ କଷ୍ଟକର ହେଉଥିବା କହିଛନ୍ତି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ। ଉପାନ୍ତରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ଏଭଳି ବିକଳ ଚିତ୍ରହିଁ ବୟାନ କରୁଛି ବିଜେଡି ସରକାର ଶିକ୍ଷା ବ୍ୟବସ୍ଥା କ୍ଷେତ୍ରରେ କେତେ ଉନ୍ନତି କରିଛନ୍ତି ।ନୂତନ ସରକାର ଏଠି ଏକ ପକ୍କା ବିଦ୍ୟାଳୟ ନିର୍ମାଣ କରି ଛାତ୍ରଛାତ୍ରୀଙ୍କୁ ଉଚିତ ଭିତ୍ତିଭୂମିରେ ପାଠ ପଢିବାର ବ୍ୟବସ୍ତା କରିବା ଜରୁରୀ ହୋଇପଡିଛି ।

# ଫୁଲବାଣୀ ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ

କନ୍ଧମାଳ, ୨୮/୦୭ (ନି.ପ୍ର): ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ମେଳାରେ ଉଦ୍‌ଘାଟନୀ ଉତ୍ସବରେ ପୋଲିସ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବୀ ପ୍ରସାଦ ଶତପଥୀ ଯୋଗ ଦେଇଥିବା ବେଳେ ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ଅଶୋକ କୁମାର ଶତପଥୀ,ଶୈକ୍ଷିକ କମିଟିର ସଦସ୍ୟ ଶିବାଜୀ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ ।ମୁଖ୍ୟ ଅତିଥି ଦେବୀ ପ୍ରସାଦ ଶତପଥୀ, ଶିଶୁମାନଙ୍କୁ ମାର୍ଗ ଦର୍ଶନ କରିଥିଲେ ।ସେହିପରି ସମାରୋପ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବିଦ୍ୟାଳୟର ସଭାପତି ବ୍ରଜବନ୍ଧୁ ମଲ୍ଲିକ, ସମ୍ପାଦକ ଟି. ଶିବ ଶଙ୍କର ପାତ୍ର, ଶୈକ୍ଷିକ କମିଟିର ସଭାପତି ବାସୁଦେବ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ। ଜ୍ଞାନ ବିଜ୍ଞାନ ମେଳାରେ ମୋଟ ୧୮୯ ଟି ପ୍ରକଳ୍ପରେ ଶିଶୁ ଅଂଶ ଗ୍ରହଣ କରିଥିଲେ। ଉକ୍ତ ବିଜ୍ଞାନ ମେଳାରେ ବିଚାରକ ଭାବରେ ଅଭିଜ୍ଞ ସ୍ଥାନୀୟ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ପ୍ରକଳ୍ପ ଚୟନ କରାଯାଇଥିଲା। ଅନୁଷ୍ଠାନର ବିଜ୍ଞାନ ଆଚାର୍ଯ୍ୟ ଅନୀଲ କୁମାର ସାହୁ ଓ ନିରୂପମା ପଣ୍ଡାଙ୍କ ସଂଯୋଜନା ତଥା ସମସ୍ତ ବିଜ୍ଞାନ ଆଚାର୍ଯ୍ୟ, ଆଚାର୍ଯ୍ୟା ଏବଂ ଅନ୍ୟାନ୍ୟ ଆଚାର୍ଯ୍ୟ, ଆଚାର୍ଯ୍ୟାମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇପାରିଥିଲା। ଉକ୍ତ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହ-ପ୍ରଧାନ ଆଚାର୍ଯ୍ୟା ବୈଜୟନ୍ତୀ ସାମନ୍ତରା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମୋଟାମୋଟି ଭାବେ କହିବାକୁ ଗଲେ ସମସ୍ତ ଆଚାର୍ଯ୍ୟ/ଆଚାର୍ଯ୍ୟା, ବାହନ ଚାଳକ/ ସହଯୋଗୀ ଓ ସେବକ/ ସେବୀକାମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁ ରୂପେ ପରିଚାଳିତ ହୋଇଥିଲା।

# ବଲାଙ୍ଗିର ରାମ ଚରିତ ମାନସ ମନ୍ଦିର ମହାଦେବ ମନ୍ଦିରରେ ଗଙ୍ଗା ଜଳାଭିଷେକ

ବଲାଙ୍ଗିର, ୨୮/୦୭ (ନି.ପ୍ର): ସ୍ଥାନୀୟ ରାମ ଚରିତ ମାନସ ମନ୍ଦିର ସ୍ଥିତ ମହାଦେବ ମନ୍ଦିରରେ ଆଜି ଶ୍ରାବଣ ଧାର୍ମିକ ମାସ ଉପଲକ୍ଷେ ଗଙ୍ଗା ଜଳାଭିଷେକ ଅନୁଷ୍ଠିତ ହୋଇଥିଲା। ସକାଳ ୧୧ ଘଣ୍ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ପୁରନ ମଲ ଅଗ୍ରୱାଲଙ୍କ ପରିବାର ପକ୍ଷ୍ୟରୁ ଉତ୍ତରପ୍ରଦେଶ ଆଲାହାବାଦରୁ ଟେଙ୍କର ଯୋଗେ ଅଣା ଜାଇ ଶ୍ରାବଣ ମାସର ଶିବଙ୍କ ପୁଜା ଉପଲକ୍ଷେ ଏହା କରାଯାଇଥିଲା। ଗତ କିଛବର୍ଷ ହେଲା ନିୟମିତ ପୁରଣ ବାବୁଙ୍କ ପରିବାର ଏହା ଆୟୋଜିତ କରୁଥିବା ବେଳେ ଶ୍ରୀରାମ ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ, ମହିଳା ସମ୍ମିଳନୀ ସଦସ୍ୟ ମାନେ ସହଯୋଗ କରି ଆସୁଛନ୍ତି। ଦିନ ଗୋଟାଏରେ ଭକ୍ତ ମାନଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ନଗର ମଧ୍ୟରେ ଥିବା ଶ୍ରଦ୍ଧାଳୁ ପୁରୁଷ ଓ ମହିଳା ମନେ କଳସରେ ଗଙ୍ଗା ଜଳ ନେଇ ଧାଡ଼ି ବାନ୍ଧି ଜଳ ଲଗାଇ ପୁଣ୍ୟ ଅର୍ଜନ କରିଥିଲେ।

# ବରିଷ୍ଠ ନାଗରିକଙ୍କ ଜନ୍ମଦିନ ପାଳନ

ବଲାଙ୍ଗିର, ୨୮/୦୭ (ନି.ପ୍ର): ଭାରତୀୟ ଶିକ୍ଷଣ ମଣ୍ଡଳ ବଲାଙ୍ଗିରର ବରିଷ୍ଠ ସଦସ୍ୟ ବାଞ୍ଛାନିଧି ରଥଙ୍କ ୯୩ତମ ଜନ୍ମ ଦିନ ସ୍ଥାନୀୟ କୋଶଳ ନଗର ସ୍ଥିତ ସାନ ଭାଇ ଡ. ଗୋପବନ୍ଧୁ ରଥଙ୍କ ବାସଭବନରେ ଆନନ୍ଦ, ଉଲ୍ଲାସର ସହ ପାଳନ କରାଯାଇଛି । ଏହି ଅବସରରେ ଭାରତୀୟ ଶିକ୍ଷଣ ମଣ୍ଡଳର ଓଡିଶା ପଶ୍ଚିମ ର ଉପ-ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର, ଅଭିଭାବକ ମଂଚର ଉପସଭାପତି ପ୍ରଶନ୍ନ କୁମାର ମିଶ୍ର, ଅଭିନନ୍ଦନ ସାହିତ୍ୟ ପରିଷଦର ସଂପାଦକ ଦିବାକର ହୋତା ତଥା ପ୍ରବୁଦ୍ଧ ପାଠକ ସଂସଦର ସଭାପତି ଧର୍ମବ୍ରତ ରଥ ଏବଂ ପୂଜ୍ୟପୂଜା ସେବା ସଂଗଠନର ସଦସ୍ୟମାନେ ବାଞ୍ଛାନିଧି ରଥଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଥିଲେ । ଅତିଥି ଗଣ ସେମାନଙ୍କ ବକ୍ତବ୍ୟରେ ଶ୍ରୀ ରଥଙ୍କ ନେତୃତ୍ୱରେ ୧୯୫୦ ରେ ବଲାଙ୍ଗିର ଜିଲ୍ଲା ଫୁଟବଲ ଟିମ୍ ରାୟପୁର ଯାତ୍ରା କରିଥିବା ଏବଂ ଜିଲ୍ଲା ହକି ଟିମ୍ ର ଉନ୍ନତ ଖେଳ ପ୍ରଦର୍ଶନର ସ୍ମୃତି ଚାରଣ କରିବା ସହ ରାଉରକେଲା ଷ୍ଟିଲ ପ୍ଲାନ୍ଟ ସ୍ଥାପନ ପାଇଁ ଜମି ଅଧିଗହଣ ତଥା ନାଲକୋ ଆଲୁମୁନିୟମ କାରଖାନାରେ ତାଙ୍କ ପ୍ରଶଂସନୀୟ କାର୍ଯ୍ୟ ପାଇଁ ଅଭିନନ୍ଦନ ଜ୍ଞାପନ କରିଥିଲେ । ବିନୋଦିନୀ ଉଦ୍‌ଗାତା ତଥା ଅନ୍ୟାନ୍ୟ ପରିବାର ସଦସ୍ୟ ଏହି ସମାରୋହରେ ସାମିଲ ହୋଇଥିଲେ ।

# ଜୟପୁରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ

ଜୟପୁର, ୨୮/୦୭ (ନି.ପ୍ର): ଜୟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁର ଠାରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନନୀୟ ଶ୍ରୀଯୁକ୍ତ ଚନ୍ଦନ କୁମାର ନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପସ୍ଥିତ ରହି ଶିଶୁଙ୍କୁ ପ୍ରେରଣା ପ୍ରଦାନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟର ଉପ-ସଭାପତି ଡ. ମନୋରଞ୍ଜନ ପ୍ରଧାନ, ସଂପାଦକ ଶ୍ରୀଯୁକ୍ତ ପଙ୍କଜ କୁମାର ପାତ୍ର , ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଶ୍ରୀଯୁକ୍ତ ସତ୍ୟ ନାରାୟଣ ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ବନ୍ଦନା ଓ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଶିଶୁମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ଏହାପରେ ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ଶ୍ରୀ ଦିଲୀପ କୁମାର ଶତପଥୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଶିଶୁଙ୍କୁ ମାର୍ଗଦର୍ଶନ କରାଯାଇଥିଲା । ଶିଶୁମାନେ ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପତ୍ରବାଚନ, ବିଜ୍ଞାନ ପ୍ରୟୋଗ, ବିଜ୍ଞାନ ପ୍ରଶ୍ନମଞ୍ଚ, ଗଣିତ ପ୍ରକଳ୍ପ, ଗଣିତ ପତ୍ରବାଚନ, ଗଣିତ ପ୍ରୟୋଗ, ଗଣିତ ପ୍ରଶ୍ନମଞ୍ଚ, ସଂସ୍କୃତିଜ୍ଞାନ ପତ୍ରବାଚନ, ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ, ସଂସ୍କୃତିଜ୍ଞାନ ତତ୍କାଳିକ ଭାଷଣ ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ବିଚାରକ ଭାବେ ବରିଷ୍ଠ ଶିକ୍ଷକ ଓ ଶିକ୍ଷୟତ୍ରୀ ମଧ୍ୟରେ ଶ୍ରୀ ମୁକୁନ୍ଦ ବେହେରା, ଶ୍ରୀ ବିଷ୍ଣୁ ପ୍ରସାଦ ସାହୁ, ଶ୍ରୀ ଶିଶିର କୁମାର ଦାଶ, ଶ୍ରୀ ପ୍ରତାପ ଚନ୍ଦ୍ର ପଣ୍ଡା, ଶ୍ରୀ ଦିଲୀପ କୁମାର ମିଶ୍ର, ଶ୍ରୀ ବିଜୟ କୁମାର ଭଞ୍ଜ, ଶ୍ରୀ ଜଗନ୍ନାଥ ତ୍ରିପାଠୀ, ଶ୍ରୀ ରଞ୍ଜିତ କୁମାର ଦେବତା, ଶ୍ରୀ ପ୍ରଶାନ୍ତ କୁମାର ରାଉଳ, ଶ୍ରୀ ରାଧା ମୋହନ ପଣ୍ଡା, ଶ୍ରୀ ସରୋଜ କୁମାର ମହାପାତ୍ର, ଶ୍ରୀ ଭୀମଲ କୁମାର, ଶ୍ରୀ ଭାଗ୍ୟଧର ବାରିକ, ଶ୍ରୀ ଜ୍ଞାନ ରଞ୍ଜନ ମହାନ୍ତି, ଶ୍ରୀ ଦୁର୍ଗା ମାଧବ ଦାଶ, ଡକ୍ଟର ଉଜ୍ଜ୍ୱଳ କୁମାର ଷଡଙ୍ଗୀ, ଶ୍ରୀମତୀ ନମିତା ପାଢୀ, ଶ୍ରୀମତୀ ଏ. ନିର୍ମଳା, ଶ୍ରୀମତୀ ଦିପ୍ତିମୟୀ ସାମନ୍ତରାୟ, ଶ୍ରୀମତୀ ସୁସ୍ମିତା ରଥ, ଶ୍ରୀମତୀ ସଙ୍ଗୀତା ବେହେରା, ଶ୍ରୀମତୀ ସନ୍ତୋଷିନୀ ସାମନ୍ତରାୟ, ସୁଶ୍ରୀ କ୍ରିଷ୍ଣା ପ୍ରିୟଦର୍ଶନୀ ପ୍ରମୁଖ ଯୋଗ ଦେଇ ଶିଶୁମାନଙ୍କର ପ୍ରକଳ୍ପ, ପତ୍ରବାଚନ, କଥା କଥନ,ପ୍ରୟୋଗ ଇତ୍ୟାଦିର ମୂଲ୍ୟାଙ୍କନ କରିଥିଲେ । ଗଣିତ ପ୍ରକଳ୍ପରେ ୪୫ ଜଣ, ଗଣିତ ପ୍ରଶ୍ନମଞ୍ଚରେ ୦୯ ଜଣ, ଗଣିତ ପ୍ରୟୋଗରେ ୬ ଜଣ ଓ ଗଣିତ ପତ୍ରବାଚନରେ ୧୨ ଜଣ ଶିଶୁ ଭାଗ ନେଇଥିବା ବେଳେ, ବିଜ୍ଞାନ ପ୍ରଶ୍ନମଂଚରେ ୧୫ ଜଣ, ବିଜ୍ଞାନ ପ୍ରକଳ୍ପରେ ୫୮ ଜଣ, ବିଜ୍ଞାନ ପ୍ରୟୋଗରେ ୧୨ ଜଣ, ବିଜ୍ଞାନ ପତ୍ରବାଚନରେ ୧୫ ଜଣ, ମୂର୍ତ୍ତିକଳାରେ ୧୯ ଭାଗ ନେଇଥିଲେ । ସଂସ୍କୃତିଜ୍ଞାନରେ ସର୍ବମୋଟ ୩୫ ଜଣ ଶିଶୁ ଭାଇ ଭଉଣୀ ଭାଗ ନେଇଥିଲେ । ଏହିପରି ଭାବେ ମୋଟ ୨୨୬ ଜଣ ଶିଶୁ ଭାଇ ଭଉଣୀ ଏହି ଜ୍ଞାନ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିଥିଲେ । ସେହିପରି ସମାରୋପ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ଯୁଗଳ କିଶୋର ମିଶ୍ର, ଅବସରପ୍ରାପ୍ତ ପ୍ରାଧାପକ ଯୋଗଦେଇ ଶିଶୁମାନଙ୍କୁ ମାର୍ଗ ଦର୍ଶନ କରିଥିଲେ । ଶ୍ରୀ ଭରତ ଚନ୍ଦ୍ର ବରାଳ, ସମ୍ଭାଗ କୋଷାଧକ୍ଷ, ଶ୍ରୀମତୀ କବିତା ସାହୁ, ଶିକ୍ଷା ବିକାଶ ସମିତି ସମ୍ଭାଗ ସଦସ୍ୟା , ଶ୍ରୀ ସୁକାନ୍ତ କୁମାର ବେହେରା, ଶିକ୍ଷା ବିକାଶ ସମିତି ଦକ୍ଷିଣ ସମ୍ଭାଗ ସଂଯୋଜକ ଆଦି ସମାରୋପ ଉତ୍ସବରେ ଯୋଗଦାନ କରିଥିଲେ । ସମାରୋପ ଉତ୍ସବରେ କୃତି ଶିଶୁ ଭାଇ ଭଉଣୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । କୃତି ଶିଶୁମାନେ ପରବର୍ତ୍ତୀ ପର୍ଯ୍ୟାୟରେ ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ଅତିଥି, ପରିଚାଳନା ସମିତିର ସମସ୍ତ ସଦସ୍ୟ, ଅଭିଭାବକ, ଶୁଭେଚ୍ଛୁ, ଗୁରୁଜୀ ଗୁରୁମା, ସେବକ ସେବିକା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ପଦ୍ମଶ୍ରୀ ସ୍ୱର୍ଗତ କମଳା ପୁଜାରୀଙ୍କ ପରିବାରକୁ ସାକ୍ଷାତ କଲେ ମନ୍ତ୍ରୀ, ବିଧାୟକ

ଜୟପୁର , ୨୮/୦୭ (ନି.ପ୍ର): ପଦ୍ମଶ୍ରୀ ସ୍ୱର୍ଗତ କମଳା ପୁଜାରୀଙ୍କ ପରିବାରକୁ ସାକ୍ଷାତ କରିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଜୟପୁର ବ୍ଲକ ଅନ୍ତର୍ଗତ ପାତ୍ରପୁଟ ସ୍ୱର୍ଗତ କମଳାଙ୍କ ଘରକୁ ଯାଇ ଶୋକାକୁଳ ପରିବାରକୁ ସାନ୍ତନା ଦେଇଥିଲେ । ଗତ ୨୦ ତାରିଖରେ କଟକ ଏସସିବିରେ ଚିକିତ୍ସାଧିନ ଅବସ୍ଥାରେ ପଦ୍ମଶ୍ରୀ କମଳାଙ୍କ ପରଲୋକ ହୋଇଥିଲା । ତାଙ୍କ ପାର୍ଥିବ ଶରିରକୁ ଆମ୍ବୁଲାନ୍ସ ଯୋଗେ ଜୟପୁର ଅଣାଯାଇଥିଲା । ୨୧ ତାରିଖରେ ପାତ୍ରପୁଟ ଶଶ୍ମାନ କୁ ନିଆଯାଥିଲା ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସମ୍ମାନ ସହ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଓ ଗାର୍ଡଅଫ ଅନର ଦିଆଯାଇ ଶେଷକୃତ ସମ୍ପନ୍ନ କରାଯାଇଥିଲା । ମନ୍ତ୍ରୀ ଗଣ୍ଡଙ୍କ ସହ ସାଂସଦ ବଳଭଦ୍ର ମାଝୀ, କୋଟପାଡ ବିଧାୟକ ରୁପୁ ଭତ୍ର ନବରଙ୍ଗପୁର ବିଧାୟକ ଗୌରି ଶଙ୍କର ମାଝୀ, କୋରାପୁଟ ବିଧାୟକ ରଘୁ ରାମ ମାଛ କୋରାପୁଟ ଜିଲା ବିଜେପି ସଭାପତି ସୁମନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶୋରାକୁଳ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ । କମଳା ଙ୍କ ନାମରେ ପାତ୍ରପୁଟ ରେ ମନ୍ତ୍ରୀ ଗଣ୍ଡ ବୃକ୍ଷ ରୋପଣ କରିଥିଲେ । ପ୍ରଶାସନ ତରଫରୁ ରେଡକ୍ରସରୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ପ୍ରଶାସନ ତରଫରୁ ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା, ବିଡିଓ ଶକ୍ତି ମହାପାତ୍ର, ପୌର ନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ବ୍ଲକ ସାମାଜିକ ଅଧିକାରି କେ.ଏସ ନିଶା,ଜିପିଓ ଭାଗିରଥି ନାୟକ ,ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡ ଉପସ୍ଥିତ ଥିଲେ ।


# ଭରା ନାଳ ଦେଇ ବିପଦସଙ୍କୁଳ ଅବସ୍ଥାରେ ମାଛକୁଣ୍ଡ ବିଦ୍ୟାଳୟକୁ ଯାଉଛନ୍ତି ଛାତ୍ରଛାତ୍ରୀ

ଜୟପୁର, ୨୮/୦୭ (ନି.ପ୍ର): ଭରାନାଳ ଭିତରେ ପଶି ବିପଦସଂକୁଳ ଅବସ୍ଥାରେ ସ୍କୁଲକୁ ଯାଉଛନ୍ତି ଛାତ୍ର ଛାତ୍ରୀ। ଏପରି ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଲାମତାପୁଟ ବ୍ଲକ ଅନ୍ତର୍ଗତ ବାଦିଗଡ ପଞ୍ଚାୟତ ଗୋଡିପୁଟ -ମାଛକୁଣ୍ଡ ରାସ୍ତାରେ। ପ୍ରବଳରୁ ପ୍ରବଳତର ବର୍ଷା ହେବାରୁ ନାଳ ଓ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି ।ଯାହା ଫଳରେ କି ଛାତ୍ର ଛାତ୍ରୀ ମାନଙ୍କ ସହିତ ସାଧାରଣ ଜନତାଙ୍କର ମଧ ଯାତାୟତ କରିବାରେ ବାଧାପ୍ରାପ୍ତ ହୋଇପଡିଛି। ବର୍ତ୍ତମାନ ସ୍ଥାନୀୟ ଗ୍ରାମବାସୀ ମାନେ କମ୍ ବାଟ ପଡୁଥିବାରୁ ଜମି ନିକଟରେ ଥିବା ନାଳ ଭିତରକୁ ପଶି ଯାତାୟାତ କରୁଥିବା ସ୍ଥାନୀୟ ବାସିନ୍ଦା ମାନେ କହିଛନ୍ତି ।ଜୀବନକୁ ବାଜି ଲଗାଇ ଗୋଡି ପୁଟ ଗ୍ରାମର ଛାତ୍ରଛାତ୍ରୀ ଏବଂ ଲୋକମାନେ ଏହି ଉଚ୍ଛୁଳା ପାଣିଭରା ନାଳ ପାର କରି ଯାତାୟାତ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଜଳମଗ୍ନ ରାସ୍ତାରେ ଯାତାୟାତ କରିବା ସମୟରେ କେତେବେଳେ ଅଘଟନ ଘଟିବ ତାହା କହି ହେବ ନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଦୀର୍ଘ ଦିନ ଧରି ଏହି ଗୋଡିପୁଟ ଓ ମାଛକୁଣ୍ଡକୁ ସଂଯୋଗ କରୁଥିବା ରାସ୍ତାର ନାଳ ଉପରେ ଏକ ପୋଲ ନିର୍ମାଣ କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ମାନେ ପ୍ରଶାସନ ପାଖରେ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ ବୋଲି ସ୍ଥାନୀୟ ବାସିନ୍ଦା ମାନେ ମତବ୍ୟକ୍ତ କରିଛନ୍ତି ।ସରପଞ୍ଚ ଠାରୁ ଆରମ୍ଭ କରି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏହି ବିଷୟରେ ଅବଗତ କରିଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ବାବୁ ଏମାନଙ୍କ ଗୁହାରି ଶୁଣୁ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି ।କୁମ୍ଭ ନିଦ୍ରାରେ ବ୍ଲକ ପ୍ରଶାସନ ଶୋଇଥିବା କହିଛନ୍ତି ସ୍ଥାନୀୟ ବାସିନ୍ଦା। ତେବେ କେବେ ବ୍ଲକ ପ୍ରଶାସନର କୁମ୍ଭ ନିଦ୍ରା ଭାଙ୍ଗିବ ଏବଂ କେବେ ଏହି ଗୋଡିପୁଟ ଓ ମାଛକୁଣ୍ଡକୁ ସଂଯୋଗ କରୁଥିବା ରାସ୍ତାର ଉପରେ ପୋଲ ନିର୍ମାଣ ହେବ ତାହା ଏବେ ଦେଖିବାକୁ ବାକି ରହିଲା।

# ବିଧାୟକଙ୍କୁ ସମ୍ବର୍ଦ୍ଧନା, ବୃକ୍ଷରୋପଣ ଓ କାରଗିଲ ବିଜୟ ଦିବସ ପାଳିତ

ଭୁବନ, ୨୮/୦୭ (ନି.ପ୍ର): ଭୁବନର ବିଭିନ୍ନ ଅନୁଷ୍ଠାନ ତରଫରୁ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଭୁବନର ସର୍ବ ପୁରାତନ ବେସରକାରୀ ବିଦ୍ୟାଳୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତରଫରୁ କାମାକ୍ଷାନଗରର ବିଧାୟକ ଶତ୍ରୁଘ୍ନ ଜେନାଙ୍କୁ ବିଦ୍ୟାଳୟର ଅଧକ୍ଷ ଦୀନବନ୍ଧୁ ବେହେରା ବିଧାୟକଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ବାଦ୍ୟଯନ୍ତ୍ର ସାହାଯ୍ୟରେ ବିଧାୟକଙ୍କୁ ସ୍ୱାଗତ କରାଯାଇଥିଲା। ବିଦ୍ୟାଳୟ ପରିସରରେ ଥିବା ଶ୍ରୀ ଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା ପୀଠ ପରିଦର୍ଶନ କରି ଧୂପ ଦେଇ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଶେଷରେ ବିଦ୍ୟାଳୟ ପରିସରରେ ବିଧାୟକ ଶ୍ରୀ ଜେନା ବୃକ୍ଷରୋପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ହୃଷିକେଶ ସାହୁ, ଉପ ସଭାପତି ବ୍ରହ୍ମାନନ୍ଦ ସାହୁ, ସମ୍ପାଦକ ବିଶ୍ୱ ଭୂଷଣ ବେହେରା, ସଦସ୍ୟ ବେଣୁଧର ଗୁରୁ, ବିପିନ ବିହାରୀ ଦାସ, ଗଣେଶ୍ୱର ମେହେଣାଙ୍କ ସମେତ ସମସ୍ତ ଅପା,ଭାଇ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ। ଏହାପରେ ବରିଷ୍ଠ ନାଗରିକ ସଂଘ ଓ ଶେଷରେ ଭୁବନ ଉଚ୍ଚ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଧାନଶିକ୍ଷକ ରୁଦ୍ର ନାରାୟଣ ସାମଲ,ପରିଚାଳନା କମିଟି ସଭାପତି କେଦାର ଦାସଙ୍କ, ନଗରପାଳ ଶୁଭେନ୍ଦୁ ସାହୁ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଉଚ୍ଚ ବିଦ୍ୟାଳୟ ଛାତ୍ରଙ୍କ ଦ୍ୱାରା କାରଗିଲ ବିଜୟ ଦିବସ ପାଳନ କରାଯାଇଥିଲା। ୩ ଶହ ମିଟରର ତ୍ରିରଙ୍ଗା ଶୋଭାଯାତ୍ରା ସହର ପରିକ୍ରମା କରାଯାଇଥିଲା।

# ଆଣବିକ ଶକ୍ତିର ଆବଶ୍ୟକତା



ବର୍ତ୍ତମାନ ଶକ୍ତି ନିଅଣ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଆମ ଦେଶର ପ୍ରଗତି ପଥରେ ପ୍ରତିବନ୍ଧକ ସୃଷ୍ଟି କରିଛି । ଆଗାମୀ ୧୫ବର୍ଷ ମଧ୍ୟରେ ୨,୪୦,୦୦୦ ମେଗାୱାଟ ବିଦ୍ୟୁତ ଶକ୍ତି ଉତ୍ପାଦନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ପାରମ୍ପରିକ ଜଳ ବିଦ୍ୟୁତ ଓ ତାପଜ ବିଦ୍ୟୁତ ଉପରେ ଆଉ ଅଧିକ ନିର୍ଭର କରାଯାଇପାରିବ ନାହିଁ। ପୁଣି ତାପଜ ଶକ୍ତି କେନ୍ଦ୍ରରୁ ନିର୍ଗତ ହେଉଥିବା ଖାଦ ପାଉଁଶ ବା ଫ୍ଲାଇ ଆଶ୍ ପରିବେଶ ପାଇଁ କ୍ଷତିକାରକ। ଆମ ଦେଶରେ ୧୯ଟି ଆଣବିକ ପ୍ରକ୍ରିୟାକୁ ଏବେ ସର୍ବମୋଟ ୪୫.୬୦ ମେଗାୱାଟ ଆଣବିକ ଶକ୍ତି ଉତ୍ପାଦନ କରିବାର କ୍ଷମତା ରହିଛି। ଏହାର ସବିଶେଷ ବିବରଣୀ ନିମ୍ନ ସାରଣୀରେ ପ୍ରଦତ୍ତ।

୨୦୨୦ ସୁଦ୍ଧା ଦେଶରେ ୨୫,୦୦୦ ମେଗାୱାଟ ଆଣବିକ ଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ

**ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ଉପଯୋଗ କେବଳ ଶକ୍ତି ମାଧ୍ୟମରେ ସୀମିତ ନୁହେଁ। କୃଷି, ଖାଦ୍ୟ ଉତ୍ପାଦନ, ସଂରକ୍ଷଣ, ଭେଷଜ ବିଦ୍ୟା ଓ ଜଳର ଲବଣାଂଶ ହ୍ରାସ କରିବା ଆଦି ମଧ୍ୟରେ ଏହାର ଯଥେଷ୍ଟ ଉପଯୋଗ ରହିଛି।**

ରାଜିନାମା ଆଣବିକ ରାଷ୍ଟ୍ର ଭାବେ ବିଶ୍ୱ ଦରବାରରେ ପ୍ରତିପାଦିତ କରିପାରିଛି।

ଆଣବିକ ଶକ୍ତିର ବହୁବିଧ ଉପଯୋଗ: ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ଉପଯୋଗ କେବଳ ଶକ୍ତି ମାଧ୍ୟମରେ ସୀମିତ ନୁହେଁ। କୃଷି, ଖାଦ୍ୟ ଉତ୍ପାଦନ, ସଂରକ୍ଷଣ, ଭେଷଜ ବିଦ୍ୟା ଓ ତଳର ଲବଣାଂଶ ହ୍ରାସ କରିବା

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଯୁକ୍ତରାଷ୍ଟ୍ର ଆମେରିକା ୧୯୪୫ ଅଗଷ୍ଟ ୬ ତାରିଖ ଦିନ ଜାପାନର ଦୁଇ ସମୃଦ୍ଧ ସହର ହିରୋସୀମା ଓ ନାଗାସାକି ଉପରେ ପ୍ରଥମ ପରମାଣୁ ବୋମା ନିକ୍ଷେପ କରିଥିଲା। ବୋମାଟିର ନାମ ରଖାଯାଇଥିଲା ଲିଟଲବୟ। ଏହାର ପରିଣତି ଏତେ ଭୟାବହ ଥିଲା ଯେ ଏଥିରେ ଜାପାନର ଅନ୍ୟୁନ ୨ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇଥିଲା ଏବଂ ସଂଖ୍ୟାଧିକ ଲୋକ ପଙ୍ଗୁ ଓ ବିକଳାଙ୍ଗ ହୋଇଯାଇଥିଲେ। ବର୍ତ୍ତମାନ ଆଣବିକ ଆତଙ୍କବାଦର ଭୟ ସମଗ୍ର ବିଶ୍ୱ ସମ୍ମୁଖରେ ଏକ ଆହ୍ୱାନ ଦେଇଛି। ଏହି ବିପଦ ପ୍ରତିହତ କରିବା ପାଇଁ ପଦକ୍ଷେପ ନେବା ସକାଶେ ଭାରତ ଜାତିସଂଘ ସାଧାରଣ ସଭା ସମ୍ମୁଖରେ ପ୍ରସ୍ତାବ ରଖିଛି। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ୧୯୫୦ ଦଶକରେ ସମସ୍ତ ପ୍ରକାର ଆଣବିକ ଅସ୍ତ୍ରଶସ୍ତ୍ରର ମୁଳୋତ୍ପାଟନ ଲାଗି ଦୃଢ଼ ଯୁକ୍ତି ବାଢ଼ିଥିଲେ। ୧୯୮୮ ରେ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଜାତିସଂଘ ସାଧାରଣ ସଭା ସମ୍ମୁଖରେ ଆଣବିକ ଅସ୍ତ୍ରଶସ୍ତ୍ରର ମୂଳୋତ୍ପାଟନ ନିମନ୍ତେ ଏକ ବିସ୍ତୃତ କାର୍ଯ୍ୟକାରୀ ଯୋଜନା ଉପସ୍ଥାପନ କରିଥିଲେ। ଉଭୟ ଅମେରିକା ଓ ଋଷିଆ ଅଣୁ ଅସ୍ତ୍ର ହ୍ରାସ କରବା ପାଇଁ ଆଲୋଚନା କରିଛନ୍ତି। ନିକଟ ଅତୀତରେ ରାଷ୍ଟ୍ରତି ବାରାକ ଓବାମା ପ୍ରାଗ୍ ଠାରେ ଏକ ମହତ୍ୱପୂର୍ଣ୍ଣ ଭାଷଣରେ ଜାତୀୟ ସୁରକ୍ଷା ପଦ୍ଧତିରେ ଏକ ଅଣୁଅସ୍ତ୍ର ମୁକ୍ତ ବିଶ୍ୱ ଗଠନ ପାଇଁ ଉଦ୍ୟମ କରିବେ ବୋଲି କହିଥିଲେ। ୧୯୫୫ରେ ଜେନେଭା ଠାରେ ଆଣବିକ ଶକ୍ତି ଉପରେ ଅନୁଷ୍ଠିତ ପ୍ରଥମ ଆନ୍ତର୍ଜାତିକ ସମ୍ମିଳନୀରେ ଅଧ୍ୟକ୍ଷତା କରି ଡକ୍ଟର ହୋମି ଜାଭା କହିଥିଲେ "ଅନୁନ୍ନତ ଦେଶଗୁଡ଼ିକର ଶିଳ୍ପକରଣ, ଆମ ସଭ୍ୟତାର ଅଗ୍ରସରତା ଓ ବିକାଶ ନିମନ୍ତେ ପରମାଣୁ ଶକ୍ତି ଯେ କେବଳ ଏକ ସହାୟତା ତା'ନୁହେଁ ଏହା ହେଉଛି ଅପରିହାର୍ଯ୍ୟ। ପରମାଣୁ ଶକ୍ତିର ଉଦ୍ୟୋଗୀକରଣ ତଥା ଏହାର ଉପଯୋଗ ଉପରେ ଜ୍ଞାନ ଆହରଣକୁ ମାନବ ଇତିହାସର ତୃତୀୟ ଯୁଗାନ୍ତକାରୀ ଘଟଣା ଭାବରେ ସ୍ୱୀକାର କରିବାକୁ ହେବ।''

ଭାରତ ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ଉପଯୋଗ କ୍ଷେତ୍ରରେ ବିକାଶଶୀଳ ଦେଶଙ୍କ ମଧ୍ୟରେ ଅଗ୍ରଣୀ ହୋଇପାରିଛି। ଆମ ଦେଶର ତ୍ରିସ୍ତରୀୟ ଆଣବିକ କାର୍ଯ୍ୟକ୍ରମର ପ୍ରଥମ ସ୍ତରରେ ଯେଉଁ ଚାପକୃତ ଗୁରୁଜଳ ପ୍ରକ୍ରିୟା ଓ ସଂଶ୍ଳିଷ୍ଟ ଇନ୍ଧନ ସାଇକଲ ସୁବିଧା ସ୍ଥାପନ ବ୍ୟବସ୍ଥା ଥିଲା ତାହା ପୂର୍ଣ୍ଣାଙ୍ଗ ସ୍ତରରେ ପହଞ୍ଚିଛି। ଦ୍ୱିତୀୟ ସ୍ରୋତରେ ରହିଛି ଫାଷ୍ଟ ବ୍ରିଡର ପ୍ରକ୍ରିୟାକ ସ୍ଥାପନା ତଥା ପୁନଃ ପ୍ରକ୍ରିୟାକରଣ ପ୍ଲାଣ୍ଟ ଓ ପ୍ଲାଟୋନିୟମ ଭିତ୍ତିକ ଇନ୍ଧନ ଫ୍ରାବ୍ରିକେଶନ ପ୍ଲାଣ୍ଟ ସ୍ଥାପନ। କଳ୍ପକମଠାରେ ପ୍ରୋଟୋଟାଇପ ଫଷ୍ଟବ୍ରିଡର ପ୍ରକ୍ରିୟା ନିର୍ମାଣ ସହିତ ଆମେ କର୍ଯ୍ୟକ୍ରମର ଦ୍ୱିତୀୟ ସ୍ତରର ପ୍ରବେଶ କରୁଛୁ। ଥୋରିୟମ ଇନ୍ଧନର ପ୍ରକ୍ରିୟାକରଣ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଏକ ଉନ୍ନତ ଗୁରୁଜଳ ପ୍ରକ୍ରିୟା ନିକଟ ଭବିଷ୍ୟତରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି।






ଧାର୍ଯ୍ୟ କରାଯାଇଛି। ତେବେ ଭାରତ କେଉଁ କାରଣରୁ ଆଣବି ପ୍ରକ୍ରିୟନ ମାଧ୍ୟମରେ ବିଦ୍ୟୁତ



ଶକ୍ତି ଉତ୍ପାଦନ କରୁଥିବାର ପରିମାଣ ମାତ୍ର ଶତକଡ଼ା ୨.୯ ଭାଗ, ତୁଳନାତ୍ମକ ଭବେ ଦେଖିବକୁ ଗଲେ ଲିଥୁଆନିଆ ଶତକଡ଼ା ୮୦, ଫ୍ରାନ୍ସ ଶତକଡ଼ା ୭୮, ସ୍ୱିଡେନ ଶତକଡ଼ା ୫୦, କୋରିଆ ଶତକଡ଼ା ୪୦ ଏବଂ ଜର୍ମାନୀ ଓ ଇଂଲଣ୍ଡ ଶତକଡ଼ା ୨୫ଭାଗ ବିଦ୍ୟୁତ ଶକ୍ତି ପରିମାଣ କ୍ଷେତ୍ରରୁ ଉତ୍ପାଦନ କରନ୍ତି। ଏହାର ମୁଖ୍ୟ କରଣ ହେଉଛି ଉନ୍ନତ ରାଷ୍ଟ୍ରମାନେ ପ୍ରଥମ ପୋଖରାନ ପରୀକ୍ଷଣ ପରେ ଆମ ଦେଶକୁ ଅଧିକାଂଶ ପରିମାଣରେ ଜାଳେଣି ଯୋଗାଇବା କମାଇ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଭାରତ-ଆମେରିକା ପରମାଣୁ

ଆଦି ମଧ୍ୟରେ ଏହାର ଯଥେଷ୍ଟ ଉପଯୋଗ ରହିଛି। ଭାରତରେ ଆମେ ଆଣବିକ ପଦ୍ଧତି ଦ୍ୱାରା ୩୭ କିସମର ବୀଜ ସଫଳ ଭାବରେ ବିକଶିତ କରିପାରିଛୁ। କଳ୍ପକମଠାରେ ଏକ ଅଣବିକ ଡି-ସାଲିନେଶନ ପ୍ଲାଣ୍ଟ ସ୍ଥାପନ କରାଯାଇଛି।

ବିଶ୍ୱର ହିତ ପାଇଁ ପରମାଣୁ ଶକ୍ତି ପ୍ରୟୋଗ ନିମନ୍ତେ ଅନେକ ଦିଗ ରହିଛି। ବୁଦ୍ଧିମତ୍ତା ବଳରେ ହିଁ ମନୁଷ୍ୟ ବିଶ୍ୱଶାନ୍ତି ଓ ସୁରକ୍ଷା ସହ ମାନବୀୟ ପ୍ରଗତି ( ଶକ୍ତିର ଉପଯୋଗ ଲାଗି ପ କରିବ। ଅନ୍ୟଥା ଫଳାଫଳ ଭ ତଥା ଶକ୍ତି ଓ ପ୍ରଗତି ପ୍ରତିହତ (

# ସୁସ୍ୱାଦୁ ପିଜୁଳି

**ପିଜୁଳି ଏକ ସୁସ୍ୱାଦୁ ଫଳ। ଏଥିରେ ଭିଟାମିନ ସି, ଏବି-୨, ଇ ଏବଂ କେ, ଫାଇବର, କ୍ୟାଲସିୟମ, ଆଇରନ ତତ୍ତ୍ୱ ଅଧିକମାତ୍ରାରେ ଥାଏ। ପିଜୁଳିକୁ ସେଥିପାଇଁ ସୁପର ଫ୍ରୁଟ୍ କୁହାଯାଏ। ପିଜୁଳି ଖାଇବା ଦ୍ୱାରା ଅନେକ ରୋଗ ମଧ୍ୟ ଦୂର ହୋଇଥାଏ।**



ଦୃଷ୍ଟିଶକ୍ତି ବଢ଼ାଇବାରେ ସାହାଯ୍ୟ କରେ । ଦୃଷ୍ଟିଶକ୍ତି ବଢ଼ିବା ପାଇଁ ଭିଟାମିନ ଏର ଅଧିକ ଆବଶ୍ୟକତା ଥାଏ। ପିଜୁଳିରେ ଗୁଣବତ୍ତା ଭଳି ରହିଥିବାରୁ ଏହାକୁ ପ୍ରତ୍ୟହ ଖାଇଲେ ସ୍ୱାସ୍ଥ୍ୟପାଇଁ ଫଳପ୍ରଦ ହୋଇଥାଏ। ଆଖିର ଦୃଷ୍ଟିଶକ୍ତି ମଧ୍ୟ ତେଜ ହୋଇଥାଏ।

ତ୍ୱଚା ପାଇଁ: ଯଦି ଆପଣ କମ୍ ବୟସରୁ ବୟସ୍କ ଲାଗୁଛନ୍ତି ଏବଂ ଚେହେରାରେ ଚମକ ଆସୁନାହିଁ। ଏଥିପାଇଁ ଲାଲ ରଙ୍ଗର ପିଜୁଳି ଅଧିକ ଉତ୍ତମ ହୋଇଥାଏ। ଏଥିରେ ଆଣ୍ଟିଅକ୍ସିଡେଣ୍ଟ ତ୍ୱଚାକୁ ସୁରକ୍ଷିତ ରଖିବାରେ ସହାୟକ ହୋଇଥାଏ।

ଥାଇରଏଡ଼ ସମସ୍ୟା- ପିଜୁଳିରେ ଥାଇରଏଡ଼ ତତ୍ତ୍ୱ ଥିବାରୁ ଏହା ସୁଫଳ ଦେଇଥାଏ। ଥାଇରଏଡ଼କୁ ନିୟନ୍ତ୍ରଣରେ ରଖିବାକୁ ହେଲେ ପ୍ରତିଦିନ ପିଜୁଳି ଖାଆନ୍ତୁ। ପିଜୁଳି ପତ୍ର ଚା' ରୂପରେ ସେବନ କଲେ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଫଳପ୍ରଦ ହେଇଥାଏ।

ହୃଦ ସମ୍ବନ୍ଧୀୟ ରୋଗ- ଆଜିକାଲି ପିଲାଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସଭିଏଁ ହୃଦରୋଗରେ ପୀଡ଼ିତ ହେଉଛନ୍ତି। ଏଥିପାଇଁ ନିଦାନ ମଧ୍ୟ ହୋଇଥାଏ ପିଜୁଳି। ନିୟମିତ ପିଜୁଳି ଖାଇଲେ ଏହା ରକ୍ତଚାପକୁ ନିୟନ୍ତ୍ରଣ ରଖିଥାଏ। ଯଦ୍ୱାରା ହୃଦରୋଗ ନିୟନ୍ତ୍ରଣରେ ରହେ।

କର୍କଟ ରୋଗରୁ ମୁକ୍ତି- ପିଜୁଳିରେ ଲାଇକୋପିନ, ଭିଟାମିନ ସି, ଫୋଲିଫେନାଲ୍ସ ଥାଏ, ଯାହା ଟ୍ୟୁମର ଏବଂ କର୍କଟ ଭଳି ରୋଗକୁ ରୋକିବାରେ ସାହାଯ୍ୟ କରିଥାଏ। ପିଜୁଳି ଖାଇଲେ ମୁହଁ, ତ୍ୱଚା ସ୍ତନ ଏବଂ ପେଟରେ ହେଉଥିବା କର୍କଟ ଉପରେ ମଧ୍ୟ ଲଗାମ ରହେ।

# ଉପଯୋଗୀ ଖାଦ୍ୟ

ବିଭିନ୍ନ ପ୍ରକାରର ଖାଦ୍ୟପେୟ ଶରୀର ପାଇଁ ଉପକାରୀ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ। ହେଲେ ନିୟମିତ ଭାବରେ କେତେକ ଖାଦ୍ୟ ଖାଇବା ଶରୀର ପାଇଁ ଖୁବ୍ ଉପକାରୀ ଅଟେ। ନିକଟରେ କାଲିଫର୍ଣ୍ଣିଆର ଗବେଷକ ଦଳ ଉତ୍ତମ ଶଦ୍ୟର ଏକ ତାଲିକା ପ୍ରକାଶ କରିଛନ୍ତି, ଯାହା ଶରୀର ଓ ମସ୍ତିଷ୍କକୁ କାର୍ଯ୍ୟକ୍ଷମ ରଖିଥାଏ।



- ଅଧିକାଂଶ ଲୋକ ଚା' ପିଇବାକୁ ଭଲ ପାଆନ୍ତି। ଚା' ପାନୀୟ ପ୍ରିୟ ବ୍ୟକ୍ତି ଦୈନିକ ଗ୍ରୀନ ଟି (ସବୁଜ ଚା)ରୁ ଦିନ ଆରମ୍ଭ କରିବା ଉଚିତ।
- ବୟସାଧିକ୍ୟ ହେଲେ ସ୍ମୃତି ହ୍ରାସ ପାଏ। ସେଭଳି ପରିସ୍ଥିତିରେ ଚକୋଲେଟ ଖାଇବା ଭଲ। ସେଥିରେ ଥିବା କୋକୋ ସ୍ମୃତଶକ୍ତି ବୃଦ୍ଧିରେ ସାହାଯ୍ୟ କରେ।
- ଟମାଟୋ ନିୟମିତ ଖାଆନ୍ତୁ। ଏଥିରେ ଥିବା ଲାଇକୋପିନ ଶରୀର ପାଇଁ ଅତ୍ୟନ୍ତ ଲାଭପ୍ରଦ।
- ଦହି ଖାଇଲେ ସ୍ମୃତି ଶକ୍ତିର ପ୍ରଭାବ ଭଲ ରହିବା ସହ ଦହି ମସ୍ତିଷ୍କକୁ ସଜାଗ ରଖିବା ପାଇଁ ଉତ୍ତମ ଖାଦ୍ୟ।

# ଉପକାରୀ ବନ୍ଧାକୋବି


- ବନ୍ଧାକୋବି କମ୍ କାଲୋରିଯୁକ୍ତ ପରିବା। ଏଥିରୁ ଭିଟାମିନ ସି, ଏ, ବି-୨, ବି-୬, ପଟାସିଅମ, କାଲସିଅମ କିଙ୍ଗ, ଆଇରନ ଆଦି ମିଳେ।
- ଏଥିରେ ଥିବା ଆମିନୋ ଏସିଡ୍ ମାଂସପେଶୀ ଯନ୍ତ୍ରଣା ଉପଶମ କରାଏ। କ୍ଷତ ଆରୋଗ୍ୟ କରାଏ। ଲାକଟିକ୍ ଏସିଡ୍ ମାଂସପେଶୀ ମଜଭୂତ ରଖେ।



- ଆଖି ପାଇଁ ବନ୍ଧାକୋବି ଭଲ। ମୋତିଆ ବିନ୍ଦୁରେ ଆକ୍ରାନ୍ତ ହୋଇଥିଲେ ନିୟମିତ ବନ୍ଧାକୋବି ଖାଆନ୍ତୁ।
- ବନ୍ଧାକୋବିର ତନ୍ତୁ ଉପାଦାନ ଖାଦ୍ୟକୁ ହଜମ କରାଏ। କୋଷ୍ଠକାଠିନ୍ୟ ସମସ୍ୟା ଦୂରହୁଏ।
- ବନ୍ଧାକୋବି କର୍କଟ ପ୍ରତିରୋଧୀ। ଏଥିରେ ଥିବା ଭିଟାମିନ ସି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ।
- ଅତି ବାଇଗଣୀ ସୌର-ରଶ୍ମି ପ୍ରଭାବରୁ ବନ୍ଧାକୋବି ତ୍ୱଚାକୁ ସୁରକ୍ଷିତ ରଖେ। ବନ୍ଧାକୋବିର କଅଁଳିଆ ପତ୍ରର ରସ ବ୍ରଣ ସମସ୍ୟା ଦୂର କରାଏ।
- ସମାନ ପରିମାଣର ଗାଜର ଓ ସବୁଜ ବନ୍ଧାକୋବି ରସ କେଶ ମୂଳରେ ଲଗାନ୍ତୁ। କେଶ ଗହଳ ହେବା ସହ ରୂପି ସମସ୍ୟା ଦୂରହେବ।

# ସିଜରିଆନ ଶିଶୁ ମୋଟା ହେବାର ଭୟଥାଏ

ଏକ ଅଧ୍ୟୟନରୁ ଜଣାପଡ଼ିଛି କି ଯେଉଁ ଶିଶୁଙ୍କ ଜନ୍ମ ଅସ୍ତ୍ରୋପଚାର ଜରିଆରେ ହୋଇଥାନ୍ତି, ସେମାନଙ୍କ ଠାରେ ପ୍ରାୟତଃ ସାମାନ୍ୟତମ ଭାବେ ପ୍ରସବ ହୋଇଥିବା ଶିଶୁଙ୍କ ତୁଳନାରେ ମୋଟା ହେବାର ସମ୍ଭାବନା ୧୫ ପ୍ରତିଶତ ଅଧିକ ରହିଥଏ। ଅଧ୍ୟୟନରେ ଏହା ମଧ୍ୟ କୁହାଯାଇଛି କି କେବଳ ଶିଶୁ ପିଲା ଦିନେ ମୋଟା ହୁଅନ୍ତି ତାହା ନୁହେଁ ଏହି ମୋଟାପଣ ସେମାନଙ୍କର ବୟସ୍କ ପର୍ଯ୍ୟନ୍ତ ମଧ୍ୟ ଦେଖାଦେଇଥାଏ। ହରୱାର୍ଡ଼ ପବ୍ଲିକ ହେଲଥ ଟିଏଚ ଚୀନ ସ୍କୁଲର ସହାୟକ ପ୍ରଫେସର ଜର୍ଜ ଚୱାରୀ କହିଛନ୍ତି କି ନିକଟରେ ସିଜରିୟାନ ପ୍ରସବ ଉପରେ ବହୁ ମାମଲା ଦେଖିବାକୁ ମିଳିଛି କି ଏପରି ହୋଇଛି କି ପିଲା ଦିନରେ ଯେଉଁ ଶିଶୁମାନେ ସିଜରିଆନ ହୋଇ ଜନ୍ମ ହୋଇଥିଲେ ସେମାନେ ବୟସ୍କରେ ପରିଣତ ହେବା ପରେ ଏମାନଙ୍କ ଜୀବନ ବଞ୍ଚାଇବାର ଆବଶ୍ୟକ ହୋଇପଡ଼ିଛି। କିନ୍ତୁ ଅନ୍ୟପକ୍ଷରେ ସିଜରିଆନ ଶିଶୁ ପାଇଁ ଉଭୟେ ମା' ଓ ପିଲା ଉଭୟଙ୍କ ପାଇଁ ଭୟ ରହିଛି। ଏଥିସହିତ ଚୱାରୀ କହିଥିଲେ କି ଏହି ଅଧ୍ୟୟନରେ ବହୁ ଭଲଭଲ ପ୍ରମାଣ ମିଳିଛି କି ସିଜରିଆନ ପ୍ରସବ ହେବା ଫଳରେ ପିଲାଦିନରୁ ପିଲା ମୋଟାପା ଭିତରେ ଗତିକରିବା ବାସ୍ତିକ ସମ୍ବନ୍ଧ ରହିଥାଏ। ଏହାର ନିଷ୍କାଷି କହୁଛି କି ପରିବାର ଭିତରେ ସିଜରିଆନ ପ୍ରସବ ଫଳରେ ଜନ୍ମିତ ଶିଶୁ ସାମାନ୍ୟ ୬୪ ପ୍ରତିଶତ ଅଧିକ ରହିଥାଏ। ସେ ଏଥିପଇଁ ଏହା କହିଥିଲେ କାହିଁକି ନା କେବଳ ପ୍ରସବ ଉପାୟ ବ୍ୟତୀତ ଭାଇଭଉଣୀ ମଧ୍ୟରେ ମଧ୍ୟ ମୋଟାପଣ ଦେଖିବାକୁ ମିଳିଛି କି ଅଧିକାଂଶ ସିଜରିଆନ ହୋଇଥିବା ଶିଶୁ ଗୋଟିଏ ଘରେ ସାମାନ୍ୟ ଭାବରେ ଜନ୍ମ ହୋଇଥିବା ଶିଶୁଙ୍କ ତୁଳନାରେ ମୋଟା ହୋଇଥାନ୍ତି। ଏଥିରେ କେତେକ ସ୍ଥାନରେ ଅନୁବଂଶିକ ଲକ୍ଷଣ ମଧ୍ୟ ସାମିଲ ହୋଇଥାଏ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଇତିହାସର ପୁନରାବୃତ୍ତି...

ଓଡ଼ିଶାର ନୂଆ ସରକାର 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର'କୁ 'ଓଡ଼ିଶା ରାଜ୍ୟ କ୍ରୀଡ଼ା ପୁରସ୍କାର' ନାମରେ ପୁନଃନାମିତ କଲେ। ସ୍ୱର୍ଗତ ବିଜୁ ପଟ୍ଟନାୟକ ଓଡ଼ିଶାର ଦୁଇ ଥର ମୁଖ୍ୟମନ୍ତ୍ରୀ। ବିଶାଳ ବ୍ୟକ୍ତିତ୍ୱ, ଦୁଃସାହସୀ। ଇଣ୍ଡୋନେସିଆର ଭୂମିପୁତ୍ର। ଜବାହାରଲାଲ ନେହେରୁଙ୍କ ଘନିଷ୍ଠ। ଓଡ଼ିଶା ପାଇଁ ସେ ସ୍ୱାଭିମାନର ପ୍ରତୀକ। ଖାରବେଳଙ୍କ ଦାୟାଦ ଭାବେ ଓଡ଼ିଶାବାସୀ ତାଙ୍କୁ ତୁଳନା କରିଥା'ନ୍ତି। ତେଣୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ତୀବ୍ର ବିରୋଧ ହେଲା। ଅସନ୍ତୋଷର ବହ୍ନି ଆଗକୁ ଭୀଷଣ ରୂପ ନେବାକୁ ଯାଉଥିବା ଅନୁମାନ କରି ସରକାର ବିଜ୍ଞପ୍ତି ପ୍ରକାଶ ପାଇବାର ୨୪ ଘଣ୍ଟା ନ ପୂରୁଣୁ ପୁଣି ପ୍ରତ୍ୟାହାର କରିନେଲେ। ଏହା ଏକ ବିଚିତ୍ର ଘଟଣାକ୍ରମ ଏବଂ ଏକ ଅପରିପକ୍ୱ ମାନସିକତା ବୋଲି କୁହାଯାଇପାରେ। କେଉଁ ପରିସ୍ଥିତିରେ ନାମ ପରିବର୍ତ୍ତନ କରାଗଲା ଏବଂ ରାଜ୍ୟ କ୍ରୀଡ଼ା ମନ୍ତ୍ରୀଙ୍କର ଏଥିରେ କି ଭୂମିକା ଥିଲା ତାହାର ସବିଶେଷ ତଥ୍ୟ ଲୋକଲୋଚନକୁ ଅଣାଯିବା ଆବଶ୍ୟକ। କାରଣ ଏହି ବିବାଦୀୟ ନିଷ୍ପତ୍ତି ମଧ୍ୟରେ ସରକାରଙ୍କ ପ୍ରଶାସନିକ ଅପାରଗତା ଭଳି ପ୍ରଶ୍ନ ମଧ ଯୋଡ଼ି ହୋଇଯାଇଛି। କେବଳ ଏହି ଗୋଟିଏ ନୁହେଁ, ବିଗତ କିଛିବର୍ଷ ଧରି ଦେଶରେ ବିଭିନ୍ନ ଯୋଜନା ଓ ଅନୁଷ୍ଠାନର ନାମ ପରିବର୍ତ୍ତନ ମାନସିକତା ବୃଦ୍ଧି ପାଇବା ପରିଲକ୍ଷିତ ହେଉଛି। ବୋଧହୁଏ ଏହି ଧାରାକୁ ଆଗେଇ ନେବା ପାଇଁ ରାଜ୍ୟ ସରକାର ମଧ ଉଦ୍ୟମ ଆରମ୍ଭ କରିଥିବା ମନେ ହୁଏ। ଦେଶରେ ଇତିମଧ୍ୟରେ ଏକାଧିକ ସଂସ୍ଥା, ସ୍ଥାନ, ଯୋଜନା ଓ ପ୍ରକଳ୍ପର ନାମ ପରିବର୍ତ୍ତନ ହୋଇ ସାରିଲାଣି। 'ଯୋଜନା କମିଶନ' ନାମ ପରିବର୍ତ୍ତନ କରାଯାଇ 'ନିତି ଆୟୋଗ' କରାଗଲା। କିନ୍ତୁ କାର୍ଯ୍ୟକ୍ରମ ରୂପାୟନରେ ସେଭଳି ବିଶେଷ ପରିବର୍ତ୍ତନ ଆସିପାରି ନ ଥିବା ଦେଖାଗଲା। ୨୦୧୪ରେ 'ସ୍ୱଚ୍ଛ ଭାରତ ଅଭିଯାନ' ଆରମ୍ଭ କରାଗଲା। ଅନୁରୂପ ଯୋଜନା ୧୯୯୯ ମସିହାରୁ ଦେଶରେ 'ନିର୍ମଳ ଭାରତ ଅଭିଯାନ' ନାମରେ କାର୍ଯ୍ୟକାରୀ ହେଉଥିଲା। ଏହି ଯୋଜନାର ଲକ୍ଷ୍ୟ ଥିଲା ଦେଶକୁ ପରିଷ୍କାର ପରିଚ୍ଛନ୍ନ କରି ଗଢ଼ି ତୋଳିବା। ଏହି ସମୟରେ ଦେଶରେ ଧୂମବିହୀନ ଚୂଲା ଉପଯୋଗ ଉପରେ ଗୁରୁତ୍ୱାରୋପ କରାଯିବା ସହ ଗ୍ରାମାଞ୍ଚଳରେ ଶୌଚାଳୟ ପ୍ରତିଷ୍ଠା ପାଇଁ ଜନସାଧାରଣଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। ସେହିପରି 'ପ୍ରଧାନମନ୍ତ୍ରୀ ଧନଜନ ଯୋଜନା' (ପିଏମ୍‌ଜେଡିୱାଇ) ପ୍ରଚଳନ କରାଗଲା। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ବ୍ୟାଙ୍କ ଜରିଆରେ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଯୋଜନା ବ୍ୟାପକ ପ୍ରଚାର ସହ ଆରମ୍ଭ କରାଗଲା। ତେବେ ଏହାପୂର୍ବରୁ ଦେଶରେ 'ବେସିକ୍ ସେଭିଙ୍ଗ ବ୍ୟାଙ୍କ ଡିପୋଜିଟ ଆକାଉଣ୍ଟ(ବିଏସ୍‌ବିଡିଏ) ଯୋଜନା ପ୍ରଚଳିତ ଥିଲା। ଉଭୟ ଯୋଜନାର ଲକ୍ଷ୍ୟ ପ୍ରାୟତଃ ସମାନ। ତେଣୁ ପିଏମ୍‌ଜେଡିୱାଇରେ ଯାହା କିଛି ନୂଆ କରିବା ପାଇଁ ସରକାର ଚିନ୍ତା କଲେ ତାହା ବିଏସ୍‌ବିଡିଏରେ ସଂଲଗ୍ନ କରାଯାଇ ପାରିଥା'ନ୍ତା। କିନ୍ତୁ ଏହା ପରିବର୍ତ୍ତେ ନୂଆ ଯୋଜନା ଘୋଷଣା କରାଗଲା। ପରବର୍ତ୍ତୀ ସମୟରେ ଏହା 'ଅମୃତ ଯୋଜନା' ଭାବେ କାର୍ଯ୍ୟକାରୀ ହେଲା। କନ୍ୟା ସନ୍ତାନଙ୍କ ପ୍ରଗତି ପାଇଁ ୨୦୦୮ ମସିହାରେ ଆରମ୍ଭ ହୋଇଥିବା 'ଜାତୀୟ କନ୍ୟା ସନ୍ତାନ କାର୍ଯ୍ୟକ୍ରମ' ଏବେ 'ବେଟି ବଚାଓ, ବେଟି ପଢ଼ାଓ'ରେ ରୂପାନ୍ତରିତ ହୋଇଛି। ସ୍ୱଦେଶୀ ନିର୍ମାଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ୨୦୧୩ ମସିହାରେ 'ଜାତୀୟ ନିର୍ମାଣ ନୀତି' ପ୍ରଣୟନ କରିଥିଲେ, ଯାହା ଏବେ 'ଆତ୍ମନିର୍ଭର ଭାରତ' ଓ 'ମେକ୍ ଇନ୍ ଇଣ୍ଡିଆ' ଯୋଜନାରେ ସମ୍ପୂର୍ଣ୍ଣ ପ୍ରତିଫଳିତ ହେଉଛି। ୨୦୦୬ ମସିହାରେ କେନ୍ଦ୍ର ସରକାର ଅନୁମୋଦନ କରିଥିବା 'ଜାତୀୟ ଇ-ଗଭର୍ଣ୍ଣାନ୍‌ସ ଯୋଜନା' ଏବେ 'ଡିଜିଟାଲ ଇଣ୍ଡିଆ' ଭାବେ ନାମିତ ହୋଇଛି। ସେହିପରି ପୂର୍ବରୁ ପ୍ରଚଳିତ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମ, ଜାତୀୟ ସାମୁଦ୍ରିକ ବିକାଶ କାର୍ଯ୍ୟକ୍ରମ ଓ ଜାତୀୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପ୍ରତି ଯଥାକ୍ରମେ 'ମିଶନ ଇନ୍ଦ୍ରଧନୁଷ୍', 'ସାଗରମାଳା', 'ସ୍କିଲ୍ ଇଣ୍ଡିଆ'କୁ ପରିବର୍ତ୍ତିତ ହୋଇଛି। ଶାସକ ଦଳ ଯେଉଁ କେତେକ ଯୋଜନାକୁ ପୁନଃନାମିତ କରିଛନ୍ତି ସେଥିରେ ପୂର୍ବଯୋଜନାର ମୌଳିକ ଚିନ୍ତାଧାରା ସମାନ ରହିଛି। କେବଳ ଜନସାଧାରଣଙ୍କ ମନରେ ସରକାରଙ୍କ ଦ୍ୱାରା ଅନେକ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବାର ଧାରଣା ଜନ୍ମାଇବା ପାଇଁ ଏସବୁର ନାମ ପରିବର୍ତ୍ତନ କରାଯାଇଥିବା ମନେହୁଏ। ନୂଆଦିଲ୍ଲୀର 'ନେହେରୁ ସ୍ମାରକୀ ସଂଗ୍ରହାଳୟ ଓ ପାଠାଗାର' ନାମ ପରିବର୍ତ୍ତନ କରାଯାଇ 'ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଓ ପାଠାଗାର' ଭାବେ ନାମିତ କରାଗଲା। ପୁନର୍ନାମକରଣରେ ସାଧାରଣ ଜନତାଙ୍କ ଆଗ୍ରହ ତୁଳନାରେ ରାଜନୈତିକ ଉଦ୍ଦେଶ୍ୟ ଅଧିକ ନିହିତ ଥିବା ମନେ ହେଉଛି। ଏହାଦ୍ୱାରା ଇତିହାସର କିଛି ତଥ୍ୟ ଓ ସ୍ମୃତି ବିଲୁପ୍ତ ହେବାର ଆଶଙ୍କା ରହିଛି। ଏକଥା ସତ୍ୟ ଯେ, ପୂର୍ବ ମୁଖ୍ୟମନ୍ତ୍ରୀ ଭାବେ ବିଜୁ ପଟ୍ଟନାୟକଙ୍କ ନାମରେ ରାଜ୍ୟରେ ଅନେକ ଯୋଜନା ରହିଛି, ଯାହା ଅନ୍ୟ କୌଣସି ମୁଖ୍ୟମନ୍ତ୍ରୀଙ୍କ ନାମରେ ନାହିଁ। ଏଣୁ ନୂଆ ସରକାର ନିଜସ୍ୱ ଯୋଜନା କରି ନିଜ ଇଚ୍ଛାନୁଯାୟୀ ନାମକରଣ କରିବାରେ କିଛି ବାଧା ନାହିଁ। ଏଣୁ ଆଗକୁ ସରକାର ପୁରୁଣା ନାମକରଣ ବାଦ ନଦେଇ ନୂଆ ନାମକରଣ ପାଇଁ ଉଦ୍ୟମ କଲେ ଭଲ ହେବ। ତା' ନ କରି ରାଜନୈତିକ ଲୋକପ୍ରିୟତା ପାଇଁ ଯଦି ଓଡ଼ିଶା ସରକାର ନାମ ପରିବର୍ତ୍ତନରୁ ନିଜ କାର୍ଯ୍ୟ ଆରମ୍ଭ କରିବାକୁ ମନସ୍ଥ କରିଥା'ନ୍ତି, ତା' ହେଲେ ଏହା ଭୋଟରେ ରୂପାନ୍ତରିତ ହୋଇପାରିବ ନାହିଁ, ଯାହା ଗତ ଲୋକସଭା ନିର୍ବାଚନରେ ଉତ୍ତରପ୍ରଦେଶରେ ଘଟିସାରିଛି।

# ମହାନ ବିପ୍ଳବୀ ନାରୀ ନେତ୍ରୀ 'ମାଳତୀ ଦେବୀ'



ଡକ୍ଟର ଶରତ୍ ଚନ୍ଦ୍ର ମିଶ୍ର

ଅନେକ ଲୁହ ଓ ଲହୁର କଥା ହେଉଛି, ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସ। ଓଡ଼ିଶାର ପାଇକ ବିଦ୍ରୋହ ଠାରୁ ଆରମ୍ଭ କରି ସିପାହୀ ବିଦ୍ରୋହ, ଭାରତ ଛାଡ଼ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଆଦି ଅନେକ ସଂଗ୍ରାମ ଓ ଆତ୍ମୋତ୍ସର୍ଗର ମୂକ ସାକ୍ଷୀ ହେଉଛି ଆମର ସ୍ୱାଧୀନତା। ଏହି ସ୍ୱାଧୀନତା ଆନ୍ଦୋଳନରେ ପୁରୁଷ-ସ୍ତ୍ରୀ, ଯୁବକ-ଯୁବତୀ, ପିଲା -ବୁଢ଼ା ସମସ୍ତଙ୍କର ତ୍ୟାଗର ତୁଳନା ନାହିଁ। ଏହି ଜାତୀୟ ଆନ୍ଦୋଳନରେ ସାମିଲ ହୋଇ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ ଅନେକ ଉତ୍କଳୀୟ ମହୀୟସୀ ମହିଳାଗଣ। ସେମାନଙ୍କ ମଧ୍ୟରେ ବିପ୍ଳବିଣୀ 'ମାଳତୀ ଚୌଧୁରୀ' ଥିଲେ ଅଗ୍ରଗଣ୍ୟା।

ସେହି କିମ୍ବଦନ୍ତୀ ମହିଳା ଆଜିର ଦିନରେ ଅର୍ଥାତ୍ ଜୁଲାଇ ମାସ ୨୭ ତାରିଖରେ ୧୯୦୪ ମସିହାରେ ପଶ୍ଚିମବଙ୍ଗରେ ପ୍ରସିଦ୍ଧ କଲିକତା ସହରରେ ଜନ୍ମଗ୍ରହଣ କରିଥିଲେ। ପିତା ହେଉଛନ୍ତି ସେ ସମୟରେ ପଟନା ହାଇକୋର୍ଟର ସୁନାମଧନ୍ୟ ବାରିଷ୍ଟର କୁମୁଦନାଥ ସେନ୍ ଓ ମାତା ସ୍ନେହଲତାଙ୍କର ସେ ଆଦରର କନ୍ୟା 'ମାଳତୀ' ପରବର୍ତ୍ତୀ ପର୍ଯ୍ୟାୟରେ ସେ ହେଲେ ଜଗତସିଂହପୁର 'ଖେରସ୍' ଗ୍ରାମର କୁଳବଧୂ। ମାଳତୀ ଥିଲେ ଆଭିଜାତ୍ୟ ବଙ୍ଗୀୟ ପରିବାରର ବ୍ରାହ୍ମଣ କନ୍ୟା। ମାତ୍ର ସେ ବିବାହ କରିଥିଲେ ଓଡ଼ିଆ କରଣ ସାଆନ୍ତ ଆଭିଜାତ୍ୟ ପରିବାରର ଯୁବ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀଙ୍କୁ। ବିବାହ ପରେ ସମସ୍ତ କରଣ ସାମନ୍ତଙ୍କ ଘରେ ଚହଳ ପଡ଼ିଥିଲା। ସମସ୍ତେ କ୍ଷୁବ୍ଧ ହେଲେ। ଏମିତି ପରିସ୍ଥିତି ଆସିବ ନିଶ୍ଚୟ। ଏ କଥା ପୂର୍ବରୁ ସ୍ଥିର ନିଶ୍ଚୟ କରି ନେଇଥିଲେ ସଂଗ୍ରାମୀ ନବକୃଷ୍ଣ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ପରିଚାଳିତ ଥିବା ନବକୃଷ୍ଣ ବିବାହ କ୍ଷେତ୍ରରେ ଜାତି, ଧର୍ମ, ବର୍ଣ୍ଣ ଓ ଭେଦଠାରୁ ଉପରକୁ ଉଠି ବିବାହ କରିବାରେ ସୁବିଚାର ରଖିଥିଲେ। ପିତା, ମାତା ଓ ଅନ୍ୟ ଆତ୍ମୀୟଙ୍କ ଉପରେ ସେ ସ୍ତ୍ରୀଟିଏ ଖୋଜିବାର ଦାୟିତ୍ୱ ଅର୍ପଣ କରି ଶାନ୍ତ, ସୁଧାର ଓ ବୋଲକରା ସନ୍ତାନଟିଏ ଖୋଜି ସେ ପାଇଥିଲେ ଉଚ୍ଚ ମଧ୍ୟବିତ୍ତ ବଙ୍ଗୀୟ ବ୍ରାହ୍ମଣ ଲଳନା ମାଳତୀଙ୍କୁ। ୧୯୨୭ ମସିହା ଜୁଲାଇ ମାସ ୨୭ ତାରିଖରେ ସେମାନଙ୍କର ବିବାହ ହୋଇଥିଲା।

ଓଡ଼ିଶାର ଖେରସ୍ ଗ୍ରାମରେ ପହଞ୍ଚିଥିବା ପରେ ନବକୃଷ୍ଣ ହେଲେ କୃଷକ ଓ ମାଳତୀ ଦେବୀ ହେଲେ କୃଷକଙ୍କ ଘରଣୀ। ଦୁହେଁ ମିଳି ସେଠାରେ ଚାଷକଲେ, ଧାନ, ପନିପରିବା ଚାଷ କରିବା ସହ ପଡ଼ୋଶୀ ଗ୍ରାମସାବୀଙ୍କୁ ବି ଶିକ୍ଷାଦେଲେ। ନବକୃଷ୍ଣ ସାଙ୍ଗ ସାଥିଙ୍କ ସହ ମିଳି ପାଖ ଗାଁର ହରିଜନ, ବଇରୀ ଓ ଆଦିବାସୀଙ୍କ ସହ ମିଳିତ ହୋଇ ତାଙ୍କ ଘରକାମରେ ଶୃଙ୍ଖଳା ଆଣିବା, ନିଜ ନିଜର ପିଲାଙ୍କୁ ପଢ଼ାଇବା ପାଇଁ ମହିଳାଙ୍କୁ ଶିକ୍ଷିତ କରାଇବା ସହ ରାତିରେ ହରିଜନ ପିଲା ଓ ମହିଳାଙ୍କୁ ପଢ଼ାଇଲେ, ଏଥିରେ ତାଙ୍କୁ ମିଳିଲା ଦୀନ, ଦରିଦ୍ର ଓ ଅବହେଳିତଙ୍କୁ ସେବା କରିବାର ପ୍ରଥମ ସୁଯୋଗ।

ମାଳତୀ ଦେବୀ ରବିନ୍ଦ୍ରନାଥ ଠାକୁରଙ୍କର ହାତଗଢ଼ା ଶିକ୍ଷାନୁଷ୍ଠାନ ଶାନ୍ତିନିକେତନରେ ଅଧ୍ୟୟନ କରୁଥିବା ସମୟରେ ସେ ବାଲ୍ୟକାଳରୁ ରବୀନ୍ଦ୍ରନାଥଙ୍କ ପାଖରୁ ଜାଣିଥିଲେ। ପୁଣି ବାପୁ ମହାତ୍ମାଗାନ୍ଧୀ, ବିଶ୍ୱକବି ରବୀନ୍ଦ୍ର ନାଥଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ସେମାନଙ୍କ ତ୍ୟାଗ ଓ ଆଦର୍ଶରେ ନିଜକୁ ଗଢ଼ି ତୋଳିଥିଲେ। ବିବାହ ପରେ ସ୍ୱାମୀ ନବକୃଷ୍ଣ, ବଡ଼ ଯା' ରମାଦେବୀ ଓ ଦେଢ଼ଶୁର ଗୋପବନ୍ଧୁ ଚୌଧୁରୀଙ୍କ ସଂସ୍ପର୍ଶରେ ଆସିବା ପରେ ସେ ଜଣେ ସଫଳ ନାରୀ ନେତ୍ରୀ ହୋଇଗଲେ।

ସେତେବେଳର ସାଂପ୍ରତିକ ପରିସ୍ଥିତି, ସମାଜ ଓ ସାମାଜିକ ଶୈଳୀରେ ନାରୀମାନେ ଓଢ଼ଣୀ ପଛରେ ରହିବା ଥିଲା ଜଣେ ଭଦ୍ର ମହିଳାର ପରିଚୟ। ମାତ୍ର ଇଂରେଜ ଶାସନ କାଳରୁ ଏ ଦେଶକୁ ମୁକ୍ତି କରିବା ଓ ନାଗରିକଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ଦେଶର କୋଣ ଅନୁକୋଣରୁ ବହୁ ନରନାରୀ ନିଜ ଜୀବନ ବଳିଦାନ ଦେଇଥିଲେ। ଓଡ଼ିଶାର କେତେକ ନାରୀ ନିଜନିଜ ପରିବାରର ସୁଖ, ସ୍ୱଚ୍ଛନ୍ଦକୁ ପଛରେ ପକାଇ ଦେଶର ସ୍ୱାଧୀନତା ସଂଗ୍ରାମର ଝାସ ଦେଇଥିଲେ। ମନରେ ଅଦମ୍ୟ ସାହସ ଓ ଦୃଢ଼ ସଂକଳ୍ପ ନେଇ ପରିବାର, ମାନ, ସମ୍ମାନ, ସନ୍ତାନ ସବୁକୁ ପଛରେ ପକାଇ ଘରୁ ଗୋଡ଼ କାଢ଼ି ଥିଲେ ଓ ପ୍ରତ୍ୟକ୍ଷ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ରମାଦେବୀ, ମାଳତୀ ଦେବୀ, ସୁଦ୍ର ମହତାବ, ସରଳା ଦେବୀ ଓ ଡାକ୍ତର କୁନ୍ତଳା କୁମାରୀ ସାବତ ଆଜି ଅଗ୍ରଗଣ୍ୟା।

ମାଳତୀ ଦେବୀ ନିଜର ଜମିଦାରୀ ଉଆସ ଛାଡ଼ି, ପାରିବାରିକ ସ୍ନେହ, ଶ୍ରଦ୍ଧାକୁ ଜଳାଂଜଳି ଦେଇ ଯାଇ ତରିକୁଳ କୃଷି ଫାର୍ମରେ ରହିଲେ। ବାରିଷ୍ଟର କନ୍ୟା ମାଳତୀଙ୍କ ପାଇଁ ନା ସେଠାରେ ଥିଲା ଗାଧୁଆଘର ନା ପାଇଖାନା। ଆଦର୍ଶ ନାରୀ ପରି ସେ ସମସ୍ତ ଅଭାବ ଅସୁବିଧାକୁ ହସି ହସି ଚଳାଇ ନେବା ସହ ନୈଶ୍ୟ ବିଦ୍ୟାଳୟ ସ୍ଥାପନ ଅସ୍ପୃଶ୍ୟତା ନିବାରଣ ଓ ଯୁବ ସଂଗଠନ ଆଜି କାର୍ଯ୍ୟରେ ନିଜକୁ ସାମିଲ କଲେ। ପରେ ସେ କୃଷିକର୍ମୀ ସଂଘକୁ ସଂପ୍ରଦାନ ଦେଇଥିଲେ। ମାଳତୀ ଦେବୀ ନିଜର ସମସ୍ତ ସୁନା ଗହଣାକୁ ବିକ୍ରି କରି ସଂଗ୍ରେସ ସମାଜବାଦୀ କର୍ମୀସଂଘକୁ ଦାନ କଲେ। ଫଳରେ ସଂଘର ମୁଖପତ୍ର 'ସାରଥୀ' ପତ୍ରିକା ପ୍ରକାଶିତ ହୋଇପାରିଲା। ଏହି ସଂଘ ୧୯୩୪ ମସିହାରେ 'ସର୍ବଭାରତୀୟ ଜାତୀୟ କଂଗ୍ରେସ' ଦଳରେ ସାମିଲ ହୋଇଥିଲା।

ମହାତ୍ମାଗାନ୍ଧୀ ୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ 'ଲବଣ ସତ୍ୟାଗ୍ରହ'ର ଡାକରା ଦେଲେ। ଓଡ଼ିଶାର ଇଞ୍ଚୁଡ଼ି ଓ କୁଜଙ୍ଗଠାରେ ଏହି ଆନ୍ଦୋଳନର ସାମିଲ ହୋଇ ମାଳତୀଦେବୀ ଜେଲ ଗଲେ। ୧୯୩୧ ମସିହାରେ ଗାନ୍ଧୀ- ଇର୍‌ୱଇନ୍ ଚୁକ୍ତି ପରେ ମୁକ୍ତି ପାଇଲେ। ପୁଣି ଭୋଟ ଗ୍ରହଣ କେନ୍ଦ୍ରରେ ପିକେଟିଂ କରି ଗିରଫ ହୋଇ ୧୯୩୨ରେ ଶିଶୁ ହଜାରିବାଗ୍ ସେଲରେ ରହିଲେ। ପୁଣି ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ମୁଖ୍ୟ ଭୂମିକା ଯୋଗୁଁ ଶିଶୁପତ୍ର ବିନାୟକ ସହ ଜେଲ ଗଲେ ଓ କନ୍ୟା ଉତ୍ତରା ମଧ ମାତ୍ର ୧୫ବର୍ଷ ବୟସରେ ଭାରତଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିବାରୁ କାରାବରଣ ବି ଗଲେ। ଜେଲରୁ ମୁକ୍ତ ହେବା ପରେ ଦୁସ୍ଥ, ଦରିଦ୍ର, ଆଦିବାସୀ ଓ ଅନାଥ ଶିଶୁଙ୍କ ସେବା କରିବା ପାଇଁ ଅନୁଗୁଳରେ ଆରମ୍ଭ କଲେ 'ବାଜିରାଉତ ଛାତ୍ରାବାସ'। ବାଜିରାଉତ ବାରବର୍ଷର ବାଳକ, ଦେଶ ଓ ଜାତି ପାଇଁ ଯେ ପ୍ରାଣବଳି ଦେଇଥିଲେ। ସେହି ସ୍ମୃତିରେ ଗଢିରେ 'ବାଜିରାଉତ ଛାତ୍ରାବାସ। ନବବାବୁ ଓ ମାଳତୀ ଦେବୀ ଥିଲେ ଏହି ଛାତ୍ରାବାସର ବାପା, ମା ସଦୃଶ। ସେ ଦୁହେଁ ଥିଲେ ଅନ୍ତେବାସୀଙ୍କର ଆଦରର 'ବାପି' ଓ ନୁମା'। ଆଦିବାସୀ ସେବା ନାରୀଜାଗରଣ, କର୍ମୀ ତାମିଲ ସହ ଅନ୍ୟାୟ ଅନୀତି ବିରୋଧରେ ଲଢ଼ିବା ଥିଲା ମାଳତୀ ଦେବୀଙ୍କର ଜୀବନର ପ୍ରଥମ ତଥା ପ୍ରଧାନ ବ୍ରତ।



ମାଳତୀ ଦେବୀଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରମାନେ ପୁସ୍ତକ ଅଧ୍ୟୟନ ସହ ପାଇଖାନା ନିର୍ମାଣ ଓ ସଫେ, ସୂତାକଟା, ଲୁଗାବୁଣା, ଗୋ-ପାଳନ, ମହୁଚାଷ ଓ ବୃକ୍ଷରୋପଣ ଆଦି ବିଭିନ୍ନ ରଚନାତ୍ମକ କାର୍ଯ୍ୟରେ ନିମଜ୍ଜିତ ରହିଲେ। ୧୯୪୭ରେ ଦେଶ ସ୍ୱାଧୀନ ହେଲା। ନବକୃଷ୍ଣ ଚୌଧୁରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ। କିନ୍ତୁ ମାଳତୀ ଦେବୀ ଅନୁଗୁଳରେ ରହି ଛାତ୍ରଙ୍କ ଦାୟିତ୍ୱ ସହ ସମସ୍ତ ସେବା କାର୍ଯ୍ୟକୁ ଚାଲୁ ରଖିଥିଲେ। ଅନୁଗୁଳରେ 'ଉତ୍କଳ ନବଜୀବନ ମଣ୍ଡଳ' ଦ୍ୱାରା ୧୯୪୮ରେ କନ୍ୟାଶ୍ରମ ଓ ଅନେକ ଦୁର୍ଗମ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳକୁ ଯାଇ ସେବା ଘର ନିର୍ମାଣ କଲେ। ସେଠାରେ ରହି ପିଲାମାନଙ୍କୁ ପଢ଼ାଇବା, ମହିଳାମାନଙ୍କୁ ସ୍ୱାସ୍ଥ୍ୟ ସେବା ଦେବା ସହ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନ କରାଇବା, କୁସଂସ୍କାର ମୁକତ କରାଇବା ପାଇଁ ଶିକ୍ଷା ଦେବା କାର୍ଯ୍ୟ ଜାରି ରଖିଲେ। ମାଳତୀ ଦେବୀଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସେବାଘର କାର୍ଯ୍ୟ ଖୁବ ଆଦୃତ ହେଲା। ଅନୁଗୁଳରେ ଉଭୟ ଛାତ୍ରାବାସ ଓ କନ୍ୟାଶ୍ରମର ପରିଚାଳନା ବି ମାଳତୀ ଦେବା ବୁଝୁଥିଲେ। 'ଗଡ଼ଜାତ' ମିଶ୍ରଣରେ ମାଳତୀ ଦେବୀଙ୍କର ପ୍ରତ୍ୟକ୍ଷ ସହଯୋଗ ଥିଲେ।

ଦେଶର ସଙ୍କଟଜନକ ପରିସ୍ଥିତିରେ ସେ ସ୍ଥିର ହୋଇ ବସିପାରୁ ନଥିଲେ। ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସେ 'ସଂଗ୍ରାମ'ରେ ଅବଶ୍ୟ ସାମିଲ ହୋଇଥିଲେ। ସେ ୧୯୭୫ ରେ ଜରୁରୀ କାଳୀନ ପରିସ୍ଥିତି ହେଉ, ଅଥବା ଗନ୍ଧମାର୍ଦ୍ଦନ ପର୍ବତର ଚକ୍ରାମୋଇଟ୍ ଖଣି ଉତ୍ତୋଳନ ହେଉ ବା ବାଲେଶ୍ୱରର ବାଲିଆପାଳଠାରେ କ୍ଷେପଣାସ୍ତ୍ର ଘାଟି ନିର୍ମାଣରେ ତୀବ୍ର ବିରୋଧ ହେଉ, ସେ ସବୁଠି ହାଜର।

ତାଙ୍କ ଜୀବନରେ ଅନେକ ଘାତ ପ୍ରତିଘାତ ଆସିଛି ହେଲେ ସେ ଅଟକି ଯାଇ ନାହାନ୍ତି। ୧୯୪୮ରେ ପ୍ରାଣ ପୁତ୍ର ବିନାୟକର ଅକାଳ ମୃତ୍ୟୁ, ବୃଦ୍ଧାବସ୍ଥାରେ ପ୍ରିୟତମ ସ୍ୱାମୀଙ୍କର ମହାପ୍ରୟାଣ, ଯା' ଓ ଦେଢ଼ସୁରଙ୍କର ଏକମାତ୍ର ପୁତ୍ର ତଥା ତାଙ୍କ ପୁରସ୍କାର ବିୟୋଗ। ସେ ଆତ୍ମୀୟଙ୍କୁ ଯେମିତି ଭଲ ପାଉଥିଲେ ଠିକ୍ ସେମିତି ଭଲ ପାଉଥିଲେ ଅଗଣିତ ଦୀନ, ଦରିଦ୍ର, ଶୈକ୍ଷିକ ଓ ପ୍ରପିଡ଼ିତ ତଥା ଉତ୍ପୀଡ଼ିତଙ୍କୁ। ସମସ୍ତଙ୍କର ଦୁଃଖ ଓ ଯନ୍ତ୍ରଣାକୁ ସେ ଆପଣାର ମଣି ସର୍ବଦା ଆଗଉଥିଲେ।

ଅର୍ଦ୍ଧଶତାବ୍ଦୀର ଅଧିକ କାଳ ଧରି ସେ ନିଜକୁ ମାନବ ସେବାରେ ଉତ୍ସର୍ଗୀକୃତ କରିଯାଇଛନ୍ତି। ତାଙ୍କର ସ୍ନେହ, ଆଦର ଓ ସେବା ପାଇଁ ୧୯୭୮ରେ ତାଙ୍କୁ ଜାତୀୟ ପୁରସ୍କାର ମିଳିଥିଲା। ପୁଣି ମହିଳା ଶିଶୁ କଲ୍ୟାଣ ଓ ସେମାନଙ୍କର ଉନ୍ନୟନ ଏବଂ ଉତ୍ଥାନ ପାଇଁ ତାଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ ୧୯୮୮ରେ ଯମୁନାଲାଲ ବାଜାବ୍ ପୁରସ୍କାର ପ୍ରାପ୍ତ ହୋଇଥିଲେ। ୧୯୯୫ରେ ଉତ୍କଳ ସମ୍ମାନ ଓ ୧୯୯୮ରେ ବିଶ୍ୱଭାରତୀ ବିଦ୍ୟାଳୟ ଯେଉଁଠାରୁ ସେ ଦିନେ ଉଚ୍ଚଶିକ୍ଷା ପାଇଥିଲେ ତାହାର ସର୍ବୋଚ୍ଚ ସମ୍ମାନ 'ଦେଶୀକୋରମ'ରେ ତାଙ୍କୁ ଭୂଷିତ କରାଯାଇଥିଲା।

ସେଦିନ ଥିଲା ୧୯୯୮ ମସିହା ମାର୍ଚ୍ଚ ମାସ ୧୫ ତାରିଖ, ତାଙ୍କର ମରଶରୀର ପହଞ୍ଚିଥିଲା ତାଙ୍କର ସେହି ହାତଗଢ଼ା ଅନୁଷ୍ଠାନ ଅନୁଗୁଳର 'ବାଜିରାଉତ ଛାତ୍ରାବାସରେ। ମାତ୍ର ସେହି ମହୀୟସୀ ମହିଳାଙ୍କର ପ୍ରଦର୍ଶିତ ମାର୍ଗ ଓ ଉତ୍ସର୍ଗୀକୃତ ଜୀବନ ଇତିହାସ ଆମ ପାଇଁ ବତୀଘର ହୋଇ ରହିଯାଇଛି, ଆଜି ତାଙ୍କର ଶୁଭ ଜନ୍ମଦିନରେ ଜଗତର ନାଥ ଜଗନ୍ନାଥଙ୍କୁ ପ୍ରାର୍ଥନା କରିବା ତାଙ୍କର ଅମର ଆତ୍ମାର ସଦ୍‌ଗତି ହେବା ସହ ପୁଣି ତାଙ୍କର ଶୁଭ ଜନ୍ମଦିନରେ ସେ ପୁଣି ଥରେ ଉତ୍କଳ ମାଟିରେ ଜନ୍ମ ନିଅନ୍ତୁ ଜଣେ ସମାଜ ସେବିକା ହୋଇ। ଜଣେ ମାର୍ଗଦର୍ଶିକା ହୋଇ, ଜଣେ ପ୍ରେରଣାର ପ୍ରାଣ ହୋଇ।

ପ୍ରଜ୍ଞାନୀଡ଼, ବସନ୍ତବିହାର,
ଶୋଭାରାମପୁର, ବାଲେଶ୍ୱର-
୭୫୬୦୦୧
ମୋ: ୮୮୯୫୯୮୮୮୮୪

# ସରକାରୀ ଅଧିକାରୀ ଓ ସ୍ୱତନ୍ତ୍ର ଜେଲ ପ୍ରସଙ୍ଗ



ସୁବ୍ରତ କର

ପ୍ରତିଦିନ ଖବର ଖବର ଖୋଲିଦେଲେ ଦେଖାଯାଉଛି ଦୁଇଚାରି ଜଣ (ସରପଞ୍ଚଙ୍କ ସହିତ) ସରକାରୀ ଅଫିସରଙ୍କ ଅଫିସ, ଘର ଉପରେ ଚଢ଼ାଉ ଚାଲିଛି। ଜଣ ଜଣଙ୍କ ବାହାରୁଛି ଏହାର ଠିକ୍ ଭାବରେ ହିସାବ ରଖିବା ଭିଜିଲେନ୍‌ସ ବିଭାଗର ଅଫିସରଙ୍କଠାରେ ମଧ କଷ୍ଟ ହେଉଛି। ଏପରିକି ଚଢ଼ାଉ ଦୁଇତିନି ଦିନରେ ମଧ ନିର୍ମାଣ ଯନ୍ତ୍ରୀଙ୍କ ଘର ଚଢ଼ାଉ ଜାରି ରହିଛି ଏବଂ ତିନିଦିନ ପରେ ମଧ ଶେଷ ହୋଇନାହିଁ।

ଯେଉଁ ପରିମାଣରେ ସରକାରୀ ଅଫିସରମାଙ୍କ ଘର ଭିଜିଲେନ୍‌ସ ବିଭାଗ ଚଢ଼ାଉ କରୁଛନ୍ତି। ଧରାପଡୁଛନ୍ତି ଏବଂ ଶେଷରେ ଜେଲ ଯାଉଛନ୍ତି। ମୋର ମନେ ହେଉଛି ଏମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଜେଲ ତିଆରି କରିଥିଲେ ଭଲ ହୁଅନ୍ତା। ପ୍ରତିଦିନ ଖବର ଖବର ଖୋଲିଦେଲେ ଦେଖାଯାଉଛି ଦୁଇଚାରି ଜଣ (ସରପଞ୍ଚଙ୍କ ସହିତ) ସରକାରୀ ଅଫିସରଙ୍କ ଅଫିସ, ଘର ଉପରେ ଚଢ଼ାଉ ଚାଲିଛି। ଜଣ ଜଣଙ୍କ ବାହାରୁଛି ଏହାର ଠିକ୍ ଭାବରେ ହିସାବ ରଖିବା ଭିଜିଲେନ୍‌ସ ବିଭାଗର ଅଫିସରଙ୍କଠାରେ ମଧ କଷ୍ଟ ହେଉଛି। ଏପରିକି ଚଢ଼ାଉ ଦୁଇତିନି ଦିନରେ ମଧ ନିର୍ମାଣ ଯନ୍ତ୍ରୀଙ୍କ ଘର ଚଢ଼ାଉ ଜାରି ରହିଛି ଏବଂ ତିନିଦିନ ପରେ ମଧ ଶେଷ ହୋଇନାହିଁ। ଯେତେ ଖୋଲ୍‌ତାଡ଼୍ କରା ହେଉଛି ସେତେ ବାହାରିବାରେ ଲାଗିଛି। ଶେଷରେ ରାଜ୍ୟ ବାହାରେ ମଧ ଘର ରହିଥିବାର ହଦିଶ ମିଳିଛି। ତାଙ୍କର ସମ୍ପତ୍ତିର ମୂଲ୍ୟ ମୂଳ ଆୟଠାରୁ ୨୫୭ % ଅଧିକ ରହିଛି। (ଏହାଠାରୁ ଆହୁରି ବଢ଼ିପାରେ ମଧ)। ଏବେ ପାହା ବାହାରିଛି ତା ଉପରେ ଥରେ ନଜର ରଖିଲେ ଜାଣିବା ମଥୁରାରେ ଫ୍ଲାଟ, ଢେଙ୍କାନାଳରେ ଫାର୍ମ ହାଉସ୍ ଭୁବନେଶ୍ୱର ପୁରୀ ଏବଂ ଢେଙ୍କାନାଳରେ ପ୍ରାୟ ୩୪ଟା ପ୍ଲଟ ଠାବ କରାଯାଇଛି, ଭୁବନେଶ୍ୱର, ପୁରୀଠାରେ ୪ଟି କୋଠା, ଢେଙ୍କାନାଳଠାରେ ବିରାଟ ଏକ ଫାର୍ମ ହାଉସ ଯେଉଁଥିରେ ଗାଈ, ମାଛ ଏବଂ ବୋଡ଼କ ଚାପର ବ୍ୟବସ୍ଥା ରହିଛି ଏବଂ ସେଠାରେ ମଧ ଦୁଇ ମହଲା ବିଶିଷ୍ଟ ଏକ ଘର ରହିଛି ଆୟାସ କରିବା ପାଇଁ। ଏହାଛଡ଼ା ୨.୮୪ କୋଟି ଟଙ୍କାର ବ୍ୟାଙ୍କ ଜମା ଏବଂ ବୀମା ଜମା, ଲକରରୁ ୧ କେଜି ସୁନା ଅଧା କେଜି ରୂପା ଅଳଙ୍କାର ଠାବ କରାହୋଇଛି। ଘରେ ନଗଦ ୨.୩୪ ଲକ୍ଷ ଟଙ୍କା ସହିତ ୫ଲକ୍ଷ ଟଙ୍କାର ଆସବାବ ପତ୍ର, ୨ଟି ଟ୍ରକ, ୨ଟି ଦାମି କାର, ୪ଟି ମଟର ସାଇକେଲ୍ ମଧ ଭିଜିଲେନ୍‌ସ ବିଭାଗର ନଜରକୁ ଆସିଛି। ଏବେ କୁବେର ଯନ୍ତ୍ରୀ ଜେଲ ହାଜତରେ। ତାଙ୍କର ଚାକିରୀ କାଳ ଆହୁରି ୫ବର୍ଷ ଥିଲା। ଏବେ ଅନୁମାନ କରିହେବ ଯଦି ସୁରୁଖୁରୁରେ ଆଉ ପାଞ୍ଚବର୍ଷ ଚାକିରି କରିଥାଆନ୍ତେ ତେବେ ଆଉ କେତେ ସମ୍ପତ୍ତିର ମାଲିକ ହୋଇ ପାରିଥାଆନ୍ତେ।

ଏବେ ହିସାବ କରିବା ଏହି ଭଦ୍ର ବ୍ୟକ୍ତି ଜଣକର କଣ କଣ କ୍ଷତି ହେଲା? ପ୍ରଥମତଃ ଅତିରିକ୍ତ ଭାବରେ ବଦ୍‌ନାମ ହେଲେ ଏବଂ ଭବିଷ୍ୟତରେ ବନ୍ଧୁ, ପରିଜନଙ୍କୁ ମୁହଁ ଦେଖାଇବା କଷ୍ଟ ହେବ। ଚାକିରିଟି ହରେଇବେ, ଶେଷ ଜୀବନରେ ପେନ୍‌ସନ୍ ମଧ ମିଳିବ ନାହିଁ। ଯାହା ଯାହା ବାହାରିଛି ସବୁ ଭିଜିଲାନ୍‌ସ ବିଭାଗ ଠାରେ ରହିବ ଏବଂ କେବେ ହେଲେ ଫେରି ପାରିବେ ନାହିଁ। ଏଇଠି ମୋର ଗୋଟାଏ ପ୍ରଶ୍ନ ସମସ୍ତ ସରକାରୀ ଅଫିସରଙ୍କୁ ଯେ ସମସ୍ତେ ଜାଣିଛନ୍ତି ଯଦି ସରକାରୀ ଟଙ୍କା ପକେଟରେ ପୁରେଇବେ ତେବେ ଜେଲ ହେଉଛି ଶେଷ ଜୀବନ। ମୋର ଅନୁରୋଧ ବିଶେଷ କରି ଘର ଲୋକଙ୍କୁ ନିଜର ରୋଜଗାରିଆ ସ୍ୱାମୀଙ୍କୁ ଟିକିଏ ଜଗନ୍ତୁ ଏବଂ ଟିକିଏ କଷ୍ଟରେ ରଖନ୍ତୁ।




## ତଫାତ୍

ଡ଼. ଦୀପକ କୁମାର ମିଶ୍ର

ମୋ ଦେହରେ ଶହେଆଠ ଜର
ତମ ଦେହ ଧୋବ ଫରଫର
ବରଫର ଗୁଣ୍ଡ
ମୋ ଛାତିରେ ହୁଳାହୁଳା ନିଆଁ
ତମେ ଯେମିତି ପାଖ ପାହାଡ଼ରୁ
ଝରିଆସୁଥିବା ଶୀତଳ ନଈଟିରେ
ଏଇନା ଛାଡିଯାଇଥିବା
ଢେଉହୀନ ବନ୍ୟା।

ତମେ ବର୍ଷାରେ ଭିଜି
ହେମାଳ କୋମଳ
ମୁଁ ଛୁଇଁଦେଲେ
ବର୍ଷା ପିନ୍ଧେ ଉଷୁମ ପାରଦର ପାଟ
ବର୍ଷାରେ ବି ତ ଲାଗିପାରେ ନିଆଁ
ତମ ମନ କିଆଁ ଲାଗେ
ସର୍ବଦା ଓଦା ଆଉ ଓଦା।

ତମ ଓଠର ନଈପଠାରେ
କିଆରୀଏ କାଶତଣ୍ଡୀ ଫୁଲ
ଲାଲ ଟହଟହ ଗୋଲାପ ବିହୁନେ
କେଉଁ ଜହ୍ନର ପାଲଟା ଧଳାଶାଢ଼ି ପିନ୍ଧ
ବର୍ଷାପରର ପାଣିଚିଆ ଆଖି ହଳେ
ମାଖିଚ ମୁହଁରେ
ଆଙ୍କି ଧଳା ମାଟିର ମୁରୁଜ।

ଏପଟେ ତମ ଛାଇର
ବନ୍ଧନୀରେ ଗଢ଼ିଚି
ଯେନତେନ ଗୋଟେ ପ୍ରେମର ଉଆସ
ଫିକା ନାଲି ଆଲୁଅର ସାମିଆନା ତଳେ
ରୋଇଚି ରକ୍ତଜବା ଫୁଲ
ତମ ଦେହକୁ ତେଜ୍ୱି ପାଇଁ
ଜାଳିଚି ଶହେଆଠ ଉଜାଗର ଦୀପ।

ଆସ, ବେଧଡ଼କ ଫରକ ମାପୁଥିବା



ଦୁଇଟି ଦେହକୁ ଯୋଡ଼ିବା
ଗଢ଼ି ଏକ ତ୍ରିଭୁଜାକାର ହୃଦୟର ହିଡ଼
ଯେମିତି ତୁମ ଗାଁ ଆଉ ଆମ ଗାଁ
ଯୋଡ଼ିହୋଇଯାଏ ଚତୁର୍ମାସିଆର
ଭଙ୍ଗା କାଠପୋଲଟିରେ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ମନଟିଏ...

ଜୁମର ନାଥ ପାତ୍ର



କାଜୁ ପ୍ଲେଟ ସେଇମିତି ଚାହିଁ
ରହିଥାଏ ଟେବୁଲ୍‌ରେ
ଘରର ଆଭିଜାତ୍ୟର
ପ୍ରତୀକଟେ ହେଇ
କେତଟା ଖିଆ ହୁଏ ତ ଫିଙ୍ଗାଯାଏ
ପୁଣି ସକାଳୁ ମେଞ୍ଚେ ମାଡ଼ିବସେ
ପ୍ଲେଟରେ ଜାଗା
ବାଦାଆମ୍ବ ଖାଇବୁ
ଆ ସଦା ମଉସା ବାଡ଼ିକୁ କହି
ମକୁ ଭାଇ କେତେଥର ଟାଣିଛି ହାତକୁ
ଆଃ କି ସୁଆଦିଆ ଆଉ ମଜା ବି
ବାଦାଆମ୍ବ ଚୋରି କରି ଖାଇବାରେ
ସେଇ ସ୍କୁଲ ଫେରନ୍ତା ବେଳେ...
ହଁ ଆଜି କାଜୁ...ଦେଖିଲେ
ବିସିରିପି ଲାଗୁଛି
କିଏ ଖାଉଛି ଏ ଦାମୀ ଚିଜଟାକୁ
ଏଇ ମିଛ ଆଦବ କାଇଦା ଭିତରେ
ଇଚ୍ଛା ସବୁକୁ ସମାଧି ଦେଇ
ସ୍ନେହ, ମମତା ବିହୀନ ଘରଟିରେ
ଚାବିଦିଆ କଣ୍ଢେଇଟେ ପରି
ଭଗ୍ନ ମନୋରଥ ନେଇ
ବାକି ଆୟୁଷକୁ ବିତଉଥିବା
ମୋ ଭଳି ହୀନିମାନି ପାଇଁ
ଅସାର ଏସବୁ...
ଦୃଶ୍ୟକୁ ସବୁ ଥାଇ
ଅଦୃଶ୍ୟରେ ନାହିଁ ନାହିଁର
ହାହାକାର ଏଠି
ଐଶ୍ୱର୍ଯ୍ୟ ଅଛି ହେଲେ ଶାନ୍ତି କାହିଁ
ମନ ଅଛି ହେଲେ ସୋହାଗ ନାହିଁ
ଦେହ ଅଛି ହେଲେ... ଛାଡ଼
ସତରେ କେଡ଼େ ସୁନ୍ଦର ଥିଲା
ସେଦିନ ଗୁଡ଼ିକ
ନିଷ୍କପଟ ମନ, ମନଖୋଲା ହସ,
ପ୍ରଜାପତି ପରି ଡେଇଁ ଡେଇଁ
ସାରା ଦୁନିଆକୁ ବାହୁ ମେଲି
ତାଜା ପବନ ପିଇ
ନିଜକୁ ହଜେଇଦେବାରେ
କି ଯେ ଆନନ୍ଦ...

ମୁହଁକୁ ହାତରେ ଧରି ଆଉ ଭାବିବାକୁ
ସମୟ ନାହିଁ
ତେଣେ ଡିନର ପାଇଁ ସଜ ହେବାକୁ
ପଡ଼ିବ... ନହେଲେ...
ଏ କାଜୁ... ! ହେ ଥାଉ
କିଏ ଖାଉଛି...

+ବାଲେଶ୍ୱର
ମୋ: ୬୩୭୦୨୯୮୪୪୦

# ସକାଳ ଅପେକ୍ଷାରେ





ପ୍ରଫୁଲ୍ଲ ବାରିକ

ସକାଳ ଅପେକ୍ଷାରେ । ସକାଳ ହେଲେ ଜଣାପଡିବ ଜୟ ପେଟର, ନା ପାର୍ଟିର । ପେଟର ହେଲାତ ଚାଷ । ପାର୍ଟିର ହେଲେ ସାରାବର୍ଷ ଓପାସ । ଆଉ ଘଣ୍ଟାକେଇଟା ମାତ୍ର ରାତି ପାହିବାକୁ । ଅଧ ରାତିରେ ଅଧିକା ଚିନ୍ତା ନକରି ସୁଭଦ୍ରା ବତୀ ନିଭେଇ ଶୋଇଗଲା ।

ସବିସ୍ତୃତ ଏୟା ଯେ ସୁଦାମ ଦି'ଅକ୍ଷର ପଢ଼ିଛି । ମୋଟରୁ ନପଢି ଛେଚାମୂର୍ଖ ହେଇଥିଲେ ବିଲ ବାଡ଼ି ଭିତରେ ବୁଡି ରହିଥାଆନ୍ତା । ମେଟ୍ରିକ ପଢିଥିବା ସୁଦାମ ପେଟପାଇଁ ବାପ ଭୟରେ ଯମି ଦି'ମାଣ ଚଷେ ସିନା, ବାକୀ ସମୟ ଫୁଲବାବୁ । ସବୁଥିରେ ଆଗୁଆ ଗାଁ'ରେ । ସବୁକଥାରେ ମଥା । ବିଶେଷକରି ରାଜନୀତିରେ । ପଞ୍ଚାୟତର ଖାସା ଦଳୀୟକର୍ମୀ । ଖାତିର ବି କମନୁହେଁ ଦଳରେ ତାର ।

ନିର୍ବାଚନ ସରିଲା । ଚିରାଚରିତ ଢଙ୍ଗରେ ଜିତିଥିବା ପାର୍ଟି ସରକାର ଗଢିଲେ । ହାରିଥିବା ପାର୍ଟି ରହିଲେ ବିରୋଧୀରେ । ବ୍ୟସ୍ତତାର ଘନଘଟା ଶାନ୍ତ ପଡିଯିବା ପରେ ସମୟ ଫେରିଛି ସ୍ୱାଭାବିକତାକୁ ।

କଥାଯଦି ସେଇଠୁ ସରିଥାନ୍ତା, ଅବସ୍ଥା ଏବେ ଏତେବାଟରେ ପହଂଚି ନଥାଆନ୍ତା । ନିର୍ବାଚନୀ ଛାପ ସୁସ୍ପଷ୍ଟ ଗାଁ'ରେ । ଉଷୁମ ଭାଙ୍ଗିନି ଗାଁ ଦାଣ୍ଡରୁ । କୁହୁଳୁଛି ଧିମିଧିମି ଧୂଆଁ ଛାଡି ।

ନିର୍ବାଚନର ଦି'ମାସ ପୂର୍ବରୁ ସୁଦାମ ବ୍ୟସ୍ତ ପାର୍ଟି କାମରେ । ଦିନ ଯେତେ ଆସୁଥାଏ ପାଖେଇ, ବ୍ୟସ୍ତତା ତାର ଇମିତି ବଢ଼ି ଚାଲିଥାଏ ଯେ ଘର ସଂସାର ସମ୍ପୂର୍ଣ୍ଣ ବିସ୍ମୃତିରେ । ଦିନଦିନ ଧରି କୁଆଡେ ଯାଏ, କୁଆଡେ ଖାଏ, ଜାଣି ପାରେନା ସୁଭଦ୍ରା । ପଚାରିଲେ ଉତ୍ତର ପାଏ - ଯାହା ପଚାରିବ ନିର୍ବାଚନ ପରେ । ଏବେ ନୁହେଁ । ସୁଭଦ୍ରା ଚୁପ ରହେ ।

ଆଗରୁ ହଳବାଡ଼ ହେଇ ସାରିଥାଏ ବିଲ । ରଜ ବେଳକୁ ଅସରେ ଦି'ଅସରା ପାଇ ଯେବେ ବତୁରିଗଲା ଜମି, ସୁଯୋଗ ଉଣ୍ଡି ଚାଷୀ ପକେଇଦେଲେ ତଳି । ପରେପରେ ମୌସୁମୀ ବର୍ଷା । ବିଲଯାକ ପାଣି । ବ୍ୟସ୍ତତା ଭିତରେ ସୁଦାମ ତଳି ପକେଇବାତ ଦୂର, ଯମି ଭାଙ୍ଗିନି । ଏବେ ହଳ ସାଥେସାଥେ ଗଜାକରି ବିହନ ପକେଇବା ଛଡା ଅନ୍ୟ ଉପାୟ ନାଇଁ । ଦି'ମାଣ ବିଲକୁ ଦର୍କାର ତଳି ।

ସକାଳୁ ସକାଳୁ ବାପା ଡାକିକି କହିଲେ - ଏବର୍ଷ ଚାଷ ହବ, ନା ନାଇଁ ? ମୋତେତ ଦେଖା ଯାଉଛି ବିଲ ରହିବ ପଡିଆ । ବିପିଏଲ ଚାଉଳ ପନ୍ଦର କିଲୋ ଆଉ ମୋ ଭତ୍ତା ଏକା ସାହା ତିନି ତିନିଟା ପେଟକୁ । ଅଧାମାସ ଖାଇ ଅଧାମାସ ବିତିବ ଉପାସାରେ । ବୁଝିବୁ ପୁଅ । ମୁଁ'ତ ବୃଦ୍ଧ ଅକର୍ମା । ମୋ ଦେହି କ'ଣ ହବ ? ଖାଲି ଦୁଃଖ କରିବା ଛଡା ।

ବାପାଙ୍କ କଥାରେ ଚେତା ପଶିଲା ସୁଦାମର । ମନକୁ ଆସିଲା ଚୈତନ । ଚୈତନ ଟ୍ରାକ୍ଟର ମାଲିକ । ଫି'ବର୍ଷ କରିଦିଏ ହଳ । ଲେଖିରଖେ ପଇସା । ମୌସୁମରେ ଧାନ ବିକି ସୁଝେ । ଏବର୍ଷ ଦି'ଜଣ ଦି'ଦଳର । କ୍ଷେତ୍ର ଉପରେ ହେଇଛନ୍ତି କେତେଥର ମୁହାଁମୁହିଁ । ସେବେଠୁ ତା ମୁହଁ ସେଣିକି, ତ ଆ' ମୁହଁ ଏଣିକି । ସାମ୍ନାସାମ୍ନୀ ହେଲେ ଚାଲିଯାଆନ୍ତି ବାଟଭାଙ୍ଗି । ଯିମିତି ଶତ୍ରୁତା ଯୁଗଯୁଗରୁ । ଏବେ ବିନା ନଗଦିରେ ଟ୍ରାକ୍ଟର ଦବକିଏ ? ଚୈତନର ତ ପ୍ରଶ୍ନ ଉଠୁନି । ବାପାଙ୍କ କଥାରେ ବିଲ କ'ଣ ରହିବ ଅଚଷା ?

ସୁଦାମ ଖାଇ ପାରିଲାନି ରାତିରେ । ଦି'ଗୁଣ୍ଡା ମୁହଁରେ ଦେଇ ଉଠିଗଲା । ପଡିଗଲା ଯାଇ ବିଛଣାରେ । ସୁଭଦ୍ରା ଅନୁଭବିଲା ପରିସ୍ଥିତିକୁ । କାମଦାମ ସାରି ବିଛଣାକୁ ଆସି ଦେଖେତ ସୁଦାମ ନଶୋଇ ଅନେଇଛି । ବୁଡି ରହିଛି ଭାବନାରେ । ସୁଭଦ୍ରା କହିଲା - ମୋ କଥା ମାନିବତ ହେଇଯିବ ସମସ୍ୟାର ସମାଧାନ । ଚାଷହେବ ପୂର୍ବପରି । ସୁଦାମ ଅନେଇଲା ସୁଭଦ୍ରା ମୁହଁକୁ । ଦୃଷ୍ଟିରେ ତାର ଥିଲା ଅକୁହା ଜିଜ୍ଞାସା । ସୁଭଦ୍ରା ସାହାସ ପାଇ କହିଲା, ଟ୍ରାକ୍ଟରବାଲା ଚୈତନ ଯୋଉ ଦଳର, ସେ ଦଳରେ ତମେ ମିଶିଯାଅ । ଦେଖିବ ସବୁ ଠିକ ହେଇଯିବ ଛାଁ'କୁ ।

--- ଅସମ୍ଭବ । ହବନି ମୋ ଦେହି ।

ସୁଦାମ ଶୁଣେଇଲା ସୁଭଦ୍ରାକୁ ରୋକ ଠୋକ ।

---- ଦେଖ, ରଥି ମହାରଥୀମାନେ ଯେବେ ଆପଣା ସୁବିଧା ପାଇଁ ଡେଇଁ ପଡୁଛନ୍ତି ଏଦଳରୁ ସେ ଦଳକୁ, ତମେ କାଇଁକି ନୁହଁ ? ପେଟପୋଷ ନାଇଁ ଦୋଷ । ଯାହା ହେବ ପରିସ୍ଥିତିରେ ପେଟ ପାଇଁ । ତମ ପାଖରେ ପେଟ ବଡ଼, ନା ପାର୍ଟି ? ଚିନ୍ତାକର । ଯାହା କହୁଛି ମୁଁ ଭାବିକି । ତମ ଭଲ ପାଇଁ । ସୁଦାମ ଅନେଇଲା ସୁଭଦ୍ରାକୁ । ଏଥର ତା ଚାହାଣିରେ ନଥିଲା ପୂର୍ବଦମ୍ଭ । ପୂର୍ବ ଟାଣପଣ । ଆଖି ହେଇ ଆସୁଥିଲା ଆନତ । କଡ଼ ଲେଉଟେଇ ଶୋଇଗଲା ସିଏ ବିନା ବାକ୍ୟବ୍ୟୟରେ । ସମସ୍ୟା ସମାଧାନର ସୂତ୍ର ପାଇ,କି କ'ଣ । ସୁଭଦ୍ରା ପୁଳେ ଭରଷା ପାଇଲା ପରିସ୍ଥିତିରୁ । ଏବେ ଖାଲି ସକାଳ ଅପେକ୍ଷାରେ । ଦେଖିବ -କାହାର ହେଉଛି ଜୟ । ପେଟର, ନା ପାର୍ଟିର । ରାତିର ବୟସ ବଢୁଥିଲା । ବତୀ ନିଭେଇ ଆଖି ବୁଜିଲା ସୁଭଦ୍ରା ।


+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ. ୯୨୩୮୯୨୦୪୦୫


# ଭିନ୍ନ ଏକ ଅନୁଭବ



ସୁଦର୍ଶନ ମହାପାତ୍ର

ବାପା ବୁଝନ୍ତିନି ମୁଁ କ'ଣ କରେ । ସେ ମୋଠୁ ବୁଝିବାକୁ ଚାହାନ୍ତିନି ଚାକିରିରେ ମୁଁ କ'ଣ କେମିତି କରେ, କେମିତି ତୁଲାଏ ମୋ କାମକୁ । ଯଦିଓ ବାପାଙ୍କର ବିଶ୍ୱାସ ମୋ ଦାୟିତ୍ୱରେ ଥିବା କାମ ମୁଁ ଠିକ୍ ଭାବରେ ତୁଲେଇ ପାରିବି, ତଥାପି ତାଙ୍କ ମନରେ ଭୟ କାଳେ କିଏ ଉପର ପାହ୍ୟା ଲୋକ କ'ଣ ଖରାପ କରି ମୋ ନାଁ ରେ ଲେଖିଦେବେ !ତାଙ୍କ ସହିତ କାଳେ ସେମିତି କିଛି ଘଟଣା ଘଟିଥିଲା । ସେଥିପାଇଁ ସବୁ ବେଳେ ସାବଧାନ କରି କହନ୍ତି ଚାରିଆଖିଆ ହୋଇ ଚଳିବାକୁ,ହାତେ ମାପି ଚାଖଣ୍ଡେ ଚାଲିବାକୁ... ସାବଧାନ ରହିବାକୁ..!

ବାପା କେବେ ବି ପଚାରନ୍ତି ନାହିଁ ମୋର ଦରମା କେତେ, କେଉଁ କମ୍ପାନୀରେ କାମ କରୁଛି । ପଚାରନ୍ତିନି ମୋର ମାସକୁ ଖର୍ଚ୍ଚର ପରିମାଣ କେତେ, ସଞ୍ଚୟ କେତେ... ?

ବାପା କିନ୍ତୁ ଯେମିତି ହେଲେ ଦିନରେ ଥରୁଟିଏ କଥା ହୁଅନ୍ତି ମୋ ସହିତ । ଯାହା ବି କଥା ହୁଅନ୍ତୁ, ବାପାଙ୍କର ଚିରାଚରିତ ପ୍ରଶ୍ନ ନିଶ୍ଚୟ ଥିବ ,-' ତୋ ବୋଉ ସାଙ୍ଗରେ ଆଜି କଥା ହେଇଛୁ ତ' ?ଏ ପ୍ରଶ୍ନଟି ଅନୁସନ୍ଧାନ ମୂଳକ ଅବା ଆଦେଶାତ୍ମକ ଭାବରେ ନେବି ସେଇଟା ମୋ ଉପରେ ନିର୍ଭର କରେ । ହେଲେ ତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ମୁଁ ପ୍ରାୟ ପ୍ରସ୍ତୁତ ଥାଏ । ଯଦି ନଥାଏ, ଭିତରେ ଭିତରେ ମୁଁ ଜଡସଡ ହୋଇଯାଏ ।

ବାପାଙ୍କ ପରି ବୋଉ ବି ମୋ ଚାକିରୀ, ରୋଜଗାର, ଖର୍ଚ୍ଚ ଆଉ ସଞ୍ଚୟ କଥା ବୁଝେନା କେବେ । ହେଲେ ମୁଁ ଭଲ ଅଛି କି ନାହିଁ, ଠିକ୍ ସମୟରେ ଖାଇଛି କି ନାହିଁ, ବୁଝିବାକୁ ନିଶ୍ଚୟ ଉତ୍କଣ୍ଠା ପ୍ରକାଶ କରେ । ବାପା, ବୋଉ ଠାରୁ ସବୁକଥା ବୁଝି ନିଅନ୍ତି ତ ମୋତେ ବୋଉ ସହ କଥା ହେବାକୁ ପ୍ରବର୍ତ୍ତାଇଥାନ୍ତି ।

ଚାକିରି ପାଇଁ ବାହାରକୁ ଆସିବା ପୂର୍ବରୁ ଭୁବନେଶ୍ୱରରେ ରହି ପଢୁଥିଲି । ବାଧହୋଇ ରହୁଥିଲି ହଷ୍ଟେଲରେ । ବୋଉ ସହ କଥା ହେବା ନିତ୍ୟ ନୈମିତ୍ତିକ । ଛୋଟ ମୋଟ ଟଙ୍କା ଦରକାର ହେଲେ କିମ୍ବା ଛୁଟି ଦେଖି ଘରେ ପହଞ୍ଚିଯାଏ ବୋଉ କୁହାରେ ।

ଯେଉଁଦିନ ମୁଁ ଘରେ ପହଞ୍ଚେ ସେଦିନ ରାତିରେ ମୁଁ ଶୋଇବା ପୂର୍ବରୁ ବୋଉ ଆସି ବୁଝିଯାଏ ମୋର ଆବଶ୍ୟକତାର ପରିମାଣ । ଫେରିଲା ବେଳକୁ ମୋର ଆବଶ୍ୟକତା ନିଶ୍ଚୟ ପୂରଣ ହୋଇଯାଇଥାଏ ।

ହଷ୍ଟେଲରେ ହେଉଥିବା ଖାଇବା ମୋର ପସନ୍ଦ ନୁହେଁ ତ, ବୋଉ ସେଦିନ ଗାଳି ବର୍ଷଣ କରି ରାଗ ଶୁଝେଇବ ହଷ୍ଟେଲର ରୋଷେଇୟାଙ୍କ ଉପରେ । ଯଦିଓ ବାପା ଜାଣନ୍ତି ସବୁ କଲେଜର ହଷ୍ଟେଲ ପ୍ରାୟତଃ ସମାନ, ହେଲେ ବୋଉକୁ ସମର୍ଥନ କରୁଥିବେ ଯଥାରୀତି । ବୋଉର ବରାଦ ଅନୁସାରେ ବାପା ଯୋଗାଡି ରଖିଥିବେ ସବୁ କିଛି । ବାପା ବଜାରରେ ପହଞ୍ଚିଲେ ବୋଉ ର ବରାଦ ଛଡା ମୁଁ ଭଲ ପାଉଥିବା ଆଉ କିଛି ଜିନିଷ ଯୋଡି ହୋଇ ଯାଇଥାଏ ବାପାଙ୍କ ଲିଷ୍ଟରେ । ସବୁତକ ଜିନିଷ ସଜାଡି ରଖିବା ଦାୟିତ୍ୱ ବି ବାପାଙ୍କର । ମୋର ଫେରିବା ଦିନକୁ ଠିକ୍ ସକାଳ ପାଞ୍ଚଟାରେ ଶୁଭିବ ସସ୍ନେହ ଅଥଚ ଗମ୍ଭୀର ସ୍ୱର -' ବାବୁ,ଉଠିପଡ । ଡେରି ହୋଇଯିବ ।' ମୁଁ ଆମ ଗାଁ ମୁଣ୍ଡ ବସଷ୍ଟପରେ ପହଞ୍ଚିଲା ବେଳକୁ ବାପା ମୋ ବ୍ୟାଗ ଧରି ସେଇଠି ଠିଆ ହୋଇ ସାରିଥିବେ । ମୁଁ ବସରେ ଉଠିଲା ବେଳକୁ କଣ୍ଡକ୍ଟରକୁ ପୁଅ ପାଇଁ ସିଟ୍‌ଟିଏ ଦେବାକୁ ବାପା ଅନୁରୋଧ କରୁଥିବେ ବାରମ୍ବାର,ବସ୍ ଛାଡିବା ପର୍ଯ୍ୟନ୍ତ...!

ପୁରୁଣା କଥା କିଛି ମନେ ପଡିଲା ଏବେ । ଦିନେ ସନ୍ଧ୍ୟାରେ ମୋର ପହଞ୍ଚିବାର ଥିଲା ତ ବାପା ଠିଆ ହୋଇଥିଲେ ଆସି ରାସ୍ତାରେ । ଅନ୍ଧାର ଭିତରେ ବାପା ଠିଆ ହୋଇଥିଲେ ବି ମୋର ତାଙ୍କୁ ଚିହ୍ନି ପାରିବାରେ ତ୍ରୁଟି ହୋଇ ନଥିଲା ।

-' ଆଜି କାହିଁକି ଅଧଘଣ୍ଟାଏ ଡେରି ? ବସ କ'ଣ ବାଟରେ ଖରାପ ହେଲା କି ? ତୋ ବୋଉ ବ୍ୟସ୍ତ ହେଉଥିଲା ତ ..!' ଘର ଦୁଆର ମୁହଁରେ ପାଦ ଦେଉ ଦେଉ ପଚାରିଲେ ବାପା । ବାପା ନିଜକୁ ଲୁଚାଇବାକୁ ଚେଷ୍ଟା କରୁଥିଲେ ବୋଲି ମୁଁ ବୁଝି ପାରିଲି । ପ୍ରମାଣ ବି ପାଇଗଲି ବୋଉ ପାଖରୁ ବାପାଙ୍କ ସାମାନ୍ୟ ଅନୁପସ୍ଥିତିରେ ।

-' ଉଁ..ମୋ ନାଁ ରେ ନକହିଲେ ତୋ ବାପାଙ୍କର ଭାତ ହଜମ ହୁଏନି । ନିଜେ ଯା ଭିତରେ ତିନି ଥର ମୋତେ ପଚାରି ସାରିଲେଣି ତୋ ଡେରି ହେବା ବିଷୟରେ । ଆଉ ନିଜେ ଘଣ୍ଟାଏ ହେବ ଘର ବାହାର ହେଉଛନ୍ତି କିଟିମିଟିଆ ଅନ୍ଧାରଟାରେ ।'

-' ବାବୁ, ଆର ଗାଁ କୋଉ ବୁଢ଼ୀର ଶବ ଦୁଇ ଦିନ ଆଗରୁ ଏଇ ପଟେ ମଶାଣିକୁ ଯାଇଥିଲା ବୋଲି ମୋତେ ବାରମ୍ବାର ତୋ' ବୋଉ କାହିଁକି କହୁଥିଲା ବୋଲି ଟିକେ ପଚାରିଲୁ ?' ଶୁଭିଲା ବାପାଙ୍କ ସ୍ୱର ଦାଣ୍ଡ ଘରୁ । ବାପା ବୋଧହୁଏ ଆମ କଥା ଶୁଣି ନେଇଥିଲେ ।



ବାପାଙ୍କ ପାଲଟା ଆକ୍ରମଣରେ ବୋଉ ମୁହଁରେ କିନ୍ତୁ ଫୁଟି ଉଠିଲା ସତେଜ ଅଥଚ ନୀରିହ ହସ ଖିଏ...!!!

ମୋର ଠିକ୍ ମନେ ଅଛି । ପିଲାଦିନେ ବାପାଙ୍କ ଆଙ୍ଗୁଠି ଧରି ଧରି ଚାଲୁଥିଲି । ବଜାର ଭିତରେ ହେଉ ବା ଯାତ ଦେଖିଗଲେ, ହାତ ଟିକିଏ ହୁଗୁଳା ହେଲେ ବାପାଙ୍କ ତାଗିଦ୍ । ସେତେବେଳେ ବାପା ଗାଁ ପାଖ ସ୍କୁଲରେ ଥିଲେ । ତାଙ୍କ ବାହାରିବା ସମୟକୁ ମୁଁ ପ୍ରସ୍ତୁତ ହୋଇ ସାରିଥାଏ । ନୂଆ ନୂଆ ସ୍କୁଲ ଯିବାର ଖୁସି । କପଡା ବ୍ୟାଗ ଏବଂ ତାଳପତ୍ରରେ ତିଆରି ଚଟ ଖଣ୍ଡେ କାଖରେ ଜାକି ବାପାଙ୍କ ଆଙ୍ଗୁଠି କୁ ଜୋରରେ ମୁଠେଇ ଦିଗବିଜୟୀ ବୀର ପରି ଚାଲେ ।ଏବେ ବି ସେ ଆଙ୍ଗୁଠି ଧରି ଚାଲିବାର ଠାଣି ମୋର ମନେ ଅଛି । ମନେ ପଡୁଛି ଆଉ ଦିନକର କଥା । ଥରେ ବାପାଙ୍କ ଆଙ୍ଗୁଠି ଧରି ଚାଲୁଥିଲା ବେଳେ ହଠାତ୍ ଝୁଣ୍ଟି ତଳେ ପଡି ଯାଇଥିଲି । ବାପା ବହୁତ ବ୍ୟସ୍ତ ହୋଇ ପଡିଥିଲେ । ମୋତେ ତଳୁ ଉଠାଇ ତାଙ୍କ ଚିକମିକ ଧଳା ଧୋତିରେ ଧୂଳି ସବୁ ଧିରେ ଧିରେ ଝାଡି ଦେଇଥିଲେ । ତଥାପି ପୁଅର ଯତ୍ନ ଠିକ୍ ଭାବରେ ନେଉ ନାହାନ୍ତି ବୋଲି ବୋଉ ବାପାଙ୍କ ଉପରେ ଅଭିଯୋଗ ବାଢିଥିଲା । ସେହି ଦିନଠାରୁ ବାପା ମୋ ହାତକୁ ନିଜେ ଜାବୁଡ଼ି ଧରି ଚାଲୁଥିଲେ । ଏବେ ଚାରିଆଡ଼ ଅନ୍ଧାର ଦେଖାଯାଏ । ଖାଁ ଖାଁ ଲାଗେ । ବୟସ ଯଥେଷ୍ଟ ହୋଇଯାଇଥିବା ସତ୍ତ୍ୱେ କେମିତି ଏକା ଏକା ଆଉ ଅସହାୟ ଲାଗେ । ନିଜ ଅଜଣାତରେ ଫେରିଯାଏ ଅତୀତକୁ, ସେଇ ପିଲାଦିନକୁ..! ବାପା ବୋଉଙ୍କ ପାଖକୁ...। ସେମାନେ ଏବେ କିନ୍ତୁ ମୋ ଠାରୁ ଖୁବ୍ ଦୂରରେ । ଯେତିକି ଦୂର ପୃଥିବୀଠୁ ମହାଶୂନ୍ୟ..! ପୂର୍ବ ଆକାଶରେ ଯେଉଁ ଦୁଇଟି ତାରା ପାଖାପାଖି ଥାଇ ଚିକମିକ କରୁଥିବାର ଏବେ ମୋତେ ଦୃଶ୍ୟ ହୁଅନ୍ତି, ସେଇ ଦୁଇଟି ତାରା ବାପା ବୋଉ ବୋଲି ମୋର ଧାରଣା । ରାତିରେ ମୁଁ ନିରୋଳାରେ ସେମାନଙ୍କ ସହିତ କଥା ହୁଏ ।ମୋର ସବୁ ଦୁଃଖ, ଦ୍ୱିଧା, ଅସୁବିଧା, ମନସ୍ତାପ ଆଦି ଜଣାଏ । ତା'ପରେ ଆଉ ଏତେ ଅସହାୟ ଲାଗେନା । ଲାଗେ ଯେମିତି ସେ ମୋ ପାଖରେ ଏଇଠି କୋଉଠି ଅଛନ୍ତି । ଅଭୁତ ଭାବରେ ମୋତେ ହାଲକା ଲାଗେ..! ଶାନ୍ତିରେ ସୁନିଦ୍ରା ଯାଏ..!!!


କୁଞ୍ଜବିହାରୀ ଲେନ,କଟକ
ମୋ:୯୪୩୮୧୭୫୫୪୨


# ବର୍ଷା ଋତୁ



ପଦ୍ମାଳୟା ପାଢ଼ୀ



ଦେଖନ୍ତୁ ସାର୍, ବାହାରେ କେତେ ସୁନ୍ଦର ବର୍ଷା । କେତେ ମନୋହର ପ୍ରକୃତିର ସମ୍ଭାର ଭଗବାନ ଆମକୁ ଦେଇଛନ୍ତି । କିଛି କ୍ଷଣ ପାଇଁ ତାହାକୁ ଅବଲୋକନ କରନ୍ତୁ । ଅବଶ୍ୟ ବର୍ତ୍ତମାନ ମୁଁ ଏହା କହିବା ଠିକ୍ ନୁହେଁ ତଥାପି କେତୋଟି ଦୃଶ୍ୟ ନ ଦେଖିଲେ ବିଶ୍ୱାସ କରି ହେବ ନାହିଁ ଈଶ୍ୱରଙ୍କ ସୃଷ୍ଟିର ବୈଚିତ୍ର୍ୟ ।

ଭଗବାନ ଯେପରି ଜନ୍ମ ସହିତ ମୃତ୍ୟୁ ସେପରି ସୃଷ୍ଟିର କଡ଼େ କଡ଼େ ବିନାଶ ବି ରଖିଛନ୍ତି । କୋଉ ସୃଷ୍ଟି ଚିରନ୍ତନ ହୋଇ ରହିଛି ନା ରହିବ । ଏହାରି ସାଙ୍ଗେ ତାଳ ଦେଇ ଏ ବର୍ଷା ପୁଣି କୋଉଠି ବନ୍ୟାର ତାଣ୍ଡବ ରଚୁଥିବ ଦେଖନ୍ତୁ ଆଜି ଚାନେଲ ମାନେ ଦେଖାଉଥିବେ ।

ହଁ ତାହା ତ ଠିକ୍ । ବୋଧେ ଏଇ ଋତୁଟି ଆପଣଙ୍କର ପସନ୍ଦ ନୁହେଁ ।

ଚୁପ୍ ରହିଲେ ସମ୍ପଦ ବାବୁ । ଟିକେ ପରେ ଆଉ ଗୋଟିଏ ପ୍ରଶ୍ନ-

ଆଚ୍ଛା ଆପଣଙ୍କର ପିଲାଦିନ କଥା ମନେଅଛି ? ମାନେ ଆପଣଙ୍କର ସାଙ୍ଗ ସାଥି ପାଠ ପଢ଼ା ଇତ୍ୟାଦି ଇତ୍ୟାଦି ।

ଚତୁର୍ଥ ଶ୍ରେଣୀ ପଢ଼ିଲା ବେଳେ ଗଣିତରେ ଶହେରୁ ଶହେ ରଖିବା ପରେ ଆଜି କାଲିର ଭାଷାରେ ଭାଇରାଲ ହେଇ ଯାଇଥିଲି ମୁଁ । ମୋ ବାପା ମୋତେ ନେଇ କେବେ ବି ଛୁଇଁ ନ ପାରିବା ଭଳି ସ୍ୱପ୍ନ ମାନ ବୁଣି ଚାଲିଥିଲେ । ସାଙ୍ଗ ସାଥି ମାନଙ୍କର ଈର୍ଷା ଧୀରେ ଧୀରେ ହିଂସାର ରୂପ ନେଉଥିଲା । ଶ୍ରେଣୀରେ ଫେଲ ହୋଇ ରହିଥିବା ବଡ଼ ପିଲା ମାନେ ଆଶ୍ରାବ୍ୟ ଭାଷା ପ୍ରୟୋଗ କରିବାକୁ ମଧ୍ୟ ପଛାଉ ନଥିଲେ । ସମସ୍ତଙ୍କର ନଜର ଲାଗି ଯାଇଥିଲା ବୋଧେ ।

ନଜର କୋଉଥିରେ ଲାଗି ଯାଇଥିଲା ?

ମୋତେ ଦେଖି । ସେଥର ଲାଗ ଲାଗ ତିନି ଦିନ ଧରି ବର୍ଷା ପବନ ଜୋରରେ ଚାଲିଥାଏ ଏବଂ ଚାରି ଆଡ଼େ ଅନ୍ଧକାର ସତେ ଯେପରି ସୂର୍ଯ୍ୟ ଦେବ ରାସ୍ତା ଭୁଲି ଯାଇଥାନ୍ତି । ସନ୍ଧ୍ୟା ବେଳେ ଦୋକାନରୁ ସାଇକେଲ ଚଳାଇ ଆସୁ ଆସୁ ବାପା ହଠାତ ଗୋଟେ ଟ୍ରକ ସାମ୍ନାରେ ପଡ଼ି ଯାଇଥିଲେ... ।

- ଓଃ ! ମୁଁ ବହୁତ ଦୁଃଖିତ । ଛାଡ଼ନ୍ତୁ ଆମେ ଅନ୍ୟ କିଛି କଥା ହେବା ।

ଆରେ ନା ନା । ସେଇଠୁ ବାପାଙ୍କ ଅନ୍ତେ ତାଙ୍କ କ୍ରିୟା କର୍ମ ସାରି ବନ୍ଧୁ ବାନ୍ଧବ ମାନେ ଧୀରେ ଧୀରେ ଖସି ଯାଉଥିଲେ କାଳେ ବାଳୁତ ପିଲାଟିର ବୋଝ ନିଜ ମୁଣ୍ଡ ଉପରକୁ ଆସିଯିବ ବୋଲି । 'ଦେହପା'ର ଯତ୍ନ ନିଅ, ପିଲାକୁ ଦେଖୁଥିବ' ବୋଲି ବୋଉକୁ କହି ଯେ ଯାହା ବାଟରେ ଖସିଲେ । ଏହାର ଦୁଇ ସପ୍ତାହ ପରେ ଦିନେ ସକାଳୁ ବୋଉ ଆଉ ଉଠି ପାରିଲା ନାହିଁ । ବାମ ପଟ ତାର ପୁରା ଅଚଳ ହୋଇ ଯାଇଥିଲା ଏବଂ ବେକ ମୋଡ଼ି ହୋଇ ଜିଭ ଓଲଟୁ ନଥିଲା । ପଡୋଶୀ ବିପ୍ର ମଉସାଙ୍କୁ ଯାଇ ଡକା ପାରିବାରୁ ସେ ଆସି ଦେଖିସାରି 'ତୋ ବୋଉ କୁ ପାରାଲିସିସ ହେଇଗଲା, ଶୀଘ୍ର ଡକ୍ଟର ଦେଖା' କହି ଚାଲି ଗଲେ । ଗୋଟେ ନ' ବର୍ଷର ପିଲାର ଦମ କାହିଁ ସିଏ ଏ ସବୁ କରି ପାରିବ ? ହଠାତ ବୋଉର କଣ ସବୁ ହେଇଗଲା ବୁଝି ପାରୁ ନଥାଏ ମୁଁ । ବାପା ଗଲା ଦିନୁଁ ଚିନ୍ତା କରି କରି ସିଏ ରାତିରେ ଶୋଇନାହିଁ ମୁଁ ଜାଣେ । ହୁଏତ ବାପ ଛେଉଣ୍ଡ ପୁଅଟିର ସୁନେଲି ଭବିଷ୍ୟତଟି ସମୟର ପାଉଁଶ ତଳେ ଶେଷ ନିଶ୍ୱାସ ନେଉଥିବାର ଦେଖି ପାରୁଥାଏ କି କଣ । ଓଷଦ ଦୋକାନ ସାହି ପଡିଶା ଦୌଡ଼ା ଦୌଡ଼ି କରି କିଛି ହେଲା ନାହିଁ । ଶେଷରେ ବୋଉ ବି ଚାଲିଗଲା । ସେଦିନ ଦୁର୍ଜ୍ଜୟ ବର୍ଷାର ତାଣ୍ଡବ ଦେଖି ଛାତ ଘର ଭିତରେ ସୁଦ୍ଧା ଡର ଲାଗୁଥାଏ । ହରଲିକ୍ସ ଟିକେ ଗୋଳେଇ ଆଣି ପାଖରେ ବସି ଟିକେ ଚାମୁଚରେ ନେଇ ବୋଉର ପାଟିରେ ଦେଲା ବେଳକୁ ମୁହଁଟି ଗୋଟେ ପାଖକୁ ଢ଼ଳିଗଲା ଏବଂ ସରି ଯାଇ ଥିଲା ସବୁ କିଛି । ବୋଉ ତାର ଏକୋଇର ବଳା ବିଶିକେଶନକୁ ଛାଡି ଆରପାରିକୁ ଚାଲିଗଲା ।

- ଓଃ ! ପୁରୁଣା ଦୁଃଖ ସବୁ ଉଖାରି ମୁଁ ଆପଣଙ୍କୁ ଆହୁରି ଦୁଃଖୀ କରିଦେଲି ସମ୍ପଦ ବାବୁ । ସରି ।

- କିଛି ନାହିଁ । ମୋ ବୋଉ ପାଇଁ ତ ମୁଁ କିଛି କରି ପାରିଲି ନାହିଁ, ଉତ୍ତର ବୟସରେ ତାକୁ ମନେ ପକାଇଲେ ଅନ୍ତତଃ ତାର ସ୍ମୃତିକୁ କିଛିଟା ନ୍ୟାୟ ଦେଇ ପାରିବି । ଦେଖନ୍ତୁ ବର୍ଷାର ପ୍ରକୋପ ବଢ଼ିବାରେ ଲାଗିଛି । ଦୟାକରି ଝରକା ବନ୍ଦ କରି ଦିଅନ୍ତୁ, ଥଣ୍ଡା ଲାଗୁଛି ।

ଝରକା ବନ୍ଦ କରିସାରି ଏବେ ଆସନ୍ତୁ ଯଦି କିଛି କାମ ନଥାଏ ବସନ୍ତୁ ଟିକେ ମୋ ପାଖେ । ଝରକା କାଚ ସେପାଖରୁ ବର୍ଷାର ଭୟଙ୍କର ରୂପ ଦେଖି ପାରୁଛନ୍ତି ଆପଣ ?

- ହଁ ଆଜି ବହୁତ ଜୋରରେ ବର୍ଷା ଛେଚୁଛି ।

- ଠିକ ଏମିତି ଏକ ବର୍ଷଣ ମୁଖର ରାତ୍ରିରେ ମୋର ପତ୍ନୀ ମୋତେ ଛାଡି ଚାଲି ଯାଇଥିଲା ଆଉ କାହା ପାଇଁ ।

- ମୁଁ ଭାବୁଥିଲି ଯେ ମାଡ଼ାମ ସ୍ୱର୍ଗବାସୀ ବୋଲି ?

- ସେତେବେଳକୁ ତିନି ମାସର ଗର୍ଭବତୀ ସିଏ । ଗଲା ପରେ ପ୍ରେମିକ ସହିତ ମିଶି ପିଲାଟିକୁ ନଷ୍ଟ କରି ଦେଇ ନୂଆ ଜୀବନଟିଏ ଆରମ୍ଭ କରିଥିବ ସିଏ । ଛୋଟିଆ ଛୋଟିଆ କଥାରେ ମନୋମାଳିନ୍ୟ କାହା ଘରେ ହୁଏ ନାହିଁ ? ଏମିତି କିଏ କାହାକୁ ଛାଡି ଚାଲିଯାଏ କି କହିଲେ ? ହଁ...ମୁଁ ବି ନିର୍ଦ୍ଦୋଷ ନଥିଲି । ମୁଁ ଜାଣି ପାରୁନାହିଁ ତାକୁ ସନ୍ଦେହ କରି ମୁଁ ଠିକ୍ କରିଛି କି ଭୁଲ । ସେଇ ପିଲାଟି ବଞ୍ଚିଛି କି ନାହିଁ ଆଉ ଉକ୍ତ ବ୍ୟକ୍ତିଟି ତାର ପ୍ରେମିକ ଥିଲା କି ବନ୍ଧୁ ଥିଲା ତାହା ମୁଁ ଜାଣେ ନାହିଁ । କେଜାଣି ମୁଁ ଠିକ୍ କରିଛି କି ଭୁଲ୍ କରିଛି ତା ପ୍ରତି ।

- ଆପଣ ବିଶ୍ରାମ ନିଅନ୍ତୁ ସାର୍ । ଆଜି ଗୁଡ଼ାଏ ସମୟ ଆପଣ କଥା ବାର୍ତ୍ତା କଲେଣି ।

- ଆରେ ନାହିଁ ମ ନର୍ସ ଦିଦି ! ଆପଣଙ୍କ ସାମ୍ନାରେ କଥା ହେଇ ମୋତେ ବହୁତ ହାଲକା ଲାଗିଲା । ସେଦିନ ଆପଣ କହୁଥିଲେ ନା ଆପଣଙ୍କର ବାପା ନାହାନ୍ତି ବୋଲି ? ଆପଣ ଆଜିଠୁ ମୋର ଝିଅ ହେଲେ । ମୋ ଝିଅ ବି ଯଦି ବଞ୍ଚିଥାଏ, ତେବେ ସେ ମଧ ତା ବାପାର ଅଭାବ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଥିବ । ସେଦିନ ଯଦି ଜାହ୍ନବୀ ମୋତେ ଛାଡି ଯାଇ ନଥାନ୍ତା... ।

- ଆପଣଙ୍କର ପତ୍ନୀଙ୍କ ନାମ ଜାହ୍ନବୀ ? ମୋ ମାଆଙ୍କ ନାଁ ବି ସେଇୟା ।

- ତୁମ ମାଆଙ୍କ ନାଁ ବି ଜାହ୍ନବୀ ? ଜାହ୍ନବୀ ? ସାଞ୍ଚା ?

- ଜାହ୍ନବୀ ସମ୍ପଦ !!!

- ମାନେ ? ମାନେ ? ତୁ.. ତୁ...ମେ.. ଜାହ୍ନବୀର ଝିଅ ?

- ସମ୍ପଦ ବାବୁ ଆପଣ ତା ହେଲେ ? ମୁଁ ଆପଣଙ୍କର ନିଜ ଝିଅ ?

- ମୁଣ୍ଡଟା ମୋ ପାଖକୁ ଆଣ ମା ! ହାତ ଟିକେ ମାରିଦିଏ । ଆଶୀର୍ବାଦ ଛଡା ଆଜି ଦେବାପାଇଁ ମୋ ପାଖରେ କିଛି ନାହିଁ ।

- ସେମିତି କୁହନ୍ତୁ ନାହିଁ ବାପା । ଅନୁଭୂତି, ଅଭିଜ୍ଞତା ଜୀବନାଦର୍ଶ ଅନେକ କିଛି ଆପଣଙ୍କ ପାଖେ ଅଛି ଆଗାମୀ ପୀଢ଼ି ପାଇଁ ।

- କିନ୍ତୁ ସମୟ ନାହିଁ ଲୋ ମା ! କ୍ୟାନ୍ସରର ଶେଷ ପର୍ଯ୍ୟାୟ ଆଉ ହାତ ଗଣତି କେତୋଟି ଦିନ ମାତ୍ର । ହୁଏତ ବର୍ଷା ଋତୁ ଶେଷ ହେବା ପୂର୍ବରୁ....

- ସାର୍...ସାର୍...ବାପା...କଣ ହେଲା...ଆଖି ଖୋଲନ୍ତୁ...କଥା ହୁଅନ୍ତୁ ମୋ ସହିତ...ଆହୁରି ଅନେକ କଥା କହିବାକୁ ବାକି ଅଛି.... ଆଖି ଖୋଲନ୍ତୁ..... ।


+ବ୍ରହ୍ମପୁର

# ରାଜ୍ୟରେ ବଢୁଛି ମ୍ୟାଲେରିଆ: ମ୍ୟାଲେରିଆ ପ୍ରବଣ ଜିଲ୍ଲାକୁ ଓମ୍ୟାଡ୍‌ସିର ମଶାରି ପଠାଇବେ କି ସରକାର ?




ଭୁବନେଶ୍ୱର, ୨୮/୦୭ (ନି.ପ୍ର): ଗତବର୍ଷ ଭଳି ଚଳିତବର୍ଷ ମଧ ରାଜ୍ୟରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଗତବର୍ଷ ଓଡ଼ିଶା ମ୍ୟାଲେରିଆ ସଂକ୍ରମଣରେ ଦେଶରେ ଏକ ଅଲୋଡ଼ା ରେକର୍ଡ କରିଥିଲା । ଏ ବର୍ଷ ମ୍ୟାଲେରିଆ ନିୟନ୍ତ୍ରଣ ନ ହେଲେ ସ୍ଥିତି ଆହୁରି ଖରାପ ବୋଲି ଅନୁମାନ କରାଯାଉଛି । ମ୍ୟାଲେରିଆ ପାଇଁ ଉଦ୍ଦିଷ୍ଟ ଔଷଧୀୟ ମଶାରି(ଏଲ୍ଏଲ୍ଆଇଏନ୍) କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ଦେଇ ନାହାନ୍ତି । କେବେ ସୁଦ୍ଧା ତାହା ସଂପର୍କରେ କେନ୍ଦ୍ରରୁ କୌଣସି ସୂଚନା ଦିଆଯାଉନାହିଁ । ଏଭଳି ପରିସ୍ଥିତିରେ ମ୍ୟାଲେରିଆକୁ କିଭଳି ନିୟନ୍ତ୍ରଣ କରାଯିବ ତାହା ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ାଇଦେଇଛି । ଅପରପକ୍ଷରେ ନିକଟରେ ଓମ୍ୟାଡ୍‌ସି ପାଣ୍ଠିରେ ୪ଟି ଜିଲ୍ଲା ପାଇଁ ୫୮ ଲକ୍ଷ ଔଷଧୀୟ ମଶାରି କିଣାଯାଇଛି । ଏସବୁ ଜିଲ୍ଲାଗୁଡ଼ିକରେ ମ୍ୟାଲେରିଆର ପ୍ରଭାବ କମ୍ ରହିଛି । ତେଣୁ ଓମ୍ୟାଡ୍‌ସି ପାଣ୍ଠିରେ ଆସିଥିବା ଔଷଧୀୟ ମଶାରିକୁ ମ୍ୟାଲେରିଆ ପ୍ରବଣ ଦକ୍ଷିର ଓଡ଼ିଶାର ଜିଲ୍ଲାକୁ ପଠାଇବା ଉପରେ ବିଚାରବିମର୍ଶ ଚାଲିଛି । ସରକାରୀସ୍ତରରେ ଏଥିପାଇଁ ଏକ ପ୍ରାରମ୍ଭିକ ଆଲୋଚନା ହୋଇଥିଲା । ମାତ୍ର ବର୍ତ୍ତମାନସୁଦ୍ଧା କୌଣସି ପ୍ରକାର ନିଷ୍ପତ୍ତି ହୋଇପାରିନାହିଁ । ଯେହେତୁ ଏସବୁ ମଶାରୀ ଓମ୍ୟାଡ୍‌ସି ପାଣ୍ଠିରେ କିଣାଯାଇଛି, ଏହାକୁ ଅନ୍ୟ ଜିଲ୍ଲାକୁ ପଠାଇଲେ ସମସ୍ୟା ହୋଇପାରେ ବୋଲି ମଧ ମତ ଆସୁଛି । ଔଷଧୀୟ ମଶାରି ବଣ୍ଟନ ଯେତିକି ବିଳମ୍ବ ହେତୁ ଆକ୍ରାନ୍ତଙ୍କ ସଂଖ୍ୟା ସେହି ଅନୁପାତରେ ବଢ଼ି ଚାଲିବ । ତେଣୁ ରାଜ୍ୟ ସରକାର ଏହା ଉପରେ ତୁରନ୍ତ ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଉଛି । ରାଜ୍ୟରେ ୨୦୨୩ ମସିହାରେ ୪୧,୯୭୩ ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ଓ ୪ଜଣଙ୍କ ମୃତ୍ୟୁ ହୋଇଥିଲା । ଗତବର୍ଷର ଆକ୍ରାନ୍ତଙ୍କ ସଂଖ୍ୟା ୨୦୨୦ ମସିହାର ପରିସଂଖ୍ୟାନକୁ ବି ପଛରେ ପକାଇ ଦେଇଥିଲା । ଚଳିତବର୍ଷ ମେ'ମାସ ସୁଦ୍ଧା ରାଜ୍ୟରେ ୧୨,୩୬୩ ଆକ୍ରାନ୍ତ ଚିହ୍ନଟ ହେବା ସହ ସଂକ୍ରମଣରେ ଓଡ଼ିଶା ଦେଶରେ ପୁନର୍ବାର ଶୀର୍ଷ ସ୍ଥାନରେ ରହିଛି । ଓଡ଼ିଶା ତଳକୁ ଝାଡ଼ଖଣ୍ଡ ଓ ଛତିଶଗଡ଼ ରହିଛନ୍ତି । ଚଳିତବର୍ଷ ଶେଷ ବେଳକୁ ରାଜ୍ୟରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ଗତବର୍ଷ ସଂଖ୍ୟାକୁ ମଧ ଟପିଯାଇପାରେ । ୨୦୨୧ ପରଠାରୁ ରାଜ୍ୟରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇଥିବା ବେଳେ ଗତବର୍ଷ ହଠାତ୍ ରୋଗୀଙ୍କ ସଂଖ୍ୟା ବଢ଼ିବାକୁ ସରକାରୀସ୍ତରରେ ବିଭିନ୍ନ କାରଣକୁ ଦାୟୀ କରାଯାଉଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଓମ୍ୟାଡ୍‌ସିରେ କିଣାଯାଇଥିବା ଔଷଧୀୟ ମଶାରି ବଣ୍ଟନ ନେଇ ବର୍ତ୍ତମାନସୁଦ୍ଧା କୌଣସି ନିଷ୍ପତ୍ତି ହୋଇନାହିଁ । କେନ୍ଦ୍ର ସରକାରଙ୍କୁ ଔଷଧୀୟ ମଶାରି ଯୋଗାଇ ଦେବା ଲାଗି ବାରମ୍ବାର ପତ୍ର ଲେଖାଯାଉଛି । କେନ୍ଦ୍ରରୁ ମଶାରି ଆସିବା ପରେ ତୁରନ୍ତ ବଣ୍ଟନ କରାଯିବ ।

## ଶ୍ରମଜୀବୀ ସଂଗଠନ ପକ୍ଷରୁ ସ୍ୱପ୍ନର ବିଦ୍ୟାଳୟର ରୂପରେଖ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା

ମାଲକାନଗିରି, ୨୮/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲାର ଅଗ୍ରଣୀ ଲୋକ ସଂଗଠନ ଶ୍ରମଜୀବୀ ସଂଗଠନ ଓ ମହିଳା ଶ୍ରମଜୀବୀ ସଂଗଠନ ମିଳିତ ଉଦ୍ୟମରେ ଆଜି ମାଲକାନଗିରି ଜିଲ୍ଲାର ମାଲକାନଗିରି, କାଲିମେଳା, ପଡିଆ,କରୁକୋଣ୍ଡା, ଖଇରପୁଟ, ମାଥିଲି ଏବଂ ଚିତ୍ରକୋଣ୍ଡା ଆଦି ବ୍ଲକରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ଉଭୟ ଛାତ୍ର ଓ ଛାତ୍ରୀ ମାନଙ୍କୁ ନେଇ ଏକ ଚିତ୍ରାଙ୍କନ ସହିତ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଛାତ୍ର ଛାତ୍ରୀ ବର୍ତ୍ତମାନ ନିଜେ ଅଧ୍ୟୟନ କରୁଥିବା ବିଦ୍ୟାଳୟର ସ୍ଥିତି ନିଜ ସ୍ୱପ୍ନର ବିଦ୍ୟାଳୟର ରୂପରେଖ ଉପରେ ନିଜେ ନିଜର ଭାବନାକୁ ଏକ ଚିତ୍ରାଙ୍କନ ଓ ରଚନା ମାଧମରେ ପରିପ୍ରକାଶ କରିଥିଲେ ଏବଂ ସ୍ୱଚ୍ଛତା ଉପରେ ପିଲାମାନଙ୍କୁ ସଚେତନତା କରାଯାଇଥିଲା । ଜିଲ୍ଲାରେ ପ୍ରାଥମିକ ବିଦ୍ୟାଳୟର ସ୍ଥିତି କେଉଁଠି ଗୋଟିଏ କୋଠରୀରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପଢୁଥିବା ବେଳେ କେଉଁଠି ପାନୀୟ ଜଳର ସମସ୍ୟା କେଉଁଠି ଅର୍ଦ୍ଧ ନିର୍ମାଣ ପାଚେରୀ, କେଉଁଠି ଜରାଜୀର୍ଣ୍ଣ ଅବସ୍ଥାରେ ପାଇଖାନାର ସ୍ଥିତି ତ କେଉଁଠି ଖେଳ ପଡିଆର ଅଭାବ ତ, କେଉଁଠି ଶିକ୍ଷକ ଅଭାବ । ଏହିପରି ନାହିଁ ନାହିଁରେ ଚାଲିଛି ସରକାରୀ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା । ତେଣୁ ସଂଗଠନ ଏକ ଅଭିନ୍ନ ପ୍ରୟାସ କରିଛି ଯେ ବାସ୍ତବରେ ଆମ ଅଞ୍ଚଳରେ ଥିବା ବିଦ୍ୟାଳୟ ଗୁଡ଼ିକର ବାସ୍ତବ ଚିତ୍ର ଏବଂ ଛାତ୍ର ଛାତ୍ରୀ ମାନଙ୍କ ମନରେ ଥିବା ସପ୍ନର ବିଦ୍ୟାଳୟକୁ ନେଇ କେତେ ତଫାତ ରହୁଛି ଶିକ୍ଷା ଅଧିକାର ବ୍ୟବସ୍ଥା । ଏବଂ ଏହାକୁ ବିଭିନ୍ନ ଶିକ୍ଷା ବିତ୍ତ ଓ ଭବିଷ୍ୟତ କୁ ନେଇ ସ୍ୱପ୍ନ ଦେଖୁଥିବା ?ଜ୍ଞାନିଗୁଣିମାନଙ୍କ ପାଖରେ ପହଞ୍ଚେଇବା ସହିତ ଶିକ୍ଷା କୁ ନେଇ ଏକ ଗୁରୁତ୍ୱ ଆଲୋଚନା ଓ ପର୍ଯ୍ୟାଲୋଚନା ହେଉ ଏଥିପାଇଁ ଆମ ସ୍କୁଲ ପରିଚାଳନା କମିଟି ଅଭିଭାବକ ଯୁବ ସମାଜ ଏବଂ ସମସ୍ତଙ୍କର ଗୁରୁଦାୟିତ୍ୱ ରହିବା ଆବଶ୍ୟକ ସଂଗଠନର ଏହି କାର୍ଯ୍ୟକ୍ରମକୁ ରାମ ବଡ଼ନାୟକ, ମଦନ ହନ୍ତାଳ, ସୀତାରାମ ଦୁରୁଆ, ପଦଲାମ ହନ୍ତାଳ, ତ୍ରିନାଥ ବଡ଼ନାୟକ, ରାଜେନ୍ଦ୍ର ମାଡ଼କାମୀ, ଗୌରଙ୍ଗ ଅଧିକାରୀ, ଅଞ୍ଜଳି ସୋଡି, ମୁକୁନ୍ଦ ମାଡ଼କାମୀ, ଗୋବର୍ଦ୍ଧନ ପାଙ୍ଗି, ଜିତେନ୍ଦ୍ର ଖିଲ, ଶ୍ରୀନୁ ସାଲବମ, ଚମ୍ପା ଗତନ, ଶୁଭଶ୍ରୀ ମାଢି ପ୍ରମୁଖ ପରିଚାଳନା କରିଥିଲେ ।

# ଖଣି ପାଇଁ ବଳି ପଡ଼ିବ ସଂରକ୍ଷିତ ଜଙ୍ଗଲ



ଛେଣ୍ଡିପଦା, ୨୮/୦୭ (ନି.ପ୍ର): ୪୦ ବର୍ଷ ଧରି ଜଗାରଖାକରି ଆସିଥିବା ଜଙ୍ଗଲ କୋଇଲାଖଣିରେ ଯାଉଛି । ଏ ବାବଦରେ ଉପଯୁକ୍ତ କ୍ଷତିପୂରଣ ପାଇବା ନେଇ ସଂପୃକ୍ତ ଗ୍ରାମବାସୀମାନଙ୍କ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ଛେଣ୍ଡିପଦା ଅଞ୍ଚଳରେ ନୟନୀ କୋଲ ବ୍ଲକ୍‌କୁ ତେଲେଙ୍ଗାନା ରାଜ୍ୟର ସିଙ୍ଗରେନି କମ୍ପାନିକୁ ନିଲାମ ଦିଆଯାଇଛି । ଏହି କୋଲ ବ୍ଲକ ଅଧୀନରେ ସମୁଦାୟ ୯୧୨.୭୯୯ ହେକ୍ଟର ଜମି ରହିଛି । ସେଥି ମଧ୍ୟରୁ ୬୪୩.୦୯୫ ହେକ୍ଟର ସଂରକ୍ଷିତ ଜଙ୍ଗଲ ଜମି ଅଛି । ଏହି ସଂରକ୍ଷିତ ଜଙ୍ଗଲରେ ଛେଣ୍ଡିପଦା ଗ୍ରାମର ମା' ହିଙ୍ଗୁଳା ଓ ରାମଚଣ୍ଡୀ ଏବଂ ସନ୍ତରାବନ୍ଧ ଗ୍ରାମର ମହିଷାମର୍ଦ୍ଦିନୀ ବନ ସୁରକ୍ଷା ସମିତି ଜଗାରଖା କରିଥିବା ସଂରକ୍ଷିତ ଜଙ୍ଗଲ ରହିଛି । ଏବେ ସିଙ୍ଗରେନି କମ୍ପାନି ପକ୍ଷରୁ କୋଇଲା ଖଣି ପାଇଁ ଜଙ୍ଗଲ କଟା ହେବା ଯୋଜନା ଆରମ୍ଭ ହୋଇଛି । ବନ ବିଭାଗ ଦାୟିତ୍ୱରେ ଜଙ୍ଗଲ ଥିଲେ ସୁଦ୍ଧା ଏହା ଦିନକୁ ଦିନ ପଦା ହେଉଥିଲା । ତେଣୁ ସରକାରଙ୍କ ଯୌଥ ପରିଚାଳନା ଆଇନ ଅନୁଯାୟୀ ସ୍ଥାନୀୟ ଗ୍ରାମବାସୀ ଓ ବନ ବିଭାଗର ମିଳିତ ସହଯୋଗରେ ଜଙ୍ଗଲର ରକ୍ଷଣାବେକ୍ଷଣ ଓ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଏହି ଯୋଜନାରେ ବିଭିନ୍ନ ଗ୍ରାମରେ ବନସୁରକ୍ଷା ସମିତି ଗଠନ କରି ଜଙ୍ଗଲ ଗାଁକୁ ହସ୍ତାନ୍ତର କରାଯାଇଥିଲା । ଗ୍ରାମବାସୀଙ୍କ ସହଯୋଗରେ ଜଙ୍ଗଲକୁ ନିଆଁଠୁ ସୁରକ୍ଷା ଦେବା, କାଠ ଚୋରି ରୋକିବା, ଜଙ୍ଗଲରେ ଥିବା ଫାଙ୍କା ଜମିରେ ବୃକ୍ଷରୋପଣ କରିବା, ଜଙ୍ଗଲ ସୁରକ୍ଷିତ ରଖିବା ପ୍ରଭୃତି କାର୍ଯ୍ୟ ହେଉଥିଲା । ଫଳରେ ଏହି ଅଞ୍ଚଳରେ ଘଞ୍ଚ ଜଙ୍ଗଲ ସୃଷ୍ଟି ହୋଇଥିଲା । ଜଙ୍ଗଲର ସୁରକ୍ଷା ପାଇଁ ଗ୍ରାମବାସୀ ବର୍ଷ ବର୍ଷ ଧରି ପାଳି କରି ତାହାକୁ ଜଗିବା ସହ ଜଗୁଆଳି ନିୟୋଜିତ କରୁଥିଲେ । ଜଙ୍ଗଲରୁ ସେମାନେ ଜାଳେଣି କାଠ ସଂଗ୍ରହ କରୁଥିଲେ । ଏବେ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କୋଇଲା ଖଣି ଖନନ ପାଇଁ ଜଙ୍ଗଲ କଟା ହେବାକୁ ଯାଉଛି । ମାତ୍ର ଗ୍ରାମବାସୀ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି । ଜଙ୍ଗଲରୁ ଗଛ କଟା ହେବା ପରେ ଗ୍ରାମବାସୀଙ୍କର ଜାଳେଣି କାଠ ଅଭାବ ହେବ । ଜଙ୍ଗଲ କାଟିବା ପରେ ପରିବେଶର ସନ୍ତୁଳନ ବିଗିଡ଼ିଯିବ । ବନ୍ୟପ୍ରାଣୀ ତାଙ୍କର ବାସ ହରାଇବେ । ସେମାନଙ୍କ ଚଲାପଥ ବଦଳିଯିବ । ଏହାଦ୍ୱାରା ଗ୍ରାମବାସୀଙ୍କ ଧନଜୀବନ ଓ ଫସଲ ଅସୁରକ୍ଷିତ ହୋଇପଡ଼ିବାର ଆଶଙ୍କା ରହିଛି । ଏହାବ୍ୟତୀତ ୪୦ ବର୍ଷ ଧରି ଯେହେତୁ ଗ୍ରାମବାସୀ ଜଙ୍ଗଲ ଜଗାରଖା କରିଥିଲେ, ସେମାନଙ୍କୁ କ୍ଷତିପୂରଣ ନଦେଇ କମ୍ପାନି ପକ୍ଷରୁ ଗଛ କଟା ହେବାକୁ ଯାଉଥିବାରୁ ଅସନ୍ତୋଷ ଦେଖାଦେଇଛି । ସେହିପରି ଥଳିପଶି ଗ୍ରାମବାସୀ ୪୦ ବର୍ଷ ପୂର୍ବରୁ ଜଙ୍ଗଲ ଜଗାରଖା କରିଆସୁଥିଲେ ମଧ ବିଭାଗ ପକ୍ଷରୁ ବନ ସୁରକ୍ଷା ସମିତି ଗଠନ ହୋଇନଥିବାରୁ ଜଙ୍ଗଲର ଗଛକଟା ବାବଦ କ୍ଷତିପୂରଣ ସେମାନଙ୍କୁ ନମିଳିବାର ସମ୍ଭାବନା ରହିଛି । କ୍ଷତିପୂରଣ ନମିଳିଲେ ଗ୍ରାମବାସୀ ଜଙ୍ଗଲ କଟାକୁ ବିରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି । ଗଛ କଟାକୁ ନେଇ ଶୀର୍ଷ ସ୍ତରରେ ଆଲୋଚନା ହେଉଥିଲେ ମଧ ଗ୍ରାମବାସୀଙ୍କ ଦାବିକୁ ଗୁରୁତ୍ୱ ଦିଆଯାଉ ନଥିବାରୁ ଅସନ୍ତୋଷ ଦେଖାଦେଇଛି ।

## ଯାଜପୁର କୁଆଖିଆଠାରେ କାରଗିଲ୍ ବିଜୟ ଦିବସ ପାଳିତ

ଧର୍ମଶାଳା, ୨୮/୦୭ (ନି.ପ୍ର): ଭାରତୀୟ ଜନତା ପାର୍ଟି ପକ୍ଷରୁ କରଗିଲ ବିଜୟ ଦିବସ ଅବସରରେ ଅମର ଯବାନଙ୍କୁ ଶ୍ରଦ୍ଧାଞ୍ଜଳୀ ଦିଆଯାଇଛି । ଦେଶ ମାତୃକାର ସୁରକ୍ଷା ପାଇଁ ପ୍ରାଣବଳୀ ଦେଇଥିବା ଭାରତ ମାତାର ସୁପୁତ୍ର , ବୀର ଅମର ଯବାନଙ୍କ ଉଦ୍ଦେଶ୍ୟରେ ୨୫ ତମ କାର୍ଗିଲ ବିଜୟ ଦିବସ ପାଳିତ ହୋଇଛି । ଯାଜପୁର ଜିଲା ରସୁଲପୁର ବ୍ଲକ କୁଆଖିଆ ଠାରେ ଆୟୋଜିତ ଏହି ବିଜୟ ଦିବସ ପାଳିତ ହୋଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ବିଜେପି ସଭାପତି ଗୌତମ ରାୟଙ୍କ ସଭାପତିତ୍ୱରେ ଯାଜପୁର ସାଂସଦ ଡ. ରବିନ୍ଦ୍ର ନାରାୟଣ ବେହେରା, କୋରାଇ ବିଧାୟକ ଆକାଶ ଦାସ ନାୟକ, ବଡଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରାଇର ପୂର୍ବତନ ବିଧାୟିକା ସଚ୍ଚିଦା ମହାନ୍ତି, ଜିଲା କାର୍ଯ୍ୟକାରୀ ସଭାପତି ଆଶୁତୋଷ ପରିଡା, ନାରୀନେତ୍ରୀ ବବିତା ମଲ୍ଲିକ ପ୍ରମୁଖ ଯୋଗଦେଇ ବୀର ଅମର ଯବାନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ବୀର ସହିଦଙ୍କ ତ୍ୟାଗ, ସମର୍ପଣ ଏବଂ ବଳିଦାନ ଚିର ସ୍ମରଣୀୟ । ବୀର ଯବାନଙ୍କ ସୌର୍ଯ୍ୟ ବଳିଦାନକୁ ଦେଶ କେବେ ଭୁଲିବ ନାହିଁ ବୋଲି ବକ୍ତବ୍ୟରେ କହିଥିଲେ । ଏହି ଅବସରରେ ବଡଚଣା, ଧର୍ମଶାଳା, ବରୀ ଓ ରସୁଲପୁର ବ୍ଲକ ଅଂଚଳ ସଂଗ୍ରାମୀ ପରିବାର ଓ ସ୍ଥାନୀୟ ବୁଦ୍ଧିଜୀବୀମାନଙ୍କୁ ସମ୍ମାନୀତ କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ବୁଦ୍ଧିଜୀବୀ ଓ ଦଳୀୟ କର୍ମୀ ସାମିଲ୍ ହୋଇଥିଲେ ।

# ଜିଲ୍ଲାରେ ଲଗାଣ ବର୍ଷା, ଚାଷୀକୂଳ ଆଶ୍ୱସ୍ତ: ରାଉରକେଲାରେ ୪.୪ ମିଲିମିଟର



ରାଉରକେଲା, ୨୮/୦୭ (ନି.ପ୍ର): ଇସ୍ପାତ ସହରରେ ଲଗାଣ ବର୍ଷା ଜାରି ରହିଛି । ଶୁକ୍ରବାର ସନ୍ଧ୍ୟାରୁ ବର୍ଷା ଆରମ୍ଭ ହୋଇଥିବାବେଳେ କିଛି ସମୟପରେ ତାହା ବନ୍ଦ ହୋଇଯାଇଥିଲା । ତେବେ ବିଳମ୍ବିତ ରାତିରୁ ଆରମ୍ଭ ହୋଇଥିବା ବର୍ଷା କମିବାର ନାଁ ନେଉନି । ଯଦିଓ ପ୍ରବଳ ବର୍ଷା ହେଉନି, କିନ୍ତୁ ଦିନସାରା ଝିପିଝିପି ବର୍ଷା ଲାଗିରହିଛି । ଗମନାଗମନ ବହୁମାତ୍ରାରେ ପ୍ରଭାବିତ ହୋଇଛି । ଶୁକ୍ରବାର ସକାଳ ୮ଟାରୁ ଶନିବାର ସକାଳ ୮ଟା ମଧ୍ୟରେ, ରାଉରକେଲା ମହାନଗର ନିଗମ ଅଞ୍ଚଳରେ ୪.୪ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ତେବେ ଶନିବାର ବର୍ଷାର ପରିମାଣ ଢ଼େର ଅଧିକ ହେବ ।କେବଳ ରାଉରକେଲା ନୁହେଁ, ବରଂ ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଗତ ୨୪ ଘଣ୍ଟାରେ ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂଚନାରୁ ପ୍ରକାଶ । ଆଜି ମଧ ବିଭିନ୍ନ ବ୍ଲକରେ ପ୍ରବଳ ବର୍ଷା ହୋଇଛି, ତେବେ ନିର୍ଦ୍ଦିଷ୍ଟ କେତେ ପରିମାଣରେ ବର୍ଷା ହୋଇଛି ତାହା ପାଣିପାଗ ବିଭାଗ ପକ୍ଷରୁ ରବିବାର ସକାଳ ୮ଟାରେ ଆନୁଷ୍ଠାନିକଭାବେ ଘୋଷଣା କରାଯିବ । ତେବେ ଗତ ୨୪ ଘଣ୍ଟାରେ ବଣାଇଁରେ ସର୍ବାଧିକ ବର୍ଷା ହୋଇଥିବାବେଳେ ସବଡେଗା ବ୍ଲକରେ ଆଦୌ ବର୍ଷା ହୋଇନି । ବଣାଇ ବ୍ଲକରେ ୧୦୫ ମିଲିମିଟର ବର୍ଷା ହୋଇଥିବାବେଳେ ଲହୁଣିପଡ଼ାରେ ୫୩ ମିଲିମିଟର, ନୂଆଗାଁରେ ୪୭.୩ ମିଲିମିଟର, ବିଶ୍ରାରେ ୪୫.୨ ମିଲିମିଟର, ଗୁରୁଣ୍ଡିଆରେ ୪୪ ମିଲିମିଟର, କୁଆରମୁଣ୍ଡାରେ ୩୩.୬ ମିଲିମିଟର, ଲାଠିକଟାରେ ୨୬ ମିଲିମିଟର, ରାଜଗାଙ୍ଗପୁରରେ ୨୫.୨ ମିଲିମିଟର, କୋଇଡ଼ାରେ ୨୪ ମିଲିମିଟର ବର୍ଷା ହୋଇଥିଲା । ଅପରପକ୍ଷରେ କୁତ୍ରାରୁ ହେମଗିର ବ୍ଲକ ଯାଏ, ଅପେକ୍ଷାକୃତ କମ୍ ବର୍ଷା ହୋଇଥିଲା । ହେମଗିରରେ ୧୯ ମିଲିମିଟର ବର୍ଷା ହୋଇଥିବାବେଳେ ଲେଫ୍ରିପଡ଼ାରେ ୫ ମିଲିମିଟର, ଟାଙ୍ଗରପାଲିରେ ୩.୪ ମିଲିମିଟର, ସୁନ୍ଦରଗଡ଼ରେ ୨.୬ ମିଲିମିଟର, ବାଲିଶଙ୍କରାରେ ୧୦.୨ ମିଲିମିଟର, ବଡ଼ଗାଁରେ ୬.୮ ମିଲିମିଟର ଓ କୁତ୍ରାରେ ୮ ମିଲିମିଟର ବର୍ଷା ହୋଇଥିଲା । ଉଲ୍ଲେଖଯୋଗ୍ୟ, ବର୍ଷା ଅଭାବ ଯୋଗୁଁ ବିଭିନ୍ନ ଅଞ୍ଚଳରେ ଚାଷ ଆଶାନୁରୂପ ହୋଇନଥିଲା । ଏମିତିକି ଧାନ ଚାଷ ବହୁତ ପଛେଇ ଯାଇଥିଲା । ତେବେ ଗତଦୁଇଦିନ, ଶୁକ୍ରବାର ଓ ଶନିବାରର ବର୍ଷା ଚାଷ ପାଇଁ ବହୁମାତ୍ରାରେ ସହାୟକ ହେବ ।

## ଟିଟିଲାଗଡ଼ ଓ କଣ୍ଟାବାଂଝିରେ ଗଞ୍ଜେଇ ଚାଲାଣ ଅଭିଯୋଗରେ ୬ ଜଣ ଗିରଫ: ୩୩୭.୮୯୫ ଗ୍ରାମ ଗଞ୍ଜାଇ ଜବତ

ବଲାଙ୍ଗିର, ୨୮/୦୭ (ନି.ପ୍ର): ଟିଟଲାଗଡ ଓ କଣ୍ଟାବାଞ୍ଜିରେ ଗଞ୍ଜେଇ ଚାଲାଣ ଅଭିଯୋଗରେ ୬ ଜଣ ଗିରଫ । ଗଞ୍ଜେଇ ବେପାରରେ ବାଲିଗୁଡାର ଜଣେ ଶିକ୍ଷକ ଓ ବଙ୍ଗୋମୁଣ୍ଡା ଅଳର ଜଣେ କପଡ଼ା ବ୍ୟାପରୀ ସଂଶ୍ଳିଷ୍ଟ ଥିବା ଜଣାପଡ଼ିଛି । ଗୁରୁବାର ଦିନ ବେଲଗାଁ ଟୁ ଏକ ଧଳା କର୍ଲର ପିକ୍ଅପ୍ ଭ୍ୟାନ୍‌ରେ ଟିଟିଲାଗଡ଼ ଆଡ଼କୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଟିଟିଲାଗଡ଼ ଥାନାର ଏସ୍ଆଇ ଦେବାଶିଷ ଶତଥୀ ଓ ପୋଲିସ ଟିମ୍ ଥାନାଧିକାରୀ ଅବନୀ ସାହୁଙ୍କ ନିର୍ଦ୍ଦେଶ ଅନୁସାରେ ସେହି ଗାଡ଼ିକୁ ଅଟକାଇ ଯା କରିଥିଲେ । ଗାଡ଼ି ଚାଳକ ପ୍ରଭାତ ମୁନି ଏଚ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସବୁ ଗଞ୍ଜେଇ କେଉଁଠି ରହିଛି କାଢି ଦେଖାଇଥିଲା । ଓଜନ କରିବାରୁ ୨୪୩ କେଜି ୮୯୫ ଗ୍ରାମ ଗଞ୍ଜେଇ ଗାଡ଼ିରୁ ବାହାରିଥିଲା । ସେହିପରି ଅନ୍ୟ ଏକ ବୋଲେରୋ ଗାଡ଼ିରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ କଣ୍ଟାବାଞ୍ଜି ଏସ୍‌ଡିପିଓ, ଥାନାଧିକାରୀ ଆଁ. ବେହେରାଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ । ଗାଡ଼ି ଚାଳକ ରାଜୁ ରଣା ସବୁ ଲୁଚେଇ ରଖିଥିବା ଗଞ୍ଜେଇ କାଢି ଦେଖାଇଥିଲା । ସେଠାରୁ ୯୪ କେଜି ଗଞ୍ଜେଇ ଜବତ ହୋଇଥିବା ଏସପି ଋଷିକେଶ ଖିଲାରୀ ସୁଚନା ଦେଇଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟ ଚକିତ ଜିନିଷ ହେଉଛି ଜେ ଏହି ଗଞ୍ଜେଇ ଚୋରା ଚାଲାଣରେ ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ବେଲପଡ଼ା ଗ୍ରାମର ଜଣେ କପଡ଼ା ବେପକାରୀ ବୁଧି ମେହେର ଓ ବାଲିଗୁଡା ଅଞ୍ଚଳର ଜଣେ ଶିକ୍ଷକ ପ୍ରଶାନ୍ତ ନାଏକ ଏଥିରେ ସଂଶ୍ଳିଷ୍ଟ ବୋଲି ଜଣାପଡିଛି । ତେବେ ୬ ଜଣ ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ କନ୍ଧମାଳ ଜିଲ୍ଲା ବାଲିଗୁଡା ଅଞ୍ଚଳର ଗାଡ଼ି ଡ୍ରାଇଭର ପ୍ରଭାତ ମୁନି, ମୁଠାବାଲି ଅଞ୍ଚଳର ନୀଳକଣ୍ଠ ମହାନନ୍ଦ, ପୂର୍ଣ୍ଣ ବେସରା, ପ୍ରଶାନ୍ତ ନାଏକ, ଘୋଡ଼ାବାଲି ଅଞ୍ଚଳର ରାଜୁ ରଣା, ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ବେଲପଡ଼ା ଅଞ୍ଚଳର ବୁଧି ସାଗର ମେହେର । ସମସ୍ତଙ୍କୁ କୋର୍ଟ ଚାଲାଣ କରାଯିବା ନେଇ ସୁଚନା ଦେଇଛନ୍ତି ଏସ୍‌ପି ଶ୍ରୀ ଖିଲାରୀ ।

# କୂଳ ଖାଉଛି ସମୁଦ୍ର: ଆତଙ୍କିତ ଅବସ୍ଥାରେ ୪ ପଞ୍ଚାୟତବାସୀ



ଚନ୍ଦନେଶ୍ୱର, ୨୮/୦୭ (ନି.ପ୍ର): କୂଳ ଖାଉଛି ସମୁଦ୍ର । ଫଳରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଅଧୀନ ୪ଟି ପଞ୍ଚାୟତର ଲୋକମାନେ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି । କେବଳ ସେତିକି ନୁହେଁ, ଏଇଭିତରେ ଅନେକ ଝାଉଁ ଜଙ୍ଗଲ ନିଶ୍ଚିହ୍ନ ହୋଇଯାଇଥିବା ବେଳେ ହଜାର ହଜାର ଗଛ ଏବେ ବିପଦରେ । ଭୋଗରାଇ ବ୍ଲକ୍ ଅଧୀନ ତାଳସାରୀଠାରୁ କୀର୍ତ୍ତନିଆ ପର୍ଯ୍ୟନ୍ତ; ୧୨ କିମି ଉପକୂଳ ଅଞ୍ଚଳରେ ସ୍ଥିତି ସଂଗିନ ହୋଇପଡ଼ିଛି । ସମୁଦ୍ର କୂଳ ଖାଇ ହୁଗୁଳି, ଗୋଛିଦାତେଘରୀ, କାନ୍ଥିଭଉଁରୀ ଓ ନାରାୟଣ ମହାନ୍ତି ପଡ଼ିଆ ପଞ୍ଚାୟତର ଜନବସତି ଆଡ଼କୁ ମାଡ଼ିଯାଉଛି । ଫଳରେ ହୁଗୁଳି ପଞ୍ଚାୟତର ବିନ୍ଧାପଦ୍ମପୁର, ଗୋଛିଦାତେଘରୀ ପଞ୍ଚାୟତର କୃଷ୍ଣନଗର, ଶ୍ରଦ୍ଧାପୁର ପଞ୍ଚାୟତର ଖଡ଼ିବିଲ ଓ କନ୍ୟାନଗରୀ, କାନ୍ଥିଭଉଁରୀ ପଞ୍ଚାୟତର ରଣସିଂପୁର ଏବଂ ନାରାୟଣ ମହାନ୍ତି ପଡ଼ିଆ ପଞ୍ଚାୟତର ବିର୍ଜାଦାଣ୍ଡି ଓ ଭିରିକିଟିର ଲୋକମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି । କେବଳ ସେତିକି ନୁହେଁ, ଏଇଭିତରେ ଉପକୂଳ ସୁରକ୍ଷା ପାଇଁ ସୃଷ୍ଟି କରାଯାଇଥିବା ଅନେକ ଝାଉଁ ଜଙ୍ଗଲ ନିଶ୍ଚିହ୍ନ ହୋଇଯାଇଥିବା ବେଳେ ହଜାର ହଜାର ଗଛ ଏବେ ବିପଦରେ । ସମସ୍ୟାର ସମାଧାନ ପାଇଁ ଉପରୋକ୍ତ ୪ଟି ପଞ୍ଚାୟତର ବୁଦ୍ଧିଜୀବୀମାନେ ବିଭିନ୍ନ ସମୟରେ ସରକାରଙ୍କୁ ଫେରାଦ ହୋଇଛନ୍ତି । ତାଳସାରୀଠାରୁ କୀର୍ତ୍ତନିଆ ଯାଏ ପଥରବନ୍ଧ ନିର୍ମାଣ ସହ ନୂଆ ଝାଉଁବଣ ସୃଷ୍ଟି ପାଇଁ ଦାବି ଜଣାଇଛନ୍ତି । ହେଲେ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଏପରି ସମୟରେ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ବେହେରା, ବଳରାମ ପ୍ରଧାନ, ଶମ୍ଭୁନାଥ ମାଝୀ, ଘନଶ୍ୟାମ ନାୟକ, ରାଜକୁମାର ପାତ୍ର, ପ୍ରଶାନ୍ତ ଜେନା ପ୍ରମୁଖ ଦାବି କରିଛନ୍ତି । ଏନେଇ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ପ୍ରତିକ୍ରିୟା ନିଆଯାଇଥିଲା । ସେ କହିଛନ୍ତି, ତାଳସାରୀଠାରୁ କୀର୍ତ୍ତନିଆ ପର୍ଯ୍ୟନ୍ତ ଉପକୂଳ ସୁରକ୍ଷା ଏକ ବଡ଼ ପ୍ରସଙ୍ଗ । ଆମ ପାଇଁ ସମୟର ବଡ଼ ଆହ୍ୱାନ ମଧ । ଏନେଇ ମୁଁ ଜଳ ସମ୍ପଦ ବିଭାଗର ଯନ୍ତ୍ରୀଙ୍କ ସହ ଆଲୋଚନା କରିଛି । ତୁରନ୍ତ ପ୍ରତିକାରମୂଳକ ପଦକ୍ଷେପ ନିଆଯିବ ।

## ଆଳୁ ଦର ଆକାଶ ଛୁଆଁ: ଖାଉଟି ହନ୍ତସନ୍ତ

ଗଂଜାମ, ୨୮/୦୭ (ନି.ପ୍ର): ଗଂଜାମ ଜିଲାରେ କିଛି ମାସ ହେଲା ପରିବା ଦର ଆକାଶ ଛୁଆଁ ହୋଇଥିବା ବେଳେ ବର୍ତ୍ତମାନ ଆଳୁ ଦର ବୃଦ୍ଧି ଜନଜୀବନକୁ ବ୍ୟତିବସ୍ତ କରିଛି । ବ୍ରହ୍ମପୁର ସହରରେ ଆଳୁ କେଜି ପିଛା ଦର ୫୦ଟଂକାରେ ବିକ୍ରି ହେଉଥିବାବେଳେ ଗ୍ରାମାଞ୍ଚଳର ୫୫ରୁ୬୦ ଟଂକାରେ ବିକ୍ରି ହେଉଛି । ଅନେକ ଗରିବ ବ୍ୟକ୍ତି ଆଳୁ ଖାଇବାକୁ ପାଉନାହାନ୍ତି । ଆଳୁ ଦର ବୃଦ୍ଧି ଯୋଗୁଁ ଖାଉଟିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି ।


# ହଜିଯିବ ଐତିହାସିକ ଲାଲବାଗ କୋଠି, ପୁରୁଣା ରାଜଭବନ

## ରାସ୍ତା ପାଇଁ ଭଙ୍ଗାଯିବ, ସରକାରଙ୍କ ନିଷ୍ପତ୍ତି ଉପରେ ଲଟକିଛି ଭାଗ୍ୟ



କଟକ, ୨୮/୦୭ (ନି.ପ୍ର): କଟକର ଶିଶୁଭବନ ପରିସରରେ ରହିଛି ଐତିହାସିକ ଲାଲବାଗ କୋଠି, ପୁରୁଣା ରାଜଭବନ । ମୋଗଲ ଶାସନ ସମୟରେ ସାଲବେଗଙ୍କ ବାପା ଲାଲ୍ ବେଗଙ୍କ ଦ୍ୱାରା ଏହି କୋଠି ନିର୍ମାଣ କରିଥିବା ବେଳେ ସେଠାରେ ପରବର୍ତ୍ତୀ ସମୟରେ ମରାଠା ଓ ଇଂରେଜ ଶାସକ ରହୁଥିଲେ । ଦେଶ ସ୍ୱାଧୀନତା ପରେ ତାହାକୁ ରାଜ୍ୟର ରଜଭବନ ଭାବେ ବ୍ୟବହାର କରାଯାଉଥିଲା । ଏହି କୋଠାକୁ ଦେଶର ପ୍ରଥମ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବି ଆସିଥିଲେ । ଏଭଳି ଐତିହାସିକ ମହତ୍ୱ ରଖୁଥିବା ଏହି କୋଠାରେ ଶିଶୁ ଭବନର ପୁରୁଣା ଓ୍ୱାର୍ଡ ଚାଲିଥିଲା । କିନ୍ତୁ ଏହି ଐତିହାସିକ କୋଠାକୁ ପରପିଢି ପାଇଁ ସଂରକ୍ଷିତ ନ ରଖି ଶିଶୁ ଭବନରେ ନବ ନିର୍ମିତ ୭ତାଲା କୋଠା ପାଇଁ ଭାଙ୍ଗି ଦିଆଯିବାର କ୍ଷେତ୍ର ପ୍ରସ୍ତୁତ ହେଉଛି । ଯେଉଁଭଳି ଢଙ୍ଗରେ ଏବେ ସେଠାରେ ରାସ୍ତା ଓ ଗେଟ୍ ତିଆରି ହୋଇଛି, ସେଥିରେ ଏହି ଐତିହାସିକ କୋଠାକୁ ଭାଙ୍ଗି ଦିଆଯିବାର ନିଷ୍ପତ୍ତି ହୋଇଥିବା ଅନୁଭବ ହେଉଛି । କାରଣ ସେହି ଗେଟରେ ନୂଆ କୋଠାକୁ ଆସିବାକୁ ହେଲେ ଏହି ଐତିହାସିକ କୋଠାକୁ ଭାଙ୍ଗିବାକୁ ପଡିବ । କେବଳ ଦୋଷ ଛଡାଇବାକୁ କର୍ତ୍ତୃପକ୍ଷ ଏବେ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରାଯାଉଛି ବୋଲି କହିଛନ୍ତି । ଲାଲବାଗ କୋଠୀରେ ଶିଶୁଭବନର ଓ୍ୱାର୍ଡ-୨, ସର୍ଜରି ଓ୍ୱାର୍ଡ ଇତ୍ୟାଦି କାର୍ଯ୍ୟ କରି ଆସୁଥିଲା । ଶିଶୁ ଭବନ ପରିସରରେ ଏବେ ୭ ମହଲା ବିଶିଷ୍ଟ କୋଠା ପାଇଁ ସର୍ଜର ଓ୍ୱାର୍ଡ ପଛପଟେ ଗେଟ୍ ନିର୍ମାଣ ଶେଷ ହୋଇଛି । ସାତ ମହଲା କୋଠାରୁ ଏକ ରାସ୍ତା ଏହି ବାଟେ ବେଲଭ୍ୟୁ ଛକ ଯାଏ ଯିବ । ପୁରୁଣା ଐତିହାସିକ କୋଠାରେ ଥିବା ସର୍ଜରି ଓ୍ୱାର୍ଡରୁ ସମସ୍ତ ରୋଗୀଙ୍କୁ ବହୁଦିନ ହେଲା ଜରୁରିକାଳୀନ ଓ୍ୱାର୍ଡ ନିକଟକୁ ସ୍ଥାନାନ୍ତର କରାଯାଇଛି । ବେଡ୍ ବି ସ୍ଥାନାନ୍ତର ହୋଇସାରିଥିବା ବେଳେ ଓ୍ୱାର୍ଡରେ ଲାଗିଥିବା ଫ୍ୟାନ୍ ଓ ଅନ୍ୟାନ୍ୟ ବିଦ୍ୟୁତ୍ ଉପକରଣ କଢ଼ାଯିବା ପ୍ରକ୍ରିୟା ସରିଛି । ଫଳରେ ଯେ କୌଣସି ମୂହୁର୍ତ୍ତରେ ଏହି କୋଠା ମାଟିରେ ମିଶିବା ଆଶଙ୍କା ବଢିବାରେ ଲାଗିଛି । ପୂର୍ତ୍ତବିଭାଗର ଜଣେ ବରିଷ୍ଠ ଯନ୍ତ୍ରୀଙ୍କ କହିବା କଥା ହେଲା, ସେହି ପୁରୁଣା କୋଠାକୁ ଭଙ୍ଗାଯିବ ନା ନାହିଁ ସେ ସଂପର୍କରେ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି । ସରକାରଙ୍କ ନିର୍ଦ୍ଦେଶ ମିଳିବା ପରେ ଯାହା ପଦକ୍ଷେପ ନିଆଯିବ । ଅନ୍ୟପଟେ ଏହି ନୂଆ କୋଠାକୁ ସଂଯୋଗ କରୁଥିବା ଗେଟ୍ ସମ୍ମୁଖ ରାସ୍ତାକୁ ଏବେ ତିଆରି କରିବା ଆରମ୍ଭ କରାଯାଇଛି । ନୂଆ କୋଠା ପାଇଁ ଯେଉଁ ଫାଟକ ତିଆରି ହେଉଛି ତାକୁ ମିଶାଇଲେ ଆଗକୁ ଶିଶୁଭବନ ପାଇଁ ୪ଟି ଫାଟକ ହେବ ।

# ଡ଼ ନୀଳକଣ୍ଠ ମିଶ୍ରଙ୍କ 'ଭାବ ଭାବାନ୍ତର' ପ୍ରକାଶିତ




ବାରିପଦା, ୨୮/୭ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦ୍ୱାରା 'ଭୂମିପୁତ୍ର' ସମ୍ମାନରେ ବିଭୂଷିତ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ ବରିଷ୍ଠ ସାରସ୍ୱତ ସାଧକ ଡ଼ ନୀଳକଣ୍ଠ ମିଶ୍ର ଙ୍କ ଲିଖିତ କବିତା ସଂକଳନ 'ଭାବ ଭାବାନ୍ତର' ପ୍ରକାଶିତ ହୋଇଛି । ଡ ମିଶ୍ର ଙ୍କ ଲିଖିତ ଏହା ୨୩ତମ ପୁସ୍ତକ ।୩୫ଗୋଟି କବିତା କୁ ନେଇ ସଂକଳିତ 'ଭାବ ଭାବାନ୍ତର' ନିଶ୍ଚିତ ଭାବେ ପୂର୍ବ ପୁସ୍ତକ ମାନଙ୍କ ଭଳି ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ଡ଼ ମିଶ୍ର ଆଶାବ୍ୟକ୍ତ କରିଛନ୍ତି ।କବିତା ଗୁଡିକରେ ଭାଷାର କ୍ଲିଷ୍ଟତକ୍ଷ ନାହିଁ କିନ୍ତୁ କବିତା ଗୁଡ଼ିକ ବେଶ୍ ଉଚ୍ଚକୋଟୀର ଓ ବୋଧଗମ୍ୟ। ଡ ମିଶ୍ର ଙ୍କ ଏହି ସାଧୁ ଉଦ୍ୟମ ପାଇଁ ବହୁ ସାହିତ୍ୟିକ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

# ନୋସି ଉତ୍କଳାରେ ୪୫ତମ ଫେସବୁକ୍ କବିତା ଆସର




ବାଲେଶ୍ୱର, ୨୮/୭ (ନି.ପ୍ର): ନୋସି ଉତ୍କଳା ମୁକ୍ତମଞ୍ଚରେ ନୋସି କଲଚ୍ୟୁରାଲ ଏକାଡେମି ଦ୍ୱାରା ୪୫ତମ ଫେସବୁକ କବିତା ଆସର ଆୟୋଜନ କରାଯାଇଛି । ଉକ୍ତ କବିତା ପାଠ ଉତ୍ସବକୁ ଶିଳ୍ପୀ କେଶୁଦାସ ପରିଚାଳନା କରି କବିମାନଙ୍କୁ ମଞ୍ଚ ଆହ୍ୱାନ ସହ ପରିଚୟ କରିଥିବାବେଳେ କବିତା ଆସରକୁ ଗଗନ କୁମାର ସେଠୀ ସଂଯୋଜନା କରିଥିଲେ । କବି ପ୍ରଭାତ କୁମାର ଆଚାର୍ଯ୍ୟ,, ପ୍ରବୀର କୁମାର କମିଲା, ପଦ୍ମଲୋଚନ ପ୍ରଧାନ, ଅଜିମ ବାଲେଶ୍ୱରୀ, ସୁବ୍ରତା ମହାନ୍ତି, ତୃପ୍ତି ରାଣୀ ପାତ୍ର, ଜୁମର ନାଥ ପାତ୍ର, ହରେରାମ ଦାସ, ସଞ୍ଜିବ କୁମାର ଜେନା, ଦେବାଶିଷ ସିଂହ ପ୍ରମୁଖ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। କବିତାରେ ଛାୟା ବିଶ୍ୱଯୁଦ୍ଧ କରାଳ ବିଭିଷିକାର ଚିତ୍ର, କାରଗିଲ ଯୁଦ୍ଧର ବିଜୟ ଗାଥା, ଶ୍ରାବଣରେ ବର୍ଷାର ଝରଝର, ସରକାରଙ୍କ ଯୋଜନା କଟାକ୍ଷ ବ୍ୟଙ୍ଗ, ପ୍ରେମ ଓ ଭଲ ପାଇବାର ଶାଶ୍ୱତ ସ୍ୱର ଇତ୍ୟାଦି କବିତା ପାଠ କରି ଶ୍ରୋତାଙ୍କୁ ବାନ୍ଧି ରଖିଥିଲେ । ନୃତ୍ୟଗୁରୁ କୈଳାସ ଦାସଙ୍କ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଓ କଣ୍ଠଶିଳ୍ପୀ କୁମାର ଅତନୁ ଦ୍ୱାରା ଆଧୁନିକ ସଂଗୀତ ପରିବେଷଣ କରାଯାଇଥିଲା । ଶେଷରେ କୁମାର ସତ୍ୟମ୍ ଧନ୍ୟବାଦ ପ୍ରଦାନ କରିଥିଲେ। ଏହା କାର୍ଯ୍ୟକ୍ରମକୁ ନୋସିର କର୍ମକର୍ତ୍ତା ପ୍ରଶାନ୍ତ ବେହେରା, ସୁନାରାମ ସିଂ, ରାଘବ ବିଶ୍ୱାଳ, ଶଶାଙ୍କ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଦୁଇ ଦିବସୀୟ ପ୍ରାଦେଶିକ କବାଡ଼ି ଓ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ



ନୀଳଗିରି, ୨୮/୭ (ନି.ପ୍ର): ନୀଳଗିରି ସରସ୍ୱତୀ ବିଦ୍ୟାମନ୍ଦିରରେ ଦୁଇ ଦିବସୀୟ ପ୍ରାଦେଶିକ ଖେଳକୁଦ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଆଜି ପୂର୍ବାହ୍ନରେ ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଖେଳକୁ ଆନୁଷ୍ଠାନିକ ଭାବେ ଶୁଭ ଉଦ୍ଘାଟନ କରିଥିଲେ । ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଜୟକୃଷ୍ଣ ବାରିକ ସଭାପତିତ୍ୱ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ । ଓଡିଶାର ବିଦ୍ୟା ଭାରତୀ ଶିକ୍ଷାବିକାଶ ସମିତି ର ପ୍ରାନ୍ତ ଶାରୀରିକ ସଂଯୋଜକ ବଳରାମ ସାହୁ, ବାଲେଶ୍ୱର ବିଭାଗ ନିରୀକ୍ଷକ ବିଜନ କୁମାର ଜେନା,ପୂର୍ବସର ସମ୍ଭାଗ ସଂଯୋଜକ ବିଭୁତିଭୂଷଣ ପାଇକରାୟ, ବିଦ୍ୟାମନ୍ଦିର ର ସଭାପତି ବୀରେନ୍ଦ୍ର କୁମାର ପାତ୍ର, ସଂଯୋଜକ ପ୍ରଦୀପ କୁମାର ବେହେରା, କୋଷାଧକ୍ଷ ହୃଷିକେଶ ମହାନ୍ତି ଓ ବିଦ୍ୟାଳୟର ସମସ୍ତ ସହକାରୀ ଗୁରୁଜୀ, ଗୁରୁମା ଉପସ୍ଥିତ ଥିଲେ । ପରେ ନୀଳଗିରି ମିନି ଷ୍ଟାଡିୟମ ରେ ୧୪ ବର୍ଷରୁ କମ ବାଳକ ବାଳିକା,୧୭ ବର୍ଷରୁ କମ ବାଳକ ବାଳିକା ଏବଂ ୧୯ ବର୍ଷରୁ କମ ବାଳକ ବାଳିକା ଙ୍କ ମଧ୍ୟରେ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କବାଡ଼ି ରେ ୧୨ଗୋଟି ଦଳ ଏବଂ ଭଲିବଲରେ ୧୦ ଗୋଟି ଦଳ ଭାଗ ନେଇଥିଲେ । ଆଜି ର କବାଡି ଓ ଭଲିବଲ ଖେଳରେ ୮ଗୋଟି ଦଳ ସେମି ଫାଇନାଲ କୁ ଯାଇଥିବା ବେଳେ ଆସନ୍ତାକାଲି ଉଦଯାପନୀ ଦିବସରେ ଉକ୍ତ ୮ ଗୋଟି ଦଳ କୁ ନେଇ ଫାଇନାଲ ଖେଳ ହେବ । ଓଡିଶା ପ୍ରାନ୍ତର ଖେଳାକୁଦ ସଂଯୋଜକ ସଞ୍ଜୟ କୁମାର ମିଶ୍ର ଖେଳ ପରିଚାଳନା କରିଥିଲେ । ସନ୍ଧ୍ୟାରେ ନୀଳଗିରିର ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ ଯୋଗଦେଇ ପ୍ରତ୍ୟକ ଜିଲ୍ଲାରୁ ଆସିଥିବା କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିବା ସହିତ ଅଭିଭାଷଣ ରଖିଥିଲେ । ବିଦ୍ୟାମନ୍ଦିର ପକ୍ଷରୁ ସମ୍ପାଦକ ପ୍ରଦୀପ କୁମାର ବେହେରା ବିଧାୟକ ଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନଦେଇ ସମ୍ମାନିତ କରିଥିଲେ । ଆଜିର ସାନ୍ଧ୍ୟ କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ସମସ୍ତ ସହକାରୀ ଗୁରୁଜୀ, ଗୁରୁମା, ପରିଚାଳନାରେ ସହଯୋଗ କରିଥିଲେ ।

# ଚାଷୀଙ୍କୁ ତୁରନ୍ତ କୃଷିରଣ ପ୍ରଦାନ ନିମନ୍ତେ ଦାବି

ଗଞ୍ଜାମ, ୨୮/୭ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ ବ୍ଲକ ଅନ୍ତର୍ଗତ ପିତଳ ଅଂଚଳର ଚାଷୀମାନେ ଚାଷକାର୍ଯ୍ୟ ପାଇଁ ଋଣ ନିମନ୍ତେ ତିନି ବର୍ଷ ହେଲା ପିତଳ ସେବା ସମବାୟ ସମିତି ମାଧ୍ୟମରେ ଆସୁଥିବା କେନ୍ଦ୍ର ସମବାୟ ବ୍ୟାଙ୍କ ଶେରଗଡ଼ ଶାଖାରେ ଆବେଦନ କରିଥିଲେ ମଧ୍ୟ ଦୀର୍ଘ ଦିନ ହେଲା କୃଷି ଋଣ ପାଉନଥିବାରୁ ଚାଷକାର୍ଯ୍ୟରେ ଅଗ୍ରଗତି କରିପାରୁନାହାଁନ୍ତି । ଯାହାକୁ ନେଇ କୃଷକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ କୃଷି, ସମବାୟ ବିଭାଗ ମନ୍ତ୍ରୀ, କେନ୍ଦ୍ର ସମବାୟ ବ୍ୟାଙ୍କ ଓ ଶେରଗଡ ଶାଖା ପରିଚାଳକ ଘଟଣାର ତଦନ୍ତ କରି ଖରିଫ ଚାଷ ପୂର୍ବରୁ ଚାଷୀମାନଙ୍କୁ କୃଷିରଣ ପ୍ରଦାନର ବ୍ୟବସ୍ଥା କରିବାକୁ ଦାବି ହେଉଛି।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### କେବେ ଖସିବ ଆଳୁ ...

କଟକ ଛତ୍ର ବଜାରରେ ସର୍ବାଧିକ ୫୦ ଟଙ୍କାରେ ବିକ୍ରି ହେଉଛି ଆଳୁ। ବର୍ଦ୍ଧିତ ଦରକୁ ନେଇ କିଛି ଦିନ ତଳେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ତାଗିଦ ସତ୍ତ୍ୱେ କେଉଁଠି ବି ଆଳୁ ୩୨ ଟଙ୍କାରେ ମିଳୁନି। ଖୁଚୁରା ବ୍ୟବସାୟୀଙ୍କ କହିବା କଥା, ଯେହେତୁ ସେମାନେ ପୂର୍ବରୁ ଚଢ଼ା ଦରରେ ଆଳୁ କିଣି ସାରିଛନ୍ତି, ସେହି କ୍ଷତିର ଭରଣା ଦେବ କିଏ ? କେବଳ ଏତିକି ନୁହେଁ, ପଶ୍ଚିବଙ୍ଗରୁ ଓଡ଼ିଶାକୁ ଆଳୁ ପରିବହନ ଏଯାଏ ସଂପୂର୍ଣ୍ଣ ସ୍ୱାଭାବିକ ହୋଇନି। ଫଳରେ ବ୍ୟବସାୟୀମାନେ ଚାନ୍ଦା ଦେଇ ଓ ବିଭିନ୍ନ ଗଳାବାଟ ଦେଇ ଆଳୁ ଆଣୁଛନ୍ତି। ଜଳେଶ୍ୱରର ହଳଦୀହତା ଗାଁର ଚିତ୍ର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଅତ୍ୟନ୍ତ ସରୁ ରାସ୍ତାରେ ଟ୍ରକରେ ଆଳୁ ପରିବହନ କରାଯାଉଛି। ଉକ୍ତ ରାସ୍ତା ରାସ୍ତା ଦେଇ ସାଇକେଲ, ବାଇକ ଆଉ ଟ୍ରକରେ ଆଳୁ ଅଣାଯାଉଥିବା କହିଛନ୍ତି ସ୍ଥାନୀୟ ବାସିନ୍ଦା। ସେହିପରି ଭୁବନେଶ୍ୱର ଆଇଗିଣିଆ ଆଳୁଗଦିକୁ ପଶ୍ଚିମବଙ୍ଗରୁ ଆସିଛି ୨୩ଟି ଆଳୁ ଗାଡ଼ି। କୁହାଯାଉଛି, ଏହି ଆଳୁ ଆସନ୍ତା ୩ ଦିନ ଯାଏ ଭୁବନେଶ୍ୱରବାସୀଙ୍କ ଆବଶ୍ୟକତା ପୂରଣ କରିବ। ସେହିପରି କଟକ ଛତ୍ରବଜାରରେ ମଧ୍ୟ ପଡ଼ୋଶୀ ରାଜ୍ୟରୁ ଆଳୁ ପହଞ୍ଚିଛି। ତେଣୁ ଆଜିକାଲି ଭିତରେ ଦର ଆହୁରି ଖସିବ ବୋଲି ବ୍ୟବସାୟୀ ଆଶା ରଖିଛନ୍ତି। ସେପଟେ ମନ୍ତବ୍ୟକୁ ଦୋହରାଇ ୩୨ ଟଙ୍କାରେ ଆଳୁ ବିକ୍ରି କରୁ ନଥିବା ବ୍ୟବସାୟୀଙ୍କ ଠାରୁ ଜରିମାନା ଆଦାୟ କରାଯିବ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଏଥିସହ ସେ ଆଶ୍ୱସନା ଦେଇ କହିଛନ୍ତି ଯେ ଏବେ ରାଜ୍ୟକୁ ଆଳୁ ଆସିବାରେ ଲାଗିଛି। ଖୁବଶୀଘ୍ର ସବୁ କିଛି ସ୍ୱାଭାବିକ ହୋଇଯିବ। ରାଜ୍ୟରେ ଆଳୁ ସ୍ଥିତିକୁ ନେଇ ଗତକାଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ କଥା କହିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏପରି କି ଉଭୟ ରାଜ୍ୟର ପ୍ରଶାସନିକ ସ୍ତରରେ ମଧ୍ୟ କଥାବାର୍ତ୍ତା ଚାଲିଛି। ତେଣୁ ଆଳୁର କୃତ୍ରିମ ଅଭାବ ସ୍ଥିତି କେବେ ଦୂର ହେଉଛି, ତାକୁ ସମସ୍ତେ ଅପେକ୍ଷା କରିଛନ୍ତି।

### ବିଜେପି ଶାସିତ ରାଜ୍ୟର...

ନିଜ ନିଜ ରାଜ୍ୟରେ ଶତ ପ୍ରତିଶତ ଫଳପ୍ରଦ କରିବା ସହିତ ଲକ୍ଷ୍ୟ ହାସଲ କରିବା ପାଇଁ ମିଶନ ମୋଡରେ କାମ କରିବାକୁ ମୁଖ୍ୟମନ୍ତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ବ୍ୟତୀତ ରାଜ୍ୟ ସରକାର ସେମାନଙ୍କ କାର୍ଯ୍ୟରେ କେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ? କେନ୍ଦ୍ର କିପରି ସାହାଯ୍ୟ କରିପାରିବ ? ଏହା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ ପ୍ରଧାନମନ୍ତ୍ରୀ।

### ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ....

ରତ୍ନଭଣ୍ଡାର ଚାବି ହଜିବା ଘଟଣା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବଡ଼ ବୟାନ ଦେଇଛନ୍ତି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ତ୍ରୀ କହିଛନ୍ତି, ଚାବି ପ୍ରହେଳିକା ଗତ ସରକାର ବାବୁମାନେ କରିଥିଲେ। ପ୍ରହେଳିକା କରି ରତ୍ନଭଣ୍ଡାର ନ ଖୋଲିବାକୁ ଷଡ଼ଯନ୍ତ୍ର ହୋଇଥିଲା। କିନ୍ତୁ କିଏ ଦାୟୀ, ତାହା ଏଯାଏ ଜଣାପଡ଼ିନାହିଁ । ଏବେ ଏହି ଷଡ଼ଯନ୍ତ୍ରର ଖୁଲାସା ହେବ ଏବଂ ଯେଉଁମାନେ ଚଞ୍ଚକତା କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ।

### ୨୦ଟି ଗେଟ୍ ଦେଇ...

ସ୍ଲୁଇସ ଗେଟ୍ ଖୋଲା ଯାଇଥିଲା। ପରେ ଆଉ ୬ଟି ଗେଟ୍ ଖୋଲା ଯାଇଥିଲା। ଦିନ ସାଢ଼େ ୧୨ଟା ବେଳକୁ ଆଉ ୭ଟି ଗେଟ୍ ଖୋଲାଯାଇଥିଲା। ଏହା ପରେ ଅପରାହ୍ନ ୨ଟା ପରେ ୬ଟି ଗେଟ୍ ଖୋଲା ଯାଇଥିଲା। ହୀରାକୁଦ ଜଳଭଣ୍ଡାରରୁ ପାଣି ନିଷ୍କାସିତ ହୋଇଥିବାରୁ ମହାନଦୀ ଅବବାହିକାର ତଳମୁଣ୍ଡରେ ଥିବା ଜିଲ୍ଲାଗୁଡ଼ିକୁ ସତର୍କ କରାଯାଇଛି। ସେସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଆଲର୍ଟ କରିଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର। ମହାନଦୀକୁ ନଯିବାକୁ ଲୋକଙ୍କୁ କୁହାଯାଇଛି। ତା'ସହିତ ଗୋରୁଗାଈ ଆଦି ଗୃହପାଳିତ ଜୀବଙ୍କୁ ନଦୀ ପାଖକୁ ନଛାଡ଼ିବାକୁ ଲୋକଙ୍କୁ କୁହାଯାଇଛି। ଏନେଇ ଲୋକଙ୍କୁ ସଚେତନ କରିବା ପାଇଁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ମହାନଦୀ ଅବବାହିକାରେ ଥିବା ସମ୍ବଲପୁର, ସୋନପୁର, ନୟାଗଡ଼, ପୁରୀ, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସ୍ଥିତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏସଆରସି। ୩୦ ତାରିଖରେ ଦିନ ୧୧ଟାରେ ବେଳକୁ କଟକ ମୁଣ୍ଡଳୀରେ ପ୍ରାୟ ୫ ଲକ୍ଷ କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହୋଇପାରେ।

### ଓଡ଼ିଆ ଭାଷାରେ ନଥିପତ୍ର...

ଭାଷାରେ ନଥିପତ୍ର ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହେବାରେ ଲାଗିଛି । ମିଳିଥିବା ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ନିକୁଞ୍ଜ ବିହାରୀ ଧଳ ଗତ ୨୫ତାରିଖରେ ସମସ୍ତ ବିଭାଗର ସଚିବଙ୍କୁ ଚିଠି ଲେଖି କହିଛନ୍ତି ଯେ, ଓଡ଼ିଆ ଭାଷାରେ ବିଭାଗର ନଥିପତ୍ର କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସରକାରୀସ୍ତରରେ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାରକୁ ସହଜ, ସରଳ ଓ ସୁଗମ କରିବା ପାଇଁ ଉପଯୁକ୍ତ ଜ୍ଞାନକୌଶଳ ପ୍ରୟୋଗ ନିମନ୍ତେ ବ୍ୟବସ୍ଥା କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ କହିଥିଲେ। ତେଣୁ ବିଭାଗ କି ପଦକ୍ଷେପ ନେଇଛି ତାହା ୨୯ତାରିଖ ସୁଦ୍ଧା ଜଣାଇବାକୁ ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ଦେଇଛି । ଏପଟେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ତାଗିଦ୍ ପରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଏବଂ ଜଳସମ୍ପଦ ବିଭାଗ ପକ୍ଷରୁ ବିଧିବଦ୍ଧ ନିର୍ଦ୍ଦେଶନାମା ଜାରି ହୋଇଛି । ବର୍ତ୍ତମାନର ରାଜ୍ୟ ସରକାର ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ପ୍ରୟୋଗ ଉପରେ ପ୍ରାଧାନ୍ୟ ଦେଉଥିବାରୁ ଅନୁଷ୍ଠାନର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ବର୍ତ୍ତମାନଠାରୁ ସମସ୍ତ ନଥିକାର୍ଯ୍ୟ ଯଥା ଟିପ୍ପଣୀ, ଆଦେଶ,ବିଜ୍ଞପ୍ତି, ଚିଠି, ସଭା ବିବରଣୀ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ ସମ୍ପାଦନ କରିବାକୁ ଜଣାଇ ଦିଆଗଲା ବୋଲି 'କାର୍ଯ୍ୟାଳୟ ଆଦେଶ'ରେ ଉଲ୍ଲେଖ ରହିଛି ।

# ନନ୍ଦୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ନୂତନ କାର୍ଯ୍ୟାଳୟର ଶିଳାନ୍ୟାସ



ଖଇରା, ୨୮/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନନ୍ଦୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନୂତନ ଗୃହର ଭିତ୍ତିପ୍ରସ୍ତର ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା ସ୍ଥାପନ କରାଯାଇଛି। ପ୍ରଥମେ ବିଧାୟକଙ୍କୁ ଏକ ଶୋଭାଯାତ୍ରାରେ ଓଝାପୋଖରୀ ଛକରୁ ଗୃହ ନିର୍ମାଣ ସ୍ଥଳକୁ ନିଆଯାଇଥିଲା। ପରେ ୫ଶହରୁ ଉର୍ଦ୍ଧ ଜନସାଧାରଣଙ୍କ ଉପସ୍ଥିତିରେ ବିଧାୟକ ଭୂମିପୂଜା କରିଥିଲେ । ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଯୁବନେତା ନିଳମାଧବ ପଣ୍ଡା, ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା କୋଷାଧକ୍ଷ ଇଂ ରାଜେଶ ମହାକୁଡ,ରାଜ୍ୟ ଓବିସି ମୋର୍ଚ୍ଚା ସଭ୍ୟ ଅଜୟ କୁମାର ବେହେରା,ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ସେଠୀ,ସହକାରୀ ଯନ୍ତ୍ରୀ ମନୋରଞ୍ଜନ ବେହେରା,ବିଦ୍ୟାଧର ଦଳେଇ, ପତିତପାବନ କର, ମହେଶ୍ୱର ନାଥ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଯୁବନେତା ବୈକୁଣ୍ଠ ସାମଲ, ମହେନ୍ଦ୍ର ନାୟକ, ତ୍ରୟଲୋକ୍ୟ ଓଝା, ବିଶ୍ୱନାଥ ଓଝା, ଅନନ୍ତ ସେଠୀ, ଠିକାଦାର ବିଜୟ ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ନନ୍ଦୁର ପଞ୍ଚାୟତର ୱାର୍ଡସଭ୍ୟ ଓ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

## ଦେଶି ମଦ ଚାଲାଣ ବେଳେ ଚଢ଼ଉ: ଦୁଇ ଗିରଫ

ଜୟପୁର, ୨୮/୭ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଚଢଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ବଦଲିଗୁଡା ଡମୁଣି ଗାଦବା ଓ ମାହାଲିଆପୁଟ ଧନୁଯ୍ୟୟ ରଣା । ଅବକାରି ଥାନା ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ହେଉଥିବା ସୂଚନା ପାଇ ବଦଳିଗୁଡା ଓ ମାହାଲିଆପୁଟ ଗ୍ରାମର ରାସ୍ତାରେ ଚଢଉ ହୋଇଥିଲା । ଚଢଉ କରି ୧୭ ଲିଟର ଦେଶି ମଦ ଜବତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ନିଳାଦ୍ରି ବାହାରି ମିଶ୍ର ସୂଚନା ଦେଇଛନ୍ତି ।

# ଚିକିତ୍ସାଧିକାରୀ ନାହାନ୍ତି କନ୍ଧମାଳ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ: ୫୩୮ ପଦବୀ ମଧ୍ୟରୁ ୩୩୮ ଖାଲି

କନ୍ଧମାଳ, ୨୮/୭ (ନି.ପ୍ର): ସମଗ୍ର କନ୍ଧମାଳ ଜିଲ୍ଲାରେ ଏବେ ଡାକ୍ତର ମରୁଡି । ଜିଲ୍ଲା ପାଇଁ ମୋଟ ୫୩୮ଟି ଡାକ୍ତର ପଦବୀ ମଞ୍ଜୁରୀ ପ୍ରାପ୍ତ ହୋଇଥିବାବେଳେ ବର୍ତ୍ତମାନ ୧୯୦ ଜଣ କାର୍ଯ୍ୟରତ ଅଛନ୍ତି ଓ ୩୩୮ଟି ପଦବୀ ଖାଲି ପଡ଼ିଛି। ବିଶେଷ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଓ ଗୋଷ୍ଠୀ ଚିକିତ୍ସାଳୟ ଗୁଡିକରେ ଶତାଧିକ ବିଶେଷଜ୍ଞ ଓ ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ପରିଚାଳନା ଗତ ତୃଟି ଦେଖାଦେଉଛି। ଏହା ବିଭାଗୀୟ ଅଧିକାରୀମାନଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତ୍ୟହ ଦେଢ ହଜାର ରୋଗୀ ଚିକିତ୍ସା ପାଇଁ ଆସୁଥିବାରୁ ଆବଶ୍ୟକ ବିଶେଷଜ୍ଞ, ଡାକ୍ତର ଓ ଶଯ୍ୟା ଅଭାବ କାରଣରୁ ସେମାନେ ବ୍ରହ୍ମପୁର, ଭୁବନେଶ୍ୱର ଓ କଟକର ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି । ମୁଖ୍ୟ ଚିକିତ୍ସାଳୟରେ ବର୍ତ୍ତମାନ ୩୩୬ ଟି ମାତ୍ର ଶଯ୍ୟା ରହିଥିବାବେଳେ ଏହାକୁ ୪୧୦କୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରହିଛି। ତେବେ ଓର୍ଥୋପେଡିକ ୱାର୍ଡ ନାହିଁ। ଏଠାରେ ଏମଆରଆଇ କିମ୍ବା ଏଣ୍ଡୋସ୍କୋପି ବ୍ୟବସ୍ଥା ମଧ୍ୟ ନାହିଁ। କେବଳ ସ୍ତ୍ରୀ ଓ ପ୍ରସୂତି ବିଭାଗ ପାଇଁ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା ରହିଛି କିନ୍ତୁ ଅନ୍ୟ ରୋଗୀମାନଙ୍କ ପାଇଁ ନାହିଁ। ମୁଖ୍ୟ ଚିକିତ୍ସାଳୟରେ ଭେଷଜ, ଅସ୍ଥିଶଲ୍ୟ, କର୍ଣ୍ଣ ନାସା ଗଳା, ରେଡିଓଲୋଜି, ଶିଶୁ ବିଭାଗରେ କୌଣସି ବିଶେଷଜ୍ଞ ନାହାନ୍ତି। ସୂଚନା ମୁତାବକ, ଫୁଲବାଣୀ ସଦରମହକୁମାରେ ଆସନ୍ତା ବର୍ଷ ମେଡିକାଲ କଲେଜ ଖୋଲିବାକୁ ଯାଉଛି ଓ ପ୍ରାଥମିକ ପର୍ଯ୍ୟାୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଡାକ୍ତରୀ ଛାତ୍ର ମାନଙ୍କର ସମସ୍ତ ପ୍ରାକ୍ଟିକାଲ କରାଯିବ । ଏପରି ନାହିଁ ନାହିଁରେ ଚାଲୁଥିବା ମେଡିକାଲରେ କିପରି ଏମବିବିଏସ ଛାତ୍ର ଛାତ୍ରୀ ମାନେ ପ୍ରାକ୍ଟିକାଲ କରିବେ ତାହା ଏକ ସନ୍ଦେହଜନକ ବ୍ୟାପାର । କନ୍ଧମାଳ ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଭାବେ ପରିଚିତ। ଜିଲ୍ଲାର ଲୋକସଂଖ୍ୟା ୮ଲକ୍ଷରୁ ଉର୍ଦ୍ଧ ହେବ। ସେଥି ମଧ୍ୟରୁ ତଫସିଲଭୁକ୍ତ ଜାତି ଉପଜାତି ଲୋକଙ୍କ ସଂଖ୍ୟା ସର୍ବାଧିକ। ସେମାନଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ଜିଲ୍ଲାରେ ମୁଖ୍ୟ ଚିକିତ୍ସାଳୟ, ବାଲିଗୁଡ଼ାରେ ଉପଖଣ୍ଡ ଚିକିତ୍ସାଳୟ, ୧୪ଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ସବୁ ବ୍ଲକ୍ ରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଆଦି ପ୍ରତିଷ୍ଠା ହୋଇଛି। କିନ୍ତୁ ରାଜ୍ୟ ସରକାର ଡାକ୍ତର ନିଯୁକ୍ତିରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସବୁ ବିଭାଗରେ ଜଣେ ବିଶେଷଜ୍ଞଙ୍କ ସମେତ ୧୩୪ ଜଣ ଡ଼ାକ୍ତର ନିଯୁକ୍ତି ପାଇବା କଥା । କିନ୍ତୁ, ବର୍ତ୍ତମାନ ମାତ୍ର ୪୦ରୁ କମ୍ ଅଛନ୍ତି। ସେଥିରେ ପୁଣି ୬ଟି ବିଭାଗରେ ଆଦୌ ବିଶେଷଜ୍ଞ ନାହାନ୍ତି। ଯେଉଁ ମାନେ ଅଛନ୍ତି କେବଳ କାମଚଳା। ବିଶେଷ କରି ଭେଷଜ, ଅସ୍ଥିଶଲ୍ୟ, କର୍ଣ୍ଣ, ନାସା, ଗଳା, ରେଡିଓଲୋଜି ଓ ଶିଶୁରୋଗ ବିଶେଷଜ୍ଞ ଅନ୍ତର୍ଭୁକ୍ତ। ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ୫୪ ଜଣ ଡ଼ାକ୍ତର ନିଯୁକ୍ତି ପାଇବା କଥା । ବର୍ତ୍ତମାନ ମାତ୍ର ୭ ଜଣ ଡ଼ାକ୍ତରରେ କାମ ଚଳୁଛି। ସରକାରୀ ନିୟମ ପ୍ରକାରେ ଏଠାରେ ୧୦ ଜଣ ବିଶେଷଜ୍ଞ ରହିବା କଥା । କିନ୍ତୁ, ଜଣେ ଦୁଇ ଜଣରେ କାମ ଚାଲିଛି। ଏହି ଚିକିତ୍ସାଳୟ ଉପରେ କ ନୂଆଗାଁ, ବାଲିଗୁଡ଼ା, କୋଟଗଡ଼, ତୁମୁଡ଼ିବନ୍ଧ, ଦାରିଙ୍ଗିବାଡି ଓ ରାଇକିଆ ବ୍ଲକ୍ ର ଅଧିବାସୀ ନିର୍ଭର କରୁଛନ୍ତି। ସେହିପରି ଗୁମାଗଡ, ଘୁ ଉଦୟଗିରି, ବାରଖମା, ଦାରିଙ୍ଗବାଡି, ଖଜୁରୀପଡ଼ା, ସୁବର୍ଣଗିରି, ଗ୍ରେଶିଙ୍ଗିଆ, ରାଇକିଆ, ବ୍ରାହ୍ମଣପାଦ, ଫିରିଙ୍ଗିଆ, ଟିକାବାଲି ଆଦି ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ବିଶେଷଜ୍ଞ ରହିବା କଥା । ଗ୍ରାମାଚଂଳରେ ବିଶେଷଜ୍ଞ କିମ୍ବା ଡ଼ାକ୍ତର ରହୁ ନଥିବାରୁ ମୁଖ୍ୟ ଚିକିତ୍ସାଳୟ ଉପରେ ଅଧିକ ଚାପ ପଡୁଛି। ଏଣେ ଏହି ଚିକିତ୍ସାଳୟରେ ବିଶେଷଜ୍ଞ, ଡାକ୍ତର ଓ ଶଯ୍ୟାର ଘୋର ଅଭାବ ରହିଛି। ମୁଖ୍ୟ ଚିକିତ୍ସାଳୟରେ ମାତ୍ର ୩୩୬ଟି ଶଯ୍ୟା ରହିଛି। ଶଯ୍ୟା ଅଭାବରୁ ରୋଗୀମାନେ ଚଟାଣରେ ଶୋଇବାକୁ ବାଧ ହେଉଛନ୍ତି। କେତେକ ଡାକ୍ତରଙ୍କ ୫ ବର୍ଷ ପୂର୍ତ୍ତି ହୋଇଥିବାରୁ ଆଉ ସେମାନଙ୍କ କାମରେ ମନ ନାହିଁ। ମୁଖ୍ୟ ଚିସାଧିକାରୀଙ୍କ ରାଉଲକେଲା ବଦଳି ହୋଇଥିବାରୁ ସେ ଗୋଡ଼ ଟେକି ବସିଛନ୍ତି। ଏପଟେ ଫୁଲବାଣୀରେ ମେଡ଼ିକାଲ କଲେଜ ଖୋଲିବାକୁ ଯାଉଥିବାରୁ ରାଜ୍ୟ ସରକାରଙ୍କ ଉଚ୍ଚ ପଦସ୍ଥ ଅଧିକାରୀ ଘନ ଘନ ଜିଲ୍ଲା ଗସ୍ତ କରୁଥିବା ଦେଖିବାକୁ ମିଳୁଛି। କିନ୍ତୁ, ଜିଲାର ସ୍ୱାସ୍ଥ୍ୟ ସମସ୍ୟା କେହି ବୁଝୁ ନାହାନ୍ତି।

# ପ୍ରେସ-ଇମ୍ପ୍ରେସ ମିଡିଆ କ୍ଲବର ବାର୍ଷିକ ଉତ୍ସବ

## 'ସାମ୍ବାଦିକଙ୍କ ନିଷ୍ଠାପୂର୍ଣ୍ଣ କାର୍ଯ୍ୟ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନରେ ସହାୟକ ହୋଇଛି'




ବାଲେଶ୍ୱର, ୨୮/୭ (ନି.ପ୍ର): ବାଲେଶ୍ୱର ପ୍ରେସ-ଇମ୍ପ୍ରେସ ମିଡିଆ କ୍ଲବର ବାର୍ଷିକ ଉତ୍ସବ ସ୍ଥାନୀୟ ଭେନ୍ୟା ପାରାଡାଇଜ୍ କଲ୍ୟାଣମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଶାସକଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ 'ଶିଳ୍ପ ମାନ୍ୟତା ପରେ ଗଣମାଧ୍ୟମର ସାମ୍ପ୍ରତିକ ସ୍ଥିତି' ଶୀର୍ଷକ ଉପରେ ଆଲୋଚନା କରିଥିଲେ। ଭାରତୀୟ ସମ୍ବିଧାନର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ ଗଣମାଧ୍ୟମର ପ୍ରତିନିଧି ତଥା ସାମ୍ବାଦିକଙ୍କ ନିଷ୍ଠାପୂର୍ଣ୍ଣ କାର୍ଯ୍ୟ ହିଁ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନରେ ସହାୟକ ହୋଇପାରୁଛି ବୋଲି କହିଥିଲେ। ତେବେ ବର୍ତ୍ତମାନର ରାଜ୍ୟ ସରକାର ସାମ୍ବାଦିକଙ୍କ ସାମାଜିକ ସୁରକ୍ଷା ବାବଦରେ ଚିନ୍ତା କରୁଥିବାବେଳେ ଆଗାମୀ ଦିନରେ ଉଚିତ ପଦକ୍ଷେପ ନେବେ ବୋଲି ଶ୍ରୀ ଦାସ ଆଶା ପ୍ରକାଶ କରିଥିଲେ। 'ସମାଜ' ଉତ୍ତର ଓଡ଼ିଶା ସଂସ୍କରଣ ବ୍ୟୁରୋ ମୁଖ୍ୟ ଅନୁପମ ପ୍ରହରାଜ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦେଶ ତଥା ରାଜ୍ୟର ସାମ୍ପ୍ରତିକ ଗଣମାଧ୍ୟମର ସ୍ଥିତି ଓ ସମ୍ଭାବ୍ୟ ଭବିଷ୍ୟତ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପାଠକ ତଥା ଦର୍ଶକଙ୍କ ସଂଖ୍ୟାବୃଦ୍ଧି ହେଲେ ଉଭୟ ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମକୁ ଆଉ ସରକାରୀ ବିଜ୍ଞାପନ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଉଭୟ ମିଡିଆ ହାଉସ ଓ ସାମ୍ବାଦିକ ଆର୍ଥିକ ସ୍ୱଚ୍ଛଳ ହେଲେ ସତ୍ୟ ଏବଂ ନିରପେକ୍ଷ ସମ୍ବାଦ ପ୍ରକାଶ ତଥା ପ୍ରସାରଣରେ ସମସ୍ୟା ରହିବ ନାହିଁ। ତେବେ ଶିଳ୍ପର ମାନ୍ୟତା ପାଇଥିବା ଭାରତୀୟ ଗଣମାଧ୍ୟମ ଏବେ ମଧ୍ୟ ମୌଳିକ ଆଦର୍ଶରୁ ଦୂରେଇ ନାହିଁ ବୋଲି ଶ୍ରୀ ପ୍ରହରାଜ ମତ ପ୍ରକାଶ କରିଥିଲେ। ସଦର ବିଧାୟକ ମାନସ କୁମାର ଦତ୍ତ, ବ୍ରିଟ୍ ଅଧକ୍ଷ ଆଲୋକ କୁମାର ସାହୁ, ଜନପ୍ରିୟ ଖବରକାଗଜର ସମ୍ପାଦକ ତଥା ବିଶିଷ୍ଟ ସଂଗଠକ ନରେନ୍ଦ୍ର ବିହାରୀ ଦାସ, ସମାଜସେବୀ ଏସ ଗୀତାଞ୍ଜଳି ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସତ୍ୟ ଓ ନିରପେକ୍ଷ ସମ୍ବାଦ ପ୍ରକାଶ ଗଣମାଧ୍ୟମକୁ ସ୍ୱତନ୍ତ୍ର ପରିଚୟ ଦେଇଥାଏ ବୋଲି କହିଥିଲେ। ଅନ୍ୟପକ୍ଷରେ ସାମ୍ବାଦିକଙ୍କ ସାମାଜିକ ସୁରକ୍ଷାକୁ ଉଭୟ ଗଣମାଧ୍ୟମ ସଂସ୍ଥା ଏବଂ ସରକାର ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତ ଦେଇଥିଲେ। ସମ୍ମାନିତ ବକ୍ତା ବରିଷ୍ଠ ସାମ୍ବାଦିକ ତଥା କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ, 'ସେଇଠୁ ଆରମ୍ଭ'ର ସମ୍ପାଦକ ଶୁଭେନ୍ଦୁ ଦାସ, 'ନୂତନ ବାର୍ତ୍ତା'ର ସମ୍ପାଦକ ବିଭୂପଦ ଦାସ, କବି ଡ. କାଳୀପଦ ପଣ୍ଡା, ଆଇନଜୀବୀ ମନୋଜ କୁମାର ନାୟକ ପ୍ରମୁଖ ସାମ୍ପ୍ରତିକ ସ୍ଥିତିରେ ସାମ୍ବାଦିକ ତଥା ଗଣମାଧ୍ୟମ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ଏହାର ସ୍ଥାୟୀ ସମାଧାନ ବାବଦରେ ମତାମତ ରଖିଥିଲେ। ସଂଗଠନର ବରିଷ୍ଠ ସଦସ୍ୟ ପଦ୍ମଲୋଚନ ଦତ୍ତ ତାଙ୍କର ସଦ୍ୟ ପ୍ରକାଶିତ ୩ ପୁସ୍ତକ ମଞ୍ଚାସୀନ ଅତିଥିଙ୍କୁ ଏହି ଅବସରରେ ପ୍ରଦାନ କରିଥିଲେ। ପ୍ରେସ-ଇମ୍ପ୍ରେସ ମିଡିଆ କ୍ଲବର ସଭାପତି 'ଜନପ୍ରିୟ' ଖବରକାଗଜର ମୁଖ୍ୟ ସମ୍ପାଦକ ଉଜ୍ଜଳ ଚନ୍ଦ୍ର କର ଏହି ଉତ୍ସବରେ ସଭାପତିତ୍ୱ କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ। ଉପ-ସଭାପତି ସନ୍ଦୀପ୍ତ ଦାସ ବିବରଣୀ ଉପସ୍ଥାପନ ସହ କ୍ଲବର ବହୁମୁଖୀ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ଅଭୟ ଦାସ କାର୍ଯ୍ୟକ୍ରମ ସଂଯୋଜନା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବାସୁଦେବ ରାଉଳ, ସୁଶାନ୍ତ କୁମାର ଦାସ, ଗୟାଧର କର, ଅଜିମ ବାଲେଶ୍ୱରୀ, ଶେଖ ନଜିମ, ରତିକାନ୍ତ ଦତ୍ତ, ଅରୂପ ନାରାୟଣ ମହାନ୍ତି, ଧୀରେନ୍ଦ୍ର ନାୟକ, ଉମାକାନ୍ତ ରାଉତ, ବିଶ୍ୱଜିତ୍ ପ୍ରଧାନ ତରୁଣ କୁମାର କର, କରୁଣାକର ଭୂୟାଁ, ପ୍ରଭାକର ଦାସ ପ୍ରମୁଖଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉତ୍ସବ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

ସୋମବାର, ୨୯ ଜୁଲାଇ ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତୁଳସୀଚୌରା ବାରିପଦାରେ ବିଦ୍ୟାଳୟସ୍ତରୀୟ ଜ୍ଞାନ - ବିଜ୍ଞାନମେଳା

ବାରିପଦା , ୨୮/୭ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୁଳସୀଚୌରା ବାରିପଦାରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି । ପରିଚାଳନା ସମିତି ସଭାପତି ଶ୍ରୀଯୁକ୍ତ ଗଙ୍ଗାଧର ବେହେରାଙ୍କ ପୌରହିତ୍ୟରେ ଉଦଘାଟନୀ ସମାରୋହର ମୁଖ୍ୟ ଅତିଥି ଜିଲ୍ଲା ବିଜ୍ଞାନ ପରିଦର୍ଶକ ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ବର୍ତ୍ତମାନ ସମୟରେ ବିଜ୍ଞାନର ଉପଯୋଗିତା ଓ ଜଳବାୟୁ ପରିବର୍ତ୍ତନରେ ବିଜ୍ଞାନର ଭୂମିକା ବିଷୟରେ ଆଲୋକପାତ କରିଥିଲେ ।ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ସୁଧୀର କୁମାର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉଦଯାପନୀ ଉତ୍ସବରେ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିର ବୈଷୟିକ ଅଧିକାରୀ, ପି.ଏକ୍ସ.ଇ.ଶ୍ରୀଯୁକ୍ତ ଲୀଳାମ୍ବର ମହାନ୍ତ ଯୋଗଦେଇ କୁନି କୁନି ବୈଜ୍ଞାନିକ ମାନଙ୍କୁ ପ୍ରୋତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ୧୬ ଟି ବିଭାଗରେ ମୋଟ ୨୭୭ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ବିଜ୍ଞାନୀମାନଙ୍କୁ ପରିଚାଳନା ସମିତି ସମ୍ପାଦକ ଶ୍ରୀଯୁକ୍ତ ଶୁଭେନ୍ଦୁ କୁମାର ପାଲ ପୁରସ୍କାର ପ୍ରଦାନ କରିଥିଲେ । ଗୁରୁଜୀ ପ୍ରଭାତ କୁମାର ସାହୁ ଧନ୍ୟବାଦ ଅର୍ପଣ



କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା ତଥା ସେବକ, ସେବିକାମାନଙ୍କ ସହଯୋଗରେ ଜ୍ଞାନ - ବିଜ୍ଞାନ ମେଳା ସାମଗ୍ରୀକ ଭାବେ ସଫଳ ହୋଇପାରିଥିଲା ।

# ଆଳୁ ଟ୍ରକ ଉପରେ ପଶ୍ଚିମବଂଗ ପୁଲିସ୍‌ର ଜୁଲମ ଜାରି

## ଫାଇନ୍ ଆଳରେ ବ୍ୟାପକ ଅର୍ଥ ଆଦାୟ : ଜଳେଶ୍ୱରରେ ଆଳୁ ଗୋଦାମ ଉପରେ ଚଢାଉ

ଜଳେଶ୍ୱର , ୨୮/୭ (ନି.ପ୍ର): ପଶ୍ଚିମବଂଗରୁ ଓଡିଶାକୁ ଆଳୁ ଯୋଗାଣ ହୋଇପାରିନାହିଁ । ଉପାନ୍ତ ଅଂଚଳରେ ଥିବା ପଶ୍ଚିମବଂଗ ଥାନା ଅଂଚଳରେ ବ୍ୟାପକ ଚଢାଉ ଜାରି ରହିଛି । ଆଳୁ ଆସୁଥିବା ଟ୍ରକ, ଡ୍ରାଇଭର, ଶ୍ରମିକ ମାନଙ୍କୁ ପୁଲିସ୍ ଧମକ୍‌ଚମକ୍ ଦେଇ ଫେରାଇ ଦେଉଛି । ବହୁ ଟ୍ରକ ଠାରୁ ଯୋର ଜବରଦସ୍ତ ପଶ୍ଚିମବଂଗ ପୁଲିସ୍ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଥିବା ଅଭିଯୋଗ କରିଛି । ଅନ୍ୟପଟେ ଯୋଗାଣ ବିଭାଗ ପକ୍ଷରୁ ଆଜି ଜଳେଶ୍ୱରରେ କେତେକ ଗୋଦାମ ଉପରେ ଚଢାଉ ହୋଇଛି । କିନ୍ତୁ ଆଳୁର ମୂଲ୍ୟ ପୂର୍ବବତ୍ ରହିଥିବାରୁ ଅସନ୍ତୋଷ ଓ ଉତ୍ତେଜନା ଲାଗି ରହିଛି । ଗତ ୨୦ ତାରିଖରୁ ଓଡିଶାକୁ ପଶ୍ଚିମବଂଗରୁ ଆଳୁ ଆସିବା ବନ୍ଦ ହୋଇଛି । ଫଳରେ ଆଳୁ ମୂଲ୍ୟ ୩୦ଟଙ୍କାରୁ ୫୦ଟଙ୍କାକୁ ବୃଦ୍ଧି ପାଇଛି । ଆଜି ସକାଳେ ମଧ୍ୟ ସୁନାକଣିଆ, ମାଟିବିରୁଆଁ, ମୋହନପୁର, ଦାନ୍ତୁନ, ନାରାୟଣଗଡ, ମକରମପୁର, ଏଗ୍ରା, କାନ୍ଥି, ଚିରକୁଣ୍ଡା, ପୁରୁଲିଆ ଇତ୍ୟାଦି ଥାନା ଅଂଚଳରୁ ଆଳୁଗାଡିକୁ ପୁଲିସ୍ ଜବରଦସ୍ତ ଫେରାଇଥିବା ଖବର ମିଳିଛି । ଓଡିଶାରୁ ପଶ୍ଚିମବଂଗକୁ ଯାଇଥିବା ଟ୍ରକ ଡ୍ରାଇଭର ଓ କର୍ମଚାରୀମାନେ ଯୁକ୍ତିତର୍କ କରିବାରୁ ସେମାନଙ୍କ ଠାରୁ ଜବରଦସ୍ତ ଫାଇନ୍ ଆଦାୟ ହୋଇଥିବା ଜଳେଶ୍ୱରର ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ବେହେରା, ଅଭିଳାସ ପାତ୍ର, ରବିନାରାୟଣ ମିଶ୍ର, ମହେନ୍ଦ୍ର ପ୍ରଧାନ, ବଂଶୀଧର ଘୋଷ ପ୍ରମୁଖ ଅଭିଯୋଗ କରିଛନ୍ତି । ଟ୍ରକରୁ ଅନ୍‌ଲୋଡ କରି ପିକ୍‌ଅପ୍‌ରେ ଆଳୁ ବୋଝେଇ କରି ଆଣୁଥିବା ବେଳେ ପ୍ରତି ଗାଡି ପିଛା ୫୪ହଜାର ଟଙ୍କା ଲେଖାଏଁ ଜୋରିମାନା ଆଦାୟ କରିଥିଲେ ମଧ୍ୟ ରସିଦ୍ ଦେଇନଥିଲେ । ସେହିପରି ଦାନ୍ତୁନ ଥାନାରେ ଏହି ଟଙ୍କା ଆଦାୟ ବେଳେ ସି.ସି. କେମେରାରେ କଏଦ ହୋଇଥିବା ସେମାନେ କହିଛନ୍ତି । ଏ ସଂପର୍କରେ ପଶ୍ଚିମବଂଗ ଆଳୁ ବ୍ୟବସାୟୀ ସଂଘର ଚନ୍ଦ୍ରକଣା ଟାଉନ୍ ମୁଖ୍ୟ ଅନ୍ୟଜଣେ ମୁଖ୍ୟ ଦୁଲାଲ ଚରଣ ବାୟନ ଜାମଶୋଳା ତନଖି ଫାଟକଠାରେ ପାରିହେଉଥିବା ଆଳୁ ଟ୍ରକ୍‌ଠାରୁ ୩୦ହଜାର ଟଙ୍କା , ସୁନାକଣିଆ ଠାରେ ୩୫ହଜାର ଟଙ୍କା ନେଇ ପଶ୍ଚିମବଂଗ ପୁଲିସ୍ କେତେକ ଗାଡିକୁ ଓଡିଶାମୁହାଁ ଛାଡିଥିବା କହିଛନ୍ତି । ଏଭଳି ପରିସ୍ଥିତି ଲାଗି ରହିଥିବା ବେଳେ ଜଳେଶ୍ୱରରେ ୫୦ଟଙ୍କାରେ ଆଳୁ ବିକ୍ରି ହୋଇଥିବା ଜଣାଯାଇଛି । ଆଜି ଦ୍ୱିପ୍ରହରରେ ଜଳେଶ୍ୱର ବଜାରରେ ଥିବା ଆଳୁ ଗୋଦାମ ଉପରେ ଯୋଗାଣ ବିଭାଗ ପକ୍ଷରୁ ଚଢାଉ ଆରମ୍ଭ ହୋଇଛି । ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ନିରୋଜ ରଂଜନ ଦାସ, ଜିଲା ସହକାରୀ ଯୋଗାଣ ଅଧିକାରୀ ହିମାଂଶୁ ସାହୁ ଓ ମାର୍କେଟିଂ ଇଣ୍ଟାଲିଜେନ୍ସ ବୁଦ୍ଧିରାମ ସୋରେନ, ଜଳେଶ୍ୱର ଯୋଗାଣ ନିରିକ୍ଷକ ଅବନ୍ତିକା ସାହୁ ପ୍ରମୁଖ ଜଳେଶ୍ୱରର ୩ଟି ଗୋଦାମ ଉପରେ ଚଢାଉ କରିଥିଲେ । ଗୋଦାମରେ ଜମାଥିବାରୁ ଯୋଗାଣ ବିଭାଗ ପକ୍ଷରୁ ସାମ୍ବାଦିକ ମାନଙ୍କୁ ସୂଚନା ଦିଆଯାଇଛି । ଆସନ୍ତାକାଲି ଜଳେଶ୍ୱରରେ ଯୋରଦାର ଚଢାଉ କରାଯିବା ସଂପର୍କରେ ମୁଖ୍ୟ ଯୋଗାଣ ଅଧିକାରୀ କହିଛନ୍ତି । ଆଳୁର ମୂଲ୍ୟ ୩୫ଟଙ୍କାରୁ ଅଧିକ ନ ହେବାପାଇଁ ତାଗିଦ୍ କରିଛନ୍ତି । ଏହା ଜଣାଯିବାପରେ ସାଧାରଣରେ ଆସ୍ୱସ୍ତି ପ୍ରକାଶ ପାଇଛି । ସୂଚନାଯୋଗ୍ୟ ମନ୍ତ୍ରୀଙ୍କ ତାଗିଦ୍ ସତ୍ତ୍ୱେ ରାଜ୍ୟର ବିଭିନ୍ନ ସହରରେ ଆଳୁର ମୂଲ୍ୟ ହ୍ରାସ ପାଉନଥିବା ବେଳେ ଜିଲା ଯୋଗାଣ ଅଧିକାରୀଙ୍କ ଏପରି ତାଗିଦ୍ କେତେ କାର୍ଯ୍ୟ କରୁଛି ତାହା ଦେଖିବାକୁ ବାକି ରହିଲା । ଆଳୁ ଦର କମିବା ନେଇ ରାଜ୍ୟ ରାଜନିତୀରେ ରୋଚକ ମୋଡ ନେବାକୁ ଥିବା ବେଳେ ଉଭୟ ବିଜେପି, ବିଜେଡି ମଧ୍ୟରେ ଛକାପଂଝା ଆରମ୍ଭ ହୋଇଛି ।

## ବାରିପଦାଠାରେ ବିଶ୍ୱ ହେପାଟାଇଟିସ ଦିବସ ପାଳନ

ବାରିପଦା, ୨୮/୭ (ନି.ପ୍ର): ମୟୂରଭଞ୍ଜ ସାଦର ମହକୁମା ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏ. ଏନ.ଏମ ପ୍ରଶିକ୍ଷଣ କକ୍ଷ୍ୟ ଠାରେ ରବିବାର ଦିନ ବିଶ୍ୱ ହେପାଟାଇଟିସ ଦିବସ ପାଳନ କରାଯାଇଛି। ମାନ୍ୟବର ବିଧାୟକ, ବାରିପଦା ଶ୍ରୀ ପ୍ରକାଶ ସୋରେନ ମୁଖ୍ୟ ଅତିଥି ଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ଅଭୟ କୁମାର ଦାଶ ଏହି ପାଳନୀୟ ଦିବସ ବୈଠକରେ ସଭାପତିତ୍ୱ କରିଥିଲେ। ନିଜ ବକ୍ତବ୍ୟରେ, ହେପାଟାଇଟିସ ରୋଗର ସଂକ୍ରାମକତା, ଭୟାବହତା, ଏବଂ ସଚେତନତା ବିଷୟରେ ମାନ୍ୟବର ବିଧାୟକ ଶ୍ରୀ ସୋରେନ କହିଥିଲେ ଏବଂ ଏହି ମାରାତ୍ମକ ରୋଗରୁ ରକ୍ଷା ପାଇବା ପାଇଁ ସମସ୍ତ ବୈଧାନିକାତା ଅବଲମ୍ବନ କରିବା ପାଇଁ ଉପଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ




ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ଦାଶ ହେପାଟାଇଟିସ ବି, ସି, ଡ଼ି ଏହି ତିନୋଟି ରୋଗ ସମ୍ପର୍କିତ ତଥ୍ୟ ଦେବା ସହିତ ଏହି ରୋଗ ହୋଇଥିଲେ କିପରି ରକ୍ଷା ପାଇହେବ ସେ ବିଷୟରେ କହିଥିଲେ ଓ ଭାରତ ସରକାରଙ୍କ ଲକ୍ଷ୍ୟ: ଦେଶ ୨୦୩୦ ସୁଦ୍ଧା ହେପାଟାଇଟିସ ମୁକ୍ତ କୁ ସଫଳ କରିବା ପାଇଁ ସମସ୍ତେ ଚେଷ୍ଟିତ ରହିବା ବୋଲି ଆହ୍ୱାନ ଦେଇଥିଲେ। ଉକ୍ତ ସାଧାରଣ ସଭାରେ ବିଶ୍ୱ ହେପାଟାଇଟିସ ଦିବସ ଉପଲକ୍ଷେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ ବୈଠକରେ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ଘାସିରାମ ମୁର୍ମୁ, ଜିଲ୍ଲା ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡଃ ସୌମ୍ୟ ରଞ୍ଜନ ନାୟକ, ଡଃ ଜ୍ଞାନେନ୍ଦ୍ର ମହାନ୍ତି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଗଣେଶ୍ୱର ମହାନ୍ତି, ଏ. ଏନ. ଏମ. ପ୍ରଶିକ୍ଷକ ଶ୍ରୀମତୀ ଅଞ୍ଜଳି ଶଙ୍କର, ସମସ୍ତ ଏ. ଏନ. ଏମ. ପ୍ରଶିକ୍ଷାର୍ଥୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇ ଥିଲେ।

## କାସିଆରୁ ଅଜଣା ଯୁବକର ମୃତଦେହ ଉଦ୍ଧାର

ଚମ୍ପୁଆ, ୨୮/୭ (ନି.ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ବଡ଼ବିଲ ଥାନା ସେରେଣ୍ଡା ପଂଚାୟତ ଅନ୍ତର୍ଗତ କାଶିଆ ତଳସାହି ନିକଟରୁ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର ହୋଇଛି। ରବିବାର ଅପରାହ୍ନ ଦିନ ଦୁଇଟା ସମୟରେ କାଶିଆ ତଳ ସାହି ନିକଟରେ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ସ୍ଥାନୀୟ କିଛି ବ୍ୟକ୍ତି ଦେଖିଥିଲେ। ପରେ ଏନେଇ ବଡବିଲ ପୋଲିସକୁ ସୂଚନା ଦିଆଯାଇଥିଲା। ଯୁବକଙ୍କ ମୁଣ୍ଡ ଏବଂ ମୁହଁରେ ଗଭୀର କ୍ଷତଚିହ୍ନ ରହିଥିବାବେଳେ ପ୍ରବଳ ରକ୍ତସ୍ରାବ ହୋଇଥିବା ଦେଖିବାକୁ ମିଳିଛି। ମୃତ ଶରୀର ନିକଟରେ ଏକ ସାଇକେଲ ମଧ ପଡ଼ି ରହିଛି। ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖିଲେ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ମୃତକଙ୍କ ସଠିକ୍ ପରିଚୟ ମିଳିନଥିବାବେଳେ ଖବର ପାଇ ବଡ଼ବିଲ ପୋଲିସ୍ ଘଟଣା ସ୍ଥଳରେ ପହଂଚି ମୃତଦେହକୁ ଜବତ କରିବା ସହ ସାଇଂଟିଫିକ୍ ଟିମ୍ ସହାୟତାରେ ଛାନଭିନ୍ ଆରମ୍ଭ କରିଛି।

## ଉଦଳା ରୋଟାରି କ୍ଲବ ତରଫରୁ ଅନ୍ନପୂର୍ଣ୍ଣା ଯୋଜନା ଓ ଜଳ ବିଶୋଧକ ମେସିନ ପ୍ରଦାନ




ଉଦଳା , ୨୮/୭ (ନି.ପ୍ର): ଉଦଳା ରୋଟାରି କ୍ଲବ ତରଫରୁ ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଠାରେ ଚଳିତ ଜୁଲାଇ ୨୭ ତାରିଖ ଶନିବାର ଦିନ ଏକ ଜଳ ବିଶୋଧକ ମେସିନ (ଏକ୍ୟାଗାର୍ଡ଼) ପ୍ରଦାନ କରାଯାଇଛି । ଏହାଦ୍ୱାରା ବିଦ୍ୟାଳୟର ଅନ୍ତେବାସୀ ଶୁଦ୍ଧ ଓ ନିର୍ମଳ ଜଳ ପାଇପାରିବେ । ଏହାକୁ କ୍ଲବର ସହପ୍ରାନ୍ତପାଳ ରୋଟାରିଆନ ନିରଂଜନ ମହାନ୍ତି ଉଦ୍‌ଘାଟନ କରି ଏଥିପାଇଁ ସହଯୋଗର ହାତ ବଢ଼ାଇଥିବା କ୍ଲବର ସମସ୍ତ ସଦସ୍ୟ/ ସଦସ୍ୟା ମାନଙ୍କୁ କୃତଜ୍ଞତା ଜଣାଇଥିଲେ । ପରେ କ୍ଲବର ପୂର୍ବତନ ସଭାପତି ରୋଟାରିଆନ ମନୋରଂଜନ ପାଢ଼ି ଓ ସହଧର୍ମିଣୀ ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷା ଜୟଶ୍ରୀ ଚୌଧୁରିଙ୍କ ନେତୃତ୍ୱରେ ଆୟୋଜିତ ଅନ୍ନପୂର୍ଣ୍ଣା ଯୋଜନାରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ସହିତ କ୍ଲବର ସମସ୍ତ ସଦସ୍ୟ / ସଦସ୍ୟା ଓ ଶିକ୍ଷାକେନ୍ଦ୍ରର ଶିକ୍ଷକ/ଶିକ୍ଷୟିତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ । ଏହାପରେ କ୍ଲବର ସଭାପତି ରୋଟାରିଆନ ପ୍ରହ୍ଲାଦ ଦାସଙ୍କ ଅଧକ୍ଷତାରେ ବିଦ୍ୟାଳୟ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବାଲେଶ୍ୱର ରୋଟାରି କ୍ଲବର ବିଭିନ୍ନ ପଦାଧିକାରୀଙ୍କ ସହ ଉଦଳା କ୍ଲବର ପ୍ରତିଷ୍ଠାତା ଇଂ. ସୁବାଶ ଚନ୍ଦ୍ର ପଣ୍ଡା, ପ୍ରଥମ ମହିଳା ରୋଟାରିଆନ ରାଜଲକ୍ଷ୍ମୀ ଦାସ, ଉପସଭାପତି ସୁଦର୍ଶନ ପ୍ରଧାନ, ସଂପାଦକ ଚିତ ରଂଜନ ବାରିକ ପ୍ରମୁଖ ଅଂଶ ଗ୍ରହଣ କରି ସେବା କ୍ଷେତ୍ରରେ ସମଗ୍ର ପୃଥିବୀରେ ରୋଟାରି କ୍ଲବ କିପରି ସୁନାମ ଅର୍ଜନ କରିଛି ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଶୋକ କୁମାର ମହାନ୍ତି, ଡ଼ା. ଶଚିଦାନନ୍ଦ ପରିଡ଼ା, ଅଜୟ ବେହେରା, ବ୍ରହ୍ମାନନ୍ଦ ନାୟକ, ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଉଦଳା ରୋଟାରି କ୍ଲବ ତରପରୁ ବିଦ୍ୟାଳୟକୁ ୨ଟି ଛାତ ପଙ୍ଖା ପ୍ରଦାନ କରାଯିବା ସହ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା । ପ୍ରକାଶ ଥାଉକି ଏହି ବିଦ୍ୟାଳୟଟି ଉଦଳାର ପ୍ରଥମ ଘରୋଇ ବିଦ୍ୟାଳୟ ଭାବରେ ପରିଚିତ ।

## ପ୍ରାକୃତିକ ଜୈବସାର ପ୍ରୟୋଗରେ ଉନ୍ନତ ଚାଷ ପ୍ରଣାଳୀ ସଂପର୍କିତ ଶିକ୍ଷା କାର୍ଯ୍ୟକ୍ରମ

ବେତନଟୀ , ୨୮/୭ (ନି.ପ୍ର): ବେତନଟୀ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ପାଲ କମ୍ପ୍ଲେକ୍ସରେ 'ଶ୍ୟାମଚରଣ ମେମୋରିଆଲ ଏଜୁକେସନାଲ ଟ୍ରଷ୍ଟ 'ଦ୍ୱାରା ଏକ ଉନ୍ନତ ଚାଷ ପ୍ରଣାଳୀ ଓ ପ୍ରାକୃତିକ ସାର ପ୍ରୟୋଗ ଉପରେ ଗୁରୁତ୍ୱ ପ୍ରଦାନ ମୂଳକ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଜୈବ ବିବିଧତା, ପରିବେଶର ସନ୍ତୁଳନ ରକ୍ଷା, ଗୋବର ଖତ ଓ ଜିଆ ମାଟିର ବହୁଳ ବ୍ୟବହାର, ବିଶୋଧନ କରି ବିହନ ବୁଣିବା,କୃଷକ ମାନଙ୍କ ନିକଟରେ ବୈଷୟିକ ପରାମର୍ଶ ଓ ଉନ୍ନତ କୃଷି ପ୍ରଣାଳୀ ସମ୍ବନ୍ଧିତ ଶିକ୍ଷାପ୍ରଦାନ ଆଦି ଉପରେ ବିଷଦ ଆଲୋଚନା କରାଯାଇଥିଲା । ଏଥିରେ ବେତନଟୀ, ବଡ଼ସାହି ଓ ବୈଶିଙ୍ଗାରୁ ୩୦ ଜଣ ବୈଦ୍ୟୁତିକ ଓ ମୁଦ୍ରଣ ମିଡିଆର ସାମ୍ବାଦିକ ଯୋଗ ଦେଇଥିଲେ । ଶ୍ୟାମଚରଣ ଟ୍ରଷ୍ଟି ତରଫରୁ ସୋମା ପାଲ ଓ ବିକ୍ରମ ପାଲ କାର୍ଯ୍ୟକ୍ରମ ସମ୍ବନ୍ଧିତ ତାଲିମ ପ୍ରଦାନ କରିଥିଲେ ।




ପରିଚାଳନାରେ ଟ୍ରଷ୍ଟର ସୁଜିତ ପାଲ, ତାପସ ଆଦି ସହଯୋଗ କରିଥିଲେ । ସଂପ୍ରତି ରାସାୟନିକ ସାରର ବହୁଳ ବ୍ୟବହାର ଯୋଗୁଁ ଜମିର ଉର୍ବରତା କ୍ରମଶଃ ହ୍ରାସ ପାଇବା ସହିତ ଆଗାମୀ ବର୍ଷମାନଙ୍କରେ ପରିବେଶ ଦୂଷିତ, ଚାଷୀର ସ୍ୱାସ୍ଥ୍ୟହାନୀ,ବିହନ ଓ ମୃତ୍ତିକାର ଉତ୍ପାଦନ ଶକ୍ତି ହ୍ରାସ, ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ବିପର୍ଯ୍ୟୟର ପ୍ରତିକାର ନିମନ୍ତେ ଚାଷୀମାନଙ୍କୁ ତାଲିମ୍ ସହ ବୈଷୟିକ ପରାମର୍ଶ ପ୍ରଦାନ,ମୃତ୍ତିକା ପରୀକ୍ଷା, ଉନ୍ନତମାନର ବିହନ ସଂଗ୍ରହ, ଜଳସେଚନର ବ୍ୟବସ୍ଥା ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗମାନ ଉଦାହରଣ ସହ ଆଲୋଚନା କରାଯାଇଥିଲା । ଅଧିକ ଗୋପାଳନ,ମହୁମାଛି ଚାଷ, ଜୈବିକ ସାର ପ୍ରୟୋଗ କରି ଉତ୍ପାଦନ ବୃଦ୍ଧି ଉପରେ ଚାଷୀମାନେ ଜାଣିବାକୁ ବଡସାହି ଓ ବେତନଟୀ ବ୍ଲକ୍‌ର ଗ୍ରାମାଞ୍ଚଳରେ ଶତାଧିକ ଏଭଳି ତାଲିମ ଶିବିର ଆୟୋଜିତ ହେଲାଣି ବୋଲି ଟ୍ରଷ୍ଟ ତରଫରୁ ସୂଚନା ଦିଆଯାଇଥିଲା । ସମସ୍ତ ସ୍ଥାନରେ ଜମିର ଉର୍ବରତା ସମାନ ନ ଥିବାରୁ ଏଥି ନିମନ୍ତେ ବୈଷୟିକ ପରାମର୍ଶ ଯିଏ ଯେଉଁ ସ୍ଥିତିରେ ଚାଷ କାର୍ଯ୍ୟରେ ପହଞ୍ଚିଥିଲେ ମଧ ସଂସ୍ଥା ସହ ଯୋଗାଯୋଗ କରିପାରିବେ ବୋଲି ଜଣାଇଥିଲେ । ଚାଷୀର ଉତ୍ପାଦନ କମିଲେ, ସାମଗ୍ରିକ ଭାବେ ଦେଶର ଉତ୍ପାଦନ ହାର କମିଥାଏ ।ଏଣୁ ଏହି ଟ୍ରଷ୍ଟ ଚାଷୀମାନଙ୍କ ସାଥିଭାବେ ଓ ସ୍ୱାର୍ଥରକ୍ଷାରେ କାର୍ଯ୍ୟ କରିଥାଏ ବୋଲି ଆୟୋଜକଗଣ ସ୍ୱଷ୍ଟକ୍ତି ଦେଇଥିଲେ । ପ୍ରାରମ୍ଭରେ ଉଦ୍ଦେଶ୍ୟ ଜ୍ଞାପନ, କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ ଓ ଧନ୍ୟବାଦ ଜ୍ଞାପନ କରିଥିଲେ ପାଇଲଟ ଓରଫ କିଶୋର କୁମାର ନାୟକ।

## ପାନଚାଷକୁ କୃଷିର ମାନ୍ୟତା ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଅନ୍ତର୍ଭୁକ୍ତ କରିବାପାଇଁ ପାନଚାଷୀଙ୍କ ବୈଠକ

ବାଲିଆପାଳ/ଲଙ୍ଗଳେଶ୍ୱର, ୨୮/୭ (ନି.ପ୍ର): ଓଡ଼ିଶା ସରକାର କୃଷି ଓ କୃଷକ ମାନଙ୍କୁ ଅଗ୍ରାଧିକାର ଦେଇ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରି କୃଷି ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ପ୍ରୟାସ ଜାରି ରଖିଛନ୍ତି। ହେଲେ ଆଜିଯାଏ ପାନ ଚାଷକୁ କୃଷିର ମାନ୍ୟତା ପ୍ରଦାନ କରି ନାହାନ୍ତି ।ଯାହା ଫଳରେ ବ୍ୟୟ ବହୁଳ ପାନ ଚାଷ ରେ ଚାଷୀ ବିଭିନ୍ନ ସମୟ ରେ ପ୍ରାକୃତିକ ବିପର୍ଯ୍ୟୟରେ ବହୁ କ୍ଷତି ସହିଲେ ମଧ ଫଳ ବିମାରୁ ସାହାଯ୍ୟ ପାଇପାରୁ ନାହାଁନ୍ତି। ବ୍ୟୟ ବହୁଳ ପାନ ଚାଷରେ ପାନର ଉଚିତ ମୂଲ୍ୟ ନପାଇବା ସହିତ ପ୍ରଧାନ ମନ୍ତ୍ରୀ ଫସଲ ବୀମରେ ପାନକୁ ଅନ୍ତର୍ଭୁକ୍ତ କରାଯାଇ ନଥିବାରୁ ଚାଷୀ ସମୟ ସମୟ ରେ ବହୁ କ୍ଷତି ସାହୁଛନ୍ତି। ସେଥିପାଇଁ ପାନଚାଷକୁ କୃଷିର ମାନ୍ୟତା ସହିତ ପାନ ଚାଷକୁ ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଅନ୍ତର୍ଭୁକ୍ତ କରିବା ପାଇଁ ଶନିବାର ସନ୍ଧ୍ୟା ରେ ଗଦାଧର ଗିରି ସ୍ମୃତି ବିକାଶ ପାରିଷଦ ବାଲିଆପାଳର ଆବାହକ ସ୍ୱର୍ଗତ ଗଦାଧର ଗିରିଙ୍କ ପୁତ୍ର ବିକାଶ ଗିରି ଙ୍କ ଆହ୍ୱାନ




କ୍ରମେ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଆଳାଡିହା ପଂଚାୟତର ବାଲିବିଲ ବହୁମୁଖି ବାତ୍ୟା ଆଶ୍ରୟ ସ୍ଥଳୀ ପରିସରରେ ସମଗ୍ର ବାଲିଆପାଳ ଅଞ୍ଚଳର ପାନ ଚାଷୀମାନେ ଏକତ୍ରିତ ହୋଇ ପାନଚାଷକୁ କୃଷିର ମାନ୍ୟତା ଓ ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଉଛି। ପାରିଷଦର ସ୍ଥାୟୀ ସଭାପତି ଧୀରେନ୍ଦ୍ର ନାଥ ହାଜିରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦକ୍ଷିଣ ବାଲିଆପାଳ ଅଞ୍ଚଳର ଚାଷୀ ସଚିନ୍ଦ୍ର ପାତ୍ର, ଚକ୍ରଧର ମଣ୍ଡଳ, ଭକ୍ତ ହରି ଦାସ, ଆଳାଡ଼ିହା ପଂଚାୟତର ସମିତି ସଦସ୍ୟ ରାଜୀବ ରାୟ, ବସନ୍ତ ପ୍ରଧାନ, ସୃଷ୍ଟି ଧର ନାୟକ,ବସନ୍ତ ଘଣ୍ଟି, ଶଶଧର ପରିଡ଼ା,ଜୟକୃଷ୍ଣ ଜେନା, କୁମୁଦ ରଞ୍ଜନ ଜେନା ଙ୍କ ସହିତ ବହୁ ପାନ ଚାଷୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥଲେ ।ଆଗମୀ ଦିନରେ ସବୁଠି ଚାଷୀଙ୍କୁ ସଂଗଠିତ କରି ପାନ ଚାଷକୁ କୃଷି ମାନ୍ୟତା ସହିତ ପ୍ରଧାନ ମନ୍ତ୍ରୀ ଫସଲ ବିମାରେ ଅନ୍ତର୍ଭୁକ୍ତ କରିବା ପଇଁ ଉପସ୍ଥିତ ଚାଷୀ ମାନେ ସ୍ୱର୍ଗର ଗଦାଧର ଗିତିଙ୍କ ପୁତ୍ର ବିକାଶ ଗିରିଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲା। ତେବେ ସରକାର ପାନଚାଷକୁ କୃଷି ର ମାନ୍ୟତା ଓ ପ୍ରଧାନମନ୍ତ୍ରୀ ଫସଲ ବିମାରେ ଅନ୍ତର୍ଭୁକ୍ତ ନକରନ୍ତି ତାହେଲେ ସମଗ୍ର ଓଡ଼ିଶାର ପାନଚାଷୀକୁ ଏକତ୍ରିତ କରି ଚାଷୀ ମାନଂକ ଦ୍ୱାର ଆନ୍ଦୋଳନକୁ ସରକାରଂକ ବିରୋଧରେ ତୀବ୍ର କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା କଥା ଗଦାଧର ଗିରି ସ୍ମୃତି ବିକାଶ ପରିଷଦର ଶ୍ରୀ ଗିରି କହିଛନ୍ତି।

## ପ୍ରଧାନ ପାଣିନାଳ ଉପର ବେଆଇନ୍ ସ୍ଥାୟୀ ପକ୍କାଘର ଗୃହ ନିର୍ମାଣ: ଉଚ୍ଛେଦ ଦାବି ନେଇ ଜିଲ୍ଲାପାଳଙ୍କୁ ପତ୍ର

ଭଦ୍ରକ, ୨୮/୭ (ନି.ପ୍ର): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅନ୍ତର୍ଗତ ଅଣିଜୋ ମାଇନର କେନାଲରୁ ବାହାରିଥିବା ଆଉଟ୍‌ଲେଟର ପ୍ରଧାନ ନାଳ ଉପରେ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ବେ୍ଆଇନ୍ ଭାବେ ସ୍ଥାୟୀ ପକ୍କାଘର ନିର୍ମାଣ କରିଥିବାରୁ ଏହାକୁ ଉଚ୍ଛେଦ ଦାବି ନେଇ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସମେତ ପାଣି ପଂଚାୟତ ସଭାପତି,ସମ୍ପାଦକ ଏବଂ ପଂଚାୟତବାସୀ ଜିଲ୍ଲାପାଳଙ୍କୁ ପତ୍ର ଲେଖିଥିବା ଜଣାପଡ଼ିଛି । ବନ୍ତ ବ୍ଲକ ଅନ୍ତର୍ଗତ ବଡ଼ମହିଁଷଗୋଠ ଓ ପୁରୁଷଣ୍ଡ ପଂଚାୟତର କୁଆଁଶମଡିଆ ରାଜସ୍ୱ ମୌଜାର ଗରୀବ,ନିମ୍ନ ମଧ୍ୟବିତ୍ତ ଏବଂ ମଧ୍ୟବିତ୍ତ ପରିବାରର ଚାଷୀ ମାନେ କୃଷି କାର୍ଯ୍ୟ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି । ସେମାନଙ୍କ ଅଭିଯୋଗ ଅନୁଯାୟୀ;ସରକାରୀ ଚକବନ୍ଦୀ ନକ୍ସା ଅନୁସାରେ ଅଣିଜୋ ଶାଖା କେନାଲ(କୁଆଁଶମଡିଆ ମୌଜା ଜଳସେଚନ ଅଫିସ ସନ୍ନିକଟ)ରୁ ଆଉଟ୍‌ଲେଟ୍ ଦ୍ୱାରା ଏକ ପ୍ରଧାନ ପାଣିନାଳ ଖାତା ନଂ-୨୮୪,ପ୍ଲଟ ନଂ-୫୧,ରକବା-ଏ୦-୧୧ଡ଼ି. ଦୀର୍ଘ ୫୦୦ ମି.ପର୍ଯ୍ୟନ୍ତ ସ୍ଥିତାବସ୍ଥା ହରାଇ ବସିଛି । ପରିତାପର ବିଷୟ ଉକ୍ତ ଆଉଟ୍‌ଲେଟ୍ ଆରମ୍ଭରୁ ପ୍ରଧାନ ପାଣିନାଳ ଉପରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବେଆଇନ୍ ଭାବେ ପକ୍କାଘର ନିର୍ମାଣ କରିବା ସହ ଉକ୍ତ ମୌଜାର ପାଖାପାଖି ୨୫ରୁ ଉର୍ଦ୍ଧ୍ୱ ପ୍ରଧାନ ପାଣିନାଳ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଅବରୋଧ କରାଯାଇଅଛି । ଯଦ୍ୱାରା ସମସ୍ତ ଚାଷ ଜମିକୁ ଜଳ ନିଷ୍କାସନ ହୋଇପାରୁନାହିଁ କି ଚାଷ ଜମିରେ ପାଣି ପହଂଚି ପାରୁନାହିଁ । ଅପର ପକ୍ଷରେ କେନାଲ ଜଳ ନପାଇ ମଧ୍ୟ ସେମାନେ ଜଳକର ଦେବାକୁ ବାଧ୍ୟ ହେଉଛନ୍ତି । ତେଣୁ ଏହାର ବିଧିବଦ୍ଧ ତଦନ୍ତ କରିବା ସହ ପ୍ରଧାନ ପାଣିନାଳ ଉପରେ ବେଆଇନ୍ ସ୍ଥାୟୀ ପକ୍କାଗୃହକୁ ଉଚ୍ଛେଦ ଓ ଅବରୋଧ ହୋଇ ରହିଥିବା ସମସ୍ତ ପ୍ରଧାନ ପାଣିନାଳକୁ ଅବରୋଧ ମୁକ୍ତ କରିବା ପାଇଁ ଆଗରପଡ଼ା ୧୪ ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟା ରୁନିତା ଦାସ,ବିଟିପୁର ସରପଂଚ ସୁଭଦ୍ରା ସିଂହ,ବଡ଼ମହିଁଷଗୋଠ ସରପଂଚ ବିନୋଦିନୀ ମହାନ୍ତି,ପୁରୁଷଣ୍ଡ ସରପଂଚ ପ୍ରକାଶ ବିଶ୍ୱାଳ, ବଡ଼ମହିଁଷଗୋଠ ସମିତି ସଭ୍ୟା ପଦ୍ମାବତୀ ନାଥଶର୍ମା,ମା'ଚଣ୍ଡି ପାଣି ପଂଚାୟତ ସଭାପତି ଦିପକ ମହାନ୍ତି, ସମ୍ପାଦକ ପଦ୍ମଲୋଚନ ନାଥଶର୍ମାଙ୍କ ସମେତେ କୁଆଁଶମଡିଆ ଅଧିନସ୍ଥ ସମସ୍ତ ଚାଷୀ ଓ ପଂଚାୟତ ବାସୀ ଜିଲ୍ଲାପାଳଙ୍କୁ ପତ୍ର ଲେଖିଥିବା ଜଣାପଡ଼ିଛି । ତତ୍ ସହିତ ଏହାର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ (ରେଭିନ୍ୟୁ) ଭଦ୍ରକ, ତହସିଲଦାର ବନ୍ତ ଓ ନିର୍ବାହୀଯନ୍ତ୍ରୀ କାଡ଼ା,ଭଦ୍ରକଙ୍କୁ ପ୍ରେରଣ କରିଥିବା ଜଣାପଡ଼ିଛି ।

## ଅଧ୍ୟାପକ ଡ.ପ୍ରଦୀପ୍ତ ମିଶ୍ର ଫୁଲବାଣୀ ସରକାରୀ ମହାବିଦ୍ୟାଳୟରୁ ସମ୍ବର୍ଦ୍ଧିତ

ନୀଳଗିରି, ୨୮/୭ (ନି.ପ୍ର): ଓଡ଼ିଆ ଅଧ୍ୟାପକ ସଂଗୋଷ୍ଠୀ ଓଡ଼ିଶା ଆନୁକୂଲ୍ୟରେ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ, ଆୟୋଜିତ ଦୁଇଦିନିଆ ଜାତୀୟ କର୍ମଶାଳାର ଦ୍ୱିତୀୟ ଦିବସରେ ସାଂପ୍ରତିକ ଶିକ୍ଷାଦାନ ଶୈଳୀ ଉପରେ ଏକ ଗବେଷଣାଧର୍ମୀ ପ୍ରବନ୍ଧ ଉପସ୍ଥାପନ କରି ,ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ସମ୍ବର୍ଦ୍ଧିତ ହୋଇଛନ୍ତି । ଜଣେ ଅଧ୍ୟାପକ ଜାଣେ ବ୍ୟାପ୍ତ ହିଁ ବ୍ୟାପ୍ତିର ବଳୟ । ସେହି ଆଧାରରେ ଡ. ମିଶ୍ର ଶିକ୍ଷାଦାନ ପଦ୍ଧତି କିପରି ଅନ୍ତରଙ୍ଗ ଅନୁଭବକୁ, ଆଗରେ ସାଧନନିଷ୍ଠ ତପସ୍ୟା ଜାରି ରଖି ଆଗକୁ ବଢ଼ିବାକୁ ହୁଏ,ତାହା ଉପରେ ଗୁରୁତ୍ୱପ୍ରଦାନ କରିହେବ ତାହା ପ୍ରକାଶ କରିଥିଲେ । ଉକ୍ତ କର୍ମଶାଳାରେ ଓଡିଶାର ବହୁ ପ୍ରାକ୍ତନ ଓ ଏବର ପ୍ରାଧ୍ୟାପକ ଓ ଅଧ୍ୟାପକ ଅଧ୍ୟାପିକା ମାନେ ଯୋଗ ଦେଇ ଥିଲେ । ଏହି ଅବସରରେ ମଧ୍ୟଯୁଗୀୟ ସାହିତ୍ୟର ଧୂରୀଣ ତଥା ବରିଷ୍ଠ ପ୍ରାଧ୍ୟାପକ ଡ. ବାଉରୀବନ୍ଧୁ ସାହୁ ଅଧ୍ୟାପକ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo